# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ମାର୍ଚ୍ଚ ୯ /୨୦୧୯ (୧୬+୪ ପୃଷ୍ଠା) (ପିଲାଙ୍କ ଧରିତ୍ରୀ ସହ) Rayagada, Saturday, March 9 / 2019 ★

୯ମ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



ଓଡ଼ିଶା ସରକାର

DSPL-493

# କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

# ଚାଷୀ ମହାସମାବେଶ
## କନ୍ଧମାଳ
୯ ମାର୍ଚ୍ଚ ୨୦୧୯ ଶନିବାର

**ମାର୍ଚ୍ଚ ୨୦** ପର୍ଯ୍ୟନ୍ତ ପ୍ରତି ଗ୍ରାମ ପଞ୍ଚାୟତରେ
ପ୍ରଦର୍ଶିତ ହେବ **ତୃତୀୟ ପର୍ଯ୍ୟାୟ**
ହିତାଧିକାରୀ ତାଲିକା

ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ
ମିଳିବ **ଏପ୍ରିଲ ୧**ରୁ **କାଳିଆ**
ସହାୟତା



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ
ବଞ୍ଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

କାଳିଆ
ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

## କାଳିଆ ଛାତ୍ରବୃତ୍ତି

ଯୋଗ୍ୟ ଶିକ୍ଷାର୍ଥୀ ଆବେଦନ କରନ୍ତୁ
kalia.co.in/scholarship

39001/13/0033/1819



ବାୟୁସେନା ପାଇଲଟମାନେ ପାକିସ୍ତାନର ନିର୍ଦ୍ଦିଷ୍ଟ ଆତଙ୍କବାଦୀ ଶିବିର ଧ୍ୱଂସ ମିଶନରେ ଥିଲେ। ସେମାନେ ପୁଷ୍ପ ବୃଷ୍ଟି କରିବାକୁ ଯାଇ ନ ଥିଲେ।

- ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

### ଭାରତ-ପାକିସ୍ତାନ ଉତ୍ତେଜନା: ନ୍ୟୁୟର୍କ ଟାଇମ୍ସର ରିପୋର୍ଟ

# ଆଣବିକ ଯୁଦ୍ଧ ଆଶଙ୍କା

ୱାଶିଂଟନ,୮।୩(ପି.ଟି.)

କଶ୍ମୀର ହେଉଛି ଭାରତ ଓ ପାକିସ୍ତାନ ମଧ୍ୟରେ କଳହର ମଞ୍ଜି। ଏହି ଦୀର୍ଘ ସମସ୍ୟାର ସମାଧାନ ପାଇଁ ଦୁଇ ପଡ଼ୋଶୀ ବିଶେଷ ପ୍ରୟାସ କରୁ ନାହାନ୍ତି। ଫଳରେ ଆଗକୁ କଶ୍ମୀର ପ୍ରସଙ୍ଗକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଆଣବିକ ଯୁଦ୍ଧ ହେବାର ଅନେକ ଆଶଙ୍କା ରହିଛି ବୋଲି ଆମେରିକାର 'ନ୍ୟୁୟର୍କ ଟାଇମ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ଆମେରିକାର ଏହି ଅଗ୍ରଣୀ ଖବରକାଗଜରେ ଗୁରୁବାର ପ୍ରକାଶିତ ନିବନ୍ଧରେ ସମ୍ପାଦକୀୟ ମଣ୍ଡଳୀ ଉଲ୍ଲେଖ କରିଛନ୍ତି ଯେ, ସମ୍ପ୍ରତି ଯଦିଓ ଭାରତ ଓ ପାକିସ୍ତାନ ମଧ୍ୟରେ ସାମୟିକ ଭାବେ ଉତ୍ତେଜନା ପ୍ରଶମିତ ହୋଇଛି, ତଥାପି ଦୁଇଦେଶର ଆଣବିକ ଯୁଦ୍ଧାସ୍ତ୍ର କୌଣସି ସମୟରେ ଅକଳ୍ପନୀୟ ପରିଣତିକୁ ଜନ୍ମ ଦେଇପାରେ। ଦୁଇଦେଶର ଆପେକ୍ଷିକ ନୀରବତା ଏକ ସମାଧାନ ନୁହେଁ। ଏଭଳି ସମୟରେ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ଉତ୍ତେଜନା ହ୍ରାସ ପାଇଁ ଆମେରିକା ହସ୍ତକ୍ଷେପ କରିବା ଆବଶ୍ୟକ।


The New York Times

Opinion

This Is Where a Nuclear Exchange Is Most Likely. (It's Not North Korea.)

Tensions have cooled between India and Pakistan after a terrorist attack, but their nuclear arsenals mean unthinkable consequences are always possible.

By The Editorial Board

The editorial board represents the opinions of the board, its editor and the publisher. It is separate from the newsroom and the Op-Ed section.

March 7, 2019

ମୂଳ ପ୍ରସଙ୍ଗ 'କଶ୍ମୀର ବିବାଦ'ର ସମାଧାନ ପାଇଁ ଭାରତ ଓ ପାକିସ୍ତାନ ଯେତେଦିନ ମନାକରୁଥିବେ, ଉପତ୍ୟକାର ଭବିଷ୍ୟତକୁ ନେଇ ସେତେଦିନ ଅପ୍ରତ୍ୟାଶିତ ଓ ଭୟଙ୍କର ପରିଣାମ ଭୋଗି ଚାଲିଥିବେ। ଦୁଇ ପଡ଼ୋଶୀ ଆଗକୁ ମୁହାଁମୁହିଁ ହେଲେ ଏତେ ସହଜରେ ସ୍ଥିତି ଶାନ୍ତ ହେବ ନାହିଁ ବୋଲି ନ୍ୟୁୟର୍କ ଟାଇମ୍ସ ଭବିଷ୍ୟବାଣୀ କରିଛି।

ଏହି ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପୁଲୱାମାରେ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିଲା। ପାକିସ୍ତାନକୁ ଏହାର ଜବାବ ଦେବାକୁ ଯାଇ ଭାରତ ବାଲାକୋଟରେ ଥିବା ଜେଇଏମ୍‌ର ସବୁଠୁ ବଡ଼ ତାଲିମ ଶିବିରକୁ ଟାର୍ଗେଟ କରିଥିଲା। ଭାରତୀୟ ବାୟୁସେନା (ଆଇଏଏଫ୍)ର ବୋମାମାଡ଼ ଯୋଗୁ ସ୍ତବ୍ଧ ପାକିସ୍ତାନ ପରଦିନ ବାୟୁସୀମା ଉଲ୍ଲଂଘନ କରି ଭାରତ ଉପରେ ଆକ୍ରମଣ କରିଥିଲା। ପାକିସ୍ତାନୀ ସେନା ଦୀର୍ଘବର୍ଷ ଧରି ଚାଲିଥିବା ଲଢ଼େଇରୁ ଓହରିବା ପାଇଁ ଚାହୁଁ ନ ଥିଲେ ହେଁ ସେଠାକାର ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏକ ଭଲ ପଦକ୍ଷେପ ନେଇଛନ୍ତି। ମାର୍ଚ୍ଚ ୧ରେ ସେ ଆଇଏଏଫ୍ ପାଇଲଟ ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଭାରତକୁ ଫେରାଇ ଦେବା ଶାନ୍ତି ଦିଗରେ ଏକ ପଦକ୍ଷେପ ଭାବେ ଦେଖାଯାଉଛି। ପୁଲୱାମା ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ନେଇ ଇମ୍ରାନ୍ ତାଙ୍କର ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ପ୍ରମାଣ ମାଗିବା ସହ କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଉତ୍ତେଜନା ବୃଦ୍ଧି ଲାଗି ଏହାକୁ ଏକ ସୁଯୋଗ ଭାବେ ବ୍ୟବହାର କରିଥିଲେ। ଭାରତରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ମୋଦି ପୁଣିଥରେ କ୍ଷମତାକୁ ଫେରିବା ଲାଗି ପ୍ରଚାର ବେଳେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ବିବାଦର ମଞ୍ଜି କଶ୍ମୀର**

- କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ଜୈଶ୍
- ଦୁଇଦେଶ ମଧ୍ୟରେ ଉତ୍ତେଜନା ସାମୟିକ ଭାବେ ହ୍ରାସ ପାଇଛି
- ଭାରତ-ପାକିସ୍ତାନ ମୁହାଁମୁହିଁ ହେଲେ ଦେଖାଦେବ ଭୟାବହ ସ୍ଥିତି
- ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଇ ହିନ୍ଦୁ ଜାତୀୟତାବାଦକୁ ଇନ୍ଧନ ଯୋଗାଉଛନ୍ତି ମୋଦି

ଭାରତର ଆତଙ୍କବାଦ ନିରୋଧୀ ଦକ୍ଷତା ବୃଦ୍ଧିରେ ଆମେରିକା ସହାୟକ ହୋଇପାରିବ। ଆମେରିକାର ସହାୟତାରେ ଭାରତ ଭବିଷ୍ୟତରେ ସମ୍ଭାବ୍ୟ ଆକ୍ରମଣର ମୁକାବିଲା ଲାଗି ପ୍ରସ୍ତୁତ ହୋଇପାରିବ। କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ହେଉଛି ବୋଲି ଜାତିସଂଘ ଓ ଅନ୍ୟ କେତେକ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଆପତ୍ତି ଉଠାଯାଉଛି। ଏଭଳି ସମୟରେ ଅନ୍ତର୍ଜାତୀୟ ଚାପ ନ ହେଲେ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ବାହାରିବା ଆଶା କ୍ଷୀଣ ଏବଂ ଆଣବିକ ଯୁଦ୍ଧର ଆଶଙ୍କା ଅଧିକ ରହିଛି।

ଆମେରିକା ଭାରତକୁ କଶ୍ମୀର ପ୍ରସଙ୍ଗରେ ନିଜ ଅଭିମୁଖ୍ୟରେ ପରିବର୍ତ୍ତନ ଲାଗି ପ୍ରୋତ୍ସାହିତ କରିପାରେ। ଭାରତ-ପାକିସ୍ତାନ ବିବାଦରୁ ପଛଘୁଞ୍ଚା ଦେବାକୁ ନିଷ୍ପତ୍ତି ନେଲେ ବିଶ୍ୱର ଦୁଇ ସର୍ବାଧିକ ବିରୋଧୀ ପଡ଼ୋଶୀଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେରିକା ଆଗେଇଆସିବା ଉଚିତ। କାରଣ ବିଗତ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ଓ ପାକିସ୍ତାନ ୩ଟି ଯୁଦ୍ଧ ଲଢ଼ିସାରିଛନ୍ତି। ଜମ୍ମୁ-କଶ୍ମୀରରେ ଆକ୍ରମଣ କରୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ ପାକିସ୍ତାନ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ କେବେ ନେଇ ନ ଥିଲା। ହେଲେ କଶ୍ମୀରର ସ୍ୱାଧୀନତା ପାଇଁ ଲଢ଼େଇ କରୁଛି ବୋଲି କହୁଥିବା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କ ଭାଇ ଓ ପୁଅଙ୍କ ସମେତ ୪୪ ଆତଙ୍କବାଦୀଙ୍କୁ ଗିରଫ କରି ଏହି ସଙ୍ଗଠନର କେତେକ ସମ୍ପତ୍ତି ବାଜ୍ୟାପ୍ତ ଯୋଜନା କରିଛି। ତେବେ ପାକିସ୍ତାନ ଏଭଳି ପ୍ରତିଶ୍ରୁତିଗୁଡ଼ିକ ପୂର୍ବରୁ ପାଳନ କରିଥିବା ପ୍ରାୟତଃ ଦେଖିବାକୁ ମିଳିନାହିଁ।



"ପୁଲୱାମା ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ତୁରନ୍ତ ପୃଷ୍ଠା ଓଲଟାଇ ପରସ୍ପର ସହ ଆଲୋଚନା କରନ୍ତୁ। ଦୁଇ ପଡ଼ୋଶୀ ବର୍ତ୍ତମାନର ସଙ୍କଟକୁ ଦ୍ୱିପାକ୍ଷିକ ସମ୍ପର୍କରେ ମୌଳିକ ଉନ୍ନତି ପାଇଁ ଏକ ସୁଯୋଗରେ ପରିଣତ କରନ୍ତୁ।

-ୱାଙ୍ଗ୍ ୟି, ଚାଇନା, ବହିର୍ବ୍ୟାପାର ମନ୍ତ୍ରୀ



"ପୁଲୱାମା ଆକ୍ରମଣ ପରେ ଭାରତୀୟ ବାୟୁସେନା ବାଲାକୋଟରେ କରିଥିବା ବୋମାମାଡ଼କୁ ନେଇ ପ୍ରଥମେ ପାକିସ୍ତାନ ନିଜେ ଟୁଇଟ୍ କରିଥିଲା। ଆମ କାର୍ଯ୍ୟାନୁଷ୍ଠାନକୁ ନେଇ ଯେଉଁମାନେ ପ୍ରମାଣ ମାଗୁଛନ୍ତି ସେମାନେ ପାକିସ୍ତାନକୁ ସନ୍ତୁଷ୍ଟ କରୁଛନ୍ତି। ୧୩୦ କୋଟି ଭାରତୀୟ ମୋର ପ୍ରମାଣ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



"ପାକିସ୍ତାନ ଭୂଖଣ୍ଡ ଭିତରେ ସକ୍ରିୟ ଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ବିରୋଧରେ ଇସ୍‌ଲାମାବାଦ ନିରନ୍ତର ଓ ଅପରିବର୍ତ୍ତନୀୟ କାର୍ଯ୍ୟାନୁଷ୍ଠାନ ନେଉ। ଏହାଦ୍ୱାରା ଭବିଷ୍ୟତରେ ଆକ୍ରମଣକୁ ଏଡାଯାଇ ଆଞ୍ଚଳିକ ନିରାପତ୍ତାକୁ ପ୍ରୋତ୍ସାହିତ କରାଯାଇ ପାରିବ।

-ରବର୍ଟ ପଲ୍ଲାଡିନୋ, ଆମେରିକା ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର




ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୁକ୍ରବାର ଚେନ୍ନାଇର ଜଣେ କଲେଜ ଛାତ୍ରୀ ନିଜ ମୁହଁରେ ପେଣ୍ଟିଂ କରାଇଛନ୍ତି।

### କଶ୍ମୀରୀଙ୍କ ଉପରେ ଆକ୍ରମଣ

## ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୩

କଶ୍ମୀରୀମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରାଜ୍ୟଗୁଡ଼ିକୁ ଆହ୍ୱାନ କରିଛନ୍ତି। ଦେଶରେ ଏକତାର ବାତାବରଣ ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ଗୁରୁବାର ଲକ୍ଷ୍ନୌରେ ୨ ଜଣ କଶ୍ମୀରୀଙ୍କୁ ଆକ୍ରମଣ କରାଯାଇଥିଲା। ଉତ୍ତରପ୍ରଦେଶ ସରକାର ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆକ୍ରମଣର ଭିଡିଓ ଭାଇରାଲ ହେବା ପରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି।

## ମିଜୋରାମ ରାଜ୍ୟପାଳ ଇସ୍ତଫା ଦେଲେ

ଥିରୁଭାନନ୍ତପୁରମ୍,୮।୩(ପି.ଟି.)

ମିଜୋରାମ ରାଜ୍ୟପାଳ କୁମ୍ମନାମ ରାଜଶେଖରନ ଶୁକ୍ରବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ଆଗାମୀ ଲୋକ ସଭା ନିର୍ବାଚନ ଥିରୁଭାନନ୍ତପୁରମ୍‌ରୁ ଲଢ଼ିବା ନେଇ ଚର୍ଚ୍ଚା ହେଉଛି । ଭାଜପା ଏପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରି ନ ଥିଲେ ମଧ୍ୟ ରାଜଶେଖରନ କଂଗ୍ରେସ ଏମ୍‌ପି ଶଶୀ ଥରୁରଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହେବାର ଯଥେଷ୍ଟ ସମ୍ଭାବନା ଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଆରଏସ୍‌ଏସ୍‌ର ସକ୍ରିୟ ସଦସ୍ୟ ତଥା ଭାଜପାର ପୂର୍ବତନ ରାଜ୍ୟ ସଭାପତି ରାଜଶେଖରନ୍‌ଙ୍କୁ ଗତବର୍ଷ ମେ ମାସରେ ମିଜୋରାମ ରାଜ୍ୟପାଳ କରାଯାଇଥିଲା। ସେ ପୁଣି ଥରେ ସକ୍ରିୟ ରାଜନୀତିକୁ ଫେରିବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।



କୁମ୍ମନାମ ରାଜଶେଖରନ

**ଥରୁରଙ୍କ ବିରୋଧରେ ଭାଜପାରୁ ହୋଇପାରନ୍ତି ପ୍ରାର୍ଥୀ**

## ଜମ୍ମୁ ଆକ୍ରମଣକାରୀ ନବମ ଶ୍ରେଣୀ ଛାତ୍ର

ଜମ୍ମୁ,୮।୩(ପି.ଟି.)

ଜମ୍ମୁ ବସ୍‌ଷ୍ଟାଣ୍ଡରେ ଗ୍ରେନେଡ ଆକ୍ରମଣ କରିଥିବା ଅଭିଯୁକ୍ତ ଜଣେ ନାବାଳକ ଓ ତାଙ୍କ ବୟସ ୧୬ ବର୍ଷ। ନବମ ଶ୍ରେଣୀରେ ପଢୁଥିବା ଏହି ନାବାଳକ କୁଲ୍‌ଗାମ୍‌ରୁ ଲଞ୍ଚ ବକ୍ସରେ ଗ୍ରେନେଡ ଆଣିଥିଲେ। ଆକ୍ରମଣ ପାଇଁ ହିଜ୍‌ବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀ ତାଙ୍କୁ ୫୦ ହଜାର ଟଙ୍କା ଦେଇଥିଲେ ବୋଲି ସେ ଜେରାବେଳେ ସ୍ୱୀକାର କରିଛନ୍ତି। ଗୁରୁତର ଆହତ ଥିବା ଅନ୍ୟ ଜଣଙ୍କର ଶୁକ୍ରବାର ମୃତ୍ୟୁ ଘଟିବା ଫଳରେ ଗ୍ରେନେଡ ଆକ୍ରମଣ ଜନିତ ମୃତ୍ୟୁସଂଖ୍ୟା ୨ରେ ପହଞ୍ଚିଛି। ଜମ୍ମୁ-କଶ୍ମୀରରେ ଆତଙ୍କ ସୃଷ୍ଟି ଲାଗି ଆତଙ୍କବାଦୀ ସଂଗଠନଗୁଡ଼ିକ ପୁଣି ଥରେ ନାବାଳକଙ୍କୁ ବ୍ୟବହାର କରିବା ଆରମ୍ଭ କରିଛନ୍ତି। ଆକ୍ରମଣକାରୀ ନାବାଳକଙ୍କ ଆଧାର କାର୍ଡ ଏବଂ ସ୍କୁଲ ରେକର୍ଡରୁ ତାଙ୍କ ଜନ୍ମ ତାରିଖ ୨୦୦୩ ମାର୍ଚ୍ଚ ୧୨ ବୋଲି ଜଣାପଡିଛି। କୁଲ୍‌ଗାମ୍‌ର ହିଜବୁଲ ଆତଙ୍କବାଦୀ ଫୟାଜ ଏହି ଗ୍ରେନେଡ ପ୍ରସ୍ତୁତ କରି ଏହାକୁ ଜମ୍ମୁର ଏକ ଜନଗହଳିପୂର୍ଣ୍ଣ ସ୍ଥାନକୁ ଫିଙ୍ଗିବା ପାଇଁ ମୁଜାମିଲ ନାମକ ଜଣେ ଯୁବକଙ୍କୁ କହିଥିଲେ। ସେ ମନା କରିଦେବା ପରେ କୌଣସି ପିଲା ହାତରେ ଗ୍ରେନେଡ ଦେବା ପାଇଁ ତାଙ୍କୁ ଫୟାଜ ପରାମର୍ଶ ଦେଇଥିଲେ। ଫଳରେ ନବମ ଶ୍ରେଣୀରେ ପଢୁଥିବା ଛୋଟୁ (ସାଙ୍କେତିକ ନାମ)ଙ୍କୁ ଏହି କାମ ଦିଆଯାଇଥିଲା।



**ଲଞ୍ଚ୍ ବକ୍ସରେ ଗ୍ରେନେଡ ଲୁଚାଇ ଆଣିଥିଲେ**

**ହିଜ୍‌ବୁଲ ଆତଙ୍କବାଦୀ ଦେଇଥିଲେ ୫୦ ହଜାର ଟଙ୍କା**

## ମିଗ୍-୨୧ ଦୁର୍ଘଟଣାଗ୍ରସ୍ତ

ଜୟପୁର,୮।୩(ପି.ଟି.)

ଭାରତୀୟ ବାୟୁସେନାର ଏକ ମିଗ୍-୨୧ ଯୁଦ୍ଧବିମାନ ରାଜସ୍ଥାନର ବିକାନେର୍ ଜିଲା ଅନ୍ତର୍ଗତ ଶୋଭାସର କୀ ଧାନି ଅଞ୍ଚଳରେ ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ପକ୍ଷୀ ସହ ମାଡ଼ ହେବାରୁ ଏହି ଦୁର୍ଘଟଣା ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡିଛି। ତେବେ ଏହାର ପାଇଲଟ ନିରାପଦରେ ସହ ଅବତରଣ କରିଛନ୍ତି। ନାଲ୍ ଏୟାରବେସ୍‌ରୁ ବିମାନଟି ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ପକ୍ଷୀ ସହ ଧକ୍କା ଲାଗିଥିଲା ବୋଲି ବାୟୁସେନା ମୁଖପାତ୍ର ଗ୍ରୁପ୍ କ୍ୟାପ୍ଟେନ ଅନୁପମ ବାନାର୍ଜୀ କହିଛନ୍ତି।

## ସିବିଆଇରେ ୫ ଏସ୍‌ପି ନିଯୁକ୍ତ

ନୂଆଦିଲ୍ଲୀ,୮।୩(ପି.ଟି.)

ସରକାର ଶୁକ୍ରବାର ସିବିଆଇରେ ୫ ଏସ୍‌ପିଙ୍କୁ ନିଯୁକ୍ତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସୁଧା ସିଂ, ଥମ୍‌ସନ ଜୋସ୍ ଏବଂ ଜୟଦେବନ୍ ଆଇପିଏସ୍ ଅଧିକାରୀ। ଅନ୍ୟ ଦୁଇଜଣ ଭାରତୀୟ ରାଜସ୍ୱ ସେବା ଅଧିକାରୀ। ୧୩୦୦୦ କୋଟି ଟଙ୍କାର ପିଏନ୍‌ବି ଦୁର୍ନୀତି ସମେତ ଅନେକ ବଡ଼ ଆର୍ଥିକ ଅନିୟମିତତା ମାମଲା ସିବିଆଇ ତଦନ୍ତ ପାଇଁ ଆସୁଥିବାରୁ ଦୁଇ ଆଇଆର୍‌ଏସ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ୨୦୦୬ ବ୍ୟାଚ୍‌ର ଆଇଆର୍‌ଏସ ଅଫିସର ଅଶୋକ କୁମାର ଏବଂ ୨୦୦୮ ବ୍ୟାଚର ଲଳିତ ମୋହନ ଜିନ୍ଦଲ।

### ଆଇଏଏଫ୍ ବୋମାମାଡ଼ରେ ବାଲାକୋଟରେ ଭାଙ୍ଗିଛି ୧୯ ଗଛ

## ମାମଲା ଦାଏର କଲା ପାକ୍



ଇସ୍‌ଲାମାବାଦ,୮।୩(ପି.ଟି.)

ପୁଲୱାମା ଆକ୍ରମଣର ଜବାବ ଦେବାକୁ ଯାଇ ଭାରତୀୟ ବାୟୁସେନା (ଆଇଏଏଫ୍) ଫେବୃୟାରୀ ୨୬ରେ ପାକିସ୍ତାନର ଖାଇବର-ପାଖ୍‌ତୁନ୍‌ଖ୍ୱା ପ୍ରଦେଶସ୍ଥିତ ବାଲାକୋଟରେ ବୋମାମାଡ଼ କରିଥିଲା। ମିରାଜ୍-୨୦୦୦ର ଏହି କାର୍ଯ୍ୟାନୁଷ୍ଠାନରେ ଜୈଶ୍ ଆତଙ୍କବାଦୀ ତାଲିମ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୩୫୦ ଆତଙ୍କବାଦୀ ନିହତ ହୋଇଥିବା ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀମାନେ କହୁଛନ୍ତି, ଯାହାକୁ ପାକିସ୍ତାନ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ଖଣ୍ଡନ କରୁଛି। ଆତଙ୍କବାଦୀଙ୍କ ମୃତ୍ୟୁସଂଖ୍ୟାକୁ ନେଇ ବିବାଦ ଥମି ନ ଥିବାବେଳେ ଶୁକ୍ରବାର ପାକିସ୍ତାନରେ ଆଇଏଏଫ୍ ବିରୋଧରେ ମାମଲା ଦାଏର ହୋଇଛି। ଭାରତୀୟ ବାୟୁସେନାର ଅଚିହ୍ନା ପାଇଲଟମାନେ ବାଲାକୋଟରେ ଭୋର ସମୟରେ ତରବରିଆ ଭାବେ ବୋମା ନିକ୍ଷେପ କରିଥିଲେ। ଏଥିଯୋଗୁ ୧୯ଟି ଗଛ ଭାଙ୍ଗିଯାଇଛି ବୋଲି ସେଠାକାର ବନ ବିଭାଗ ଅଧିକାରୀମାନେ ଦାଏର କରିଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ ରହିଛି। ଆଇଏଏଫ୍ ଯୁଦ୍ଧବିମାନ ଏକ ସଂରକ୍ଷିତ ଜଙ୍ଗଲକୁ ଟାର୍ଗେଟ କରି ପରିବେଶ ପ୍ରତି ବିପଦ ସୃଷ୍ଟି କରିଛି ବୋଲି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମଲିକ୍ ଅମିନ୍ ଅସ୍‌ଲମ୍ କହିଛନ୍ତି।

**ଫୁର୍‌ସତ**

## ଛାତ୍ରୀ ସମାବେଶରେ ଗୁଗଲ୍ ସିଇଓ

**ମୁମ୍ବାଇ:** ପ୍ରଯୁକ୍ତି ଓ ଜ୍ଞାନକୌଶଳ କ୍ଷେତ୍ରରେ ଅଧିକ ସଂଖ୍ୟାରେ ମହିଳାଙ୍କ ଅଂଶଗ୍ରହଣକୁ ଗୁରୁତ୍ୱ ଦିଅନ୍ତି ଗୁଗଲ୍ ସିଇଓ ସୁନ୍ଦର ପିଚାଇ। ସେ ମୁମ୍ବାଇରେ ଅନ୍ତର୍ଜାତୀୟ ମହିଳା ଦିବସରେ ଆୟୋଜିତ ଏକ ଛାତ୍ରୀ ସମାବେଶରେ ଯୋଗ ଦେଇ ଏ ସମ୍ପର୍କରେ ଟୁଇଟର୍‌ରେ ଲେଖିଛନ୍ତି, 'ମୁମ୍ବାଇରେ '#ଆଇଡବ୍ଲୁଡି ୨୦୧୯' ପାଳନ କରି ଖୁସି ଅନୁଭବ କରୁଛି। ସେମାନଙ୍କ ଅଭିଜ୍ଞତା, ଆହ୍ୱାନ ଏବଂ ସଫଳତା ସମ୍ପର୍କିତ କାହାଣୀ ମୋତେ ଅନୁପ୍ରେରିତ କରିଛି। ପରେ ସେ ପିଲାଙ୍କ ସହିତ କିଛି ସମୟ କାଟିଥିବା ଦେଖିବାକୁ ମିଳିଛି। ନୂଆକରି ଲଞ୍ଚ୍ ହୋଇଥିବା ଗୁଗଲ୍‌ର ରିଡିଙ୍ଗ୍ ଟ୍ୟୁଟର ଆପ୍ 'ବୋଲୋ' ଦ୍ୱାରା ପିଲାମାନେ ଖୁବ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଚଳିତ ସପ୍ତାହ ପ୍ରାରମ୍ଭରେ #ବୋଲୋ ଇନ୍ ଇଣ୍ଡିଆ ନାମକ ଏକ ରିଡିଂ ଟ୍ୟୁଟର ଆପ୍ ଲଞ୍ଚ୍ କରାଯାଇଥିଲା। ମାର୍ଚ୍ଚ ୫ରେ ଲଞ୍ଚ୍ ହୋଇଥିବା ଏହି ଆପ୍‌କୁ ମାତାପିତାମାନେ ଡାଉନଲୋଡ୍ କରି ପ୍ରାଥମିକ ପର୍ଯ୍ୟାୟରେ ପିଲାମାନଙ୍କୁ ହିନ୍ଦୀ ଓ ଇଂଲିଶ ପଠନ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇପାରିବେ ବୋଲି ପିଚାଇ ପ୍ରକାଶ କରିଛନ୍ତି।



## ପଦ୍ମା ଲକ୍ଷ୍ମୀ ଗୁଡୱିଲ୍ ଆମ୍ବାସାଡର



ଜାତିସଂଘ

ଭାରତୀୟ-ଆମେରିକୀୟ ଟେଲିଭିଜନ୍ କଳାକାର ତଥା ଖାଦ୍ୟ ବିଶେଷଜ୍ଞ ପଦ୍ମା ଲକ୍ଷ୍ମୀଙ୍କୁ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ନୂତନ ଗୁଡ୍‌ୱିଲ୍ ଆମ୍ବାସାଡର ଭାବେ ନିଯୁକ୍ତି ଦିଆଯାଇଛି। ବିଶ୍ୱରେ ଅସମାନତା ଏବଂ ପାତରଅନ୍ତର ବିରୋଧରେ ୟୁଏନ୍‌ଡିପିର ଲଢ଼େଇକୁ ପଦ୍ମା ଲକ୍ଷ୍ମୀ ସମର୍ଥନ କରିଆସୁଥିବାରୁ ତାଙ୍କୁ ଏହି ପଦବୀ ଦିଆଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ୟୁଏନ୍‌ଡିପି ପକ୍ଷରୁ ଲକ୍ଷ୍ମୀଙ୍କ ନିଯୁକ୍ତି ବିଷୟ ଘୋଷଣା କରାଯାଇଥିଲା। ୟୁଏନ୍‌ଡିପିର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ ଆଡମିନିଷ୍ଟ୍ରେଟର ଆଚିମ ଷ୍ଟାଇନର ଗୁଡୱିଲ୍ ଆମ୍ବାସାଡର ଭାବେ ଲକ୍ଷ୍ମୀଙ୍କ ନାମ ଘୋଷଣା କରିଥିଲେ। ପଦ୍ମା ଲକ୍ଷ୍ମୀ ଏକଦା ବିବାଦୀୟ ଲେଖକ ସଲମାନ୍ ରଶ୍‌ଦିଙ୍କ ସ୍ତ୍ରୀ ଥିଲେ। ୨୦୦୪ରେ ଦୁହିଁଙ୍କ ମଧ୍ୟରେ ଗଢ଼ି ଉଠିଥିବା ବୈବାହିକ ଜୀବନ ବେଶିଦିନ ତିଷ୍ଠିପାରି ନ ଥିଲା। ୩ ବର୍ଷର ଦାମ୍ପତ୍ୟ ଜୀବନ ଅତିବାହିତ କରିବାପରେ ୨୦୦୭ରେ ଦୁହିଁଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୦ | ୧୭.୦ |
| ଚାନ୍ଦବାଲି | ୩୦.୨ | ୧୯.୬ |
| କଟକ | ୩୨.୦ | ୧୮.୨ |
| ପାରାଦ୍ୱୀପ | ୨୯.୫ | ୨୦.୬ |
| ଭୁବନେଶ୍ୱର | ୩୩.୧ | ୨୦.୦ |
| ଗୋପାଳପୁର | ୩୨.୫ | ୨୨.୫ |
| ପୁରୀ | ୨୯.୬ | ୨୧.୩ |
| ଅନୁଗୋଳ | ୩୫.୧ | ୧୬.୮ |
| ବାରିପଦା | ୩୧.୦ | ୧୭.୬ |
| ଝାରସୁଗୁଡ଼ା | ୩୨.୮ | ୧୫.୪ |
| କେନ୍ଦୁଝର | ୨୯.୭ | ୧୫.୪ |
| ସମ୍ବଲପୁର | ୩୩.୦ | ୧୬.୨ |
| ସୁନ୍ଦରଗଡ଼ | ୩୩.୦ | ୧୪.୦ |
| ହୀରାକୁଦ | ୩୨.୯ | ୧୭.୧ |
| ତାଲଚେର | ୩୩.୩ | ୧୯.୭ |
| ଭବାନୀପାଟଣା | ୩୨.୮ | ୧୬.୮ |
| ବଲାଙ୍ଗୀର | ୩୩.୮ | ୧୬.୫ |
| କୋରାପୁଟ | ୩୧.୨ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୬.୦ |
| ମାଲକାନଗିରି | ୩୭.୦ | ୧୬.୬ |
| ସୋନପୁର | ୩୨.୮ | ୧୫.୪ |
| ଦାରିଙ୍ଗିବାଡ଼ି | ୨୯.୫ | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍

**[ଇତିହାସର ଆଇନାରେ]**

### ମାର୍ଚ୍ଚ ୯ର ପ୍ରମୁଖ ଘଟଣା

୧୯୭୬ ମାର୍ଚ୍ଚ ୯ରେ କାଭାଲିଜ୍ କାର୍ ଦୁର୍ଘଟଣାରେ ୪୨ ଲୋକଙ୍କ ମୃତ୍ୟୁ ଘଟିଥିଲା। ଇତିହାସରେ ଏହା ହେଉଛି ମରଣାନ୍ତକ କେବୁଲ୍ କାର୍ ଦୁର୍ଘଟଣା। ଏକ ପୂର୍ଣ୍ଣ ବୋଝେଇ କେବୁଲ କାର ଇଟାଲିୟାନ ସ୍କାଇ ରିସର୍ଟ କାଭାଲିଜ୍‌ରୁ ଅବତରଣ କରୁଥିବା ବେଳେ ଏହାର ସହାୟକ ଷ୍ଟିଲ୍ କେବୁଲ ଭାଙ୍ଗି ଯାଇଥିଲା।

୨୦୧୨ ମାର୍ଚ୍ଚ ୯ରେ ଗାଜାରୁ ୧୩୦ଟି ରକେଟ୍ ଇସ୍ରାଏଲ୍‌କୁ ମାଡ କରାଯାଇଥିଲା। ଏଥିରେ ୧୨ ପାଲେଷ୍ଟିନୀୟ ଉଗ୍ରପନ୍ଥୀ ପ୍ରାଣ ହରାଇଥିଲେ। ଗାଜା ଷ୍ଟ୍ରିପ୍ ବା ଗାଜା ହେଉଛି ସ୍ୱୟଂଶାସିତ ପାଲେଷ୍ଟିନୀୟ ଉପଖଣ୍ଡ। ଏହା ଭୂମଧ୍ୟସାଗରର ପୂର୍ବ ଉପକୂଳରେ ଅବସ୍ଥିତ ହୋଇଥିବା ବେଳେ ଏହାର ଦକ୍ଷିଣପଶ୍ଚିମରେ ଇଜିପ୍ଟ ଏବଂ ପୂର୍ବରେ ଇସ୍ରାଏଲ ରହିଛି।

# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ମାର୍ଚ୍ଚ ୯ /୨୦୧୯ | Rayagada, Saturday, March 9/ 2019 | ପୃଷ୍ଠା-୧




## ଅଧିନାୟକଭାବେ କୋହଲିଙ୍କ ରେକର୍ଡ

କ୍ୟାରିୟରର ୪୧ତମ ଦିନିକିଆ ଶତକ ସହ ବିରାଟ କୋହଲି ଅଧିନାୟକଭାବେ ଏକଦିବସୀୟ କ୍ରିକେଟରେ ଦ୍ରୁତ ୪୦୦୦ ରନ ପୂରଣ କରି ରେକର୍ଡର ଅଧିକାରୀ ହୋଇଛନ୍ତି ।

୧୩

୦୮

## 'କଳଙ୍କ'ରେ ଆଲିଆଙ୍କ ନୂଆ ଚାହାଣି

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଫିଲ୍ମ ନିର୍ମାତା କରନ୍ ଜୋହର 'କଳଙ୍କ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି ।




ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ପୋଲିସ ହାତରେ ବ୍ରାଉନ୍ ସୁଗାର



ପୋଲିସ ଡ୍ରାଇଭର ମାଡ ଖାଇବା ପରେ ତାଙ୍କୁ ଥାନାକୁ ନିଆଯାଉଛି ।



୩ ବ୍ରାଉନ ସୁଗାର ବେପାରୀଙ୍କୁ ବାନ୍ଧି ମାଡ ମାରୁଛନ୍ତି ବସ୍ତିବାସିନ୍ଦା ।

- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲାନି ପୋଲିସ
- ଆଇନ ହାତକୁ ନେଲେ ବସ୍ତି ବାସିନ୍ଦା
- ବ୍ରାଉନ୍ ସୁଗାର ବେପାରୀଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ
- ଥାନା ଡ୍ରାଇଭର ବି ଛେଚା ଖାଇଲେ

ଭୁବନେଶ୍ୱର,୮।୩ (ବ୍ୟୁରୋ)

ଜବତ ଆଳରେ ପୋଲିସ ବ୍ରାଉନ୍ ସୁଗାର ଲୁଚାଇବା ଘଟଣାରେ ଧରାପଡ଼ି ସ୍ଥାନୀୟ ଲୋକଙ୍କଠାରୁ ଛେଚା ଖାଇଛି । ଏଥିସହ ଲୋକେ ବ୍ରାଉନ ସୁଗାର କାରବାର କରୁଥିବା ୩ ଯୁବକଙ୍କୁ ମଧ୍ୟ ଏକ ଖୁଣ୍ଟରେ ବାନ୍ଧି ନିର୍ଘୂମ ପିଟିଛନ୍ତି । ଶୁକ୍ରବାର ଏଭଳି ଘଟଣା ନୟାପଲ୍ଲୀ ଥାନା ଅଧୀନ ସାଲିଆସାହିରେ ଘଟିଛି ।

ସାଲିଆସାହି ଅଞ୍ଚଳରେ ଖୋଲାଖୋଲି ଭାବେ ବ୍ରାଉନ୍ ସୁଗାର କାରବାର ଚାଲିଛି । ଏହାକୁ ବନ୍ଦ କରିବା ପାଇଁ ବସ୍ତି ବାସିନ୍ଦା ବାରମ୍ବାର ଥାନାରେ ଅଭିଯୋଗ କରିଥିଲେ । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶେଷରେ ବସ୍ତି ବାସିନ୍ଦା ଆଇନ ହାତକୁ ନେଇଛନ୍ତି । ବ୍ରାଉନ୍ ସୁଗାର ବ୍ୟବସାୟ କରୁଥିବା ୩ ଯୁବକଙ୍କୁ ସେମାନେ କାବୁ କରି ଏକ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମାରିଛନ୍ତି । ଥାନାର ଡ୍ରାଇଭର ପ୍ରମୋଦ ରାଉତ ବ୍ରାଉନ ସୁଗାର ଜବତ କରିବା ଆଳରେ ଲୁଚାଇ ରଖିଥିବା ଜଣାପଡ଼ିବା ପରେ ତାଙ୍କୁ ଲୋକେ ଉତ୍ତମ ମଧ୍ୟମ ଦେଇଛନ୍ତି । ଖବର ପାଇ ଥାନା ଅଧିକାରୀ ଅରୁଣ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ୩ ବ୍ରାଉନ୍ ସୁଗାର ବେପାରୀଙ୍କୁ ଥାନାକୁ ଆଣିବା ସହ ପ୍ରମୋଦଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଡମଣାର ଦୀପ୍ତିରଞ୍ଜନ ସାହୁ, ଏକାମ୍ରବିହାରର କେଶବ ଜେନା ଓ ସାଲିଆସାହି ହାତିଆଶୁଣିର ତପନ ନାୟକ । ସେମାନଙ୍କ ନିକଟରୁ ୩.୨ ଗ୍ରାମ ବ୍ରାଉନ ସୁଗାର ପୋଲିସ ଜବତ କରିଛି ।

ସୂଚନା ଅନୁଯାୟୀ, ଗିରଫ ଯୁବକମାନେ ଏକ ଅଟୋରେ ବସି ବ୍ରାଉନ ପୃଷ୍ଠା-୨

## ଜୟପୁର ସମାବେଶରେ ରାହୁଲ ଗାନ୍ଧୀ

# 'ଅଫିସର ଚଳାଉଛନ୍ତି ସରକାର'

- ରାଫାଲ ପ୍ରସଙ୍ଗ: ହାଲ୍ କଥା ଉଠାଇ ମୋଦିଙ୍କୁ ଟାର୍ଗେଟ୍



ସମାବେଶରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି ।

### ପ୍ରତିଶ୍ରୁତିର ଲମ୍ବା ତାଲିକା ବାଢ଼ିଲେ

- କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବୁ
- କୃଷିଋଣ ଛାଡ଼, ଧାନ ଏମ୍ଏସ୍‌ପି ୨୫୦୦ ଟଙ୍କା
- ଓଡ଼ିଶାରେ ବାଳିକା, ଯୁବତୀଙ୍କୁ ମାଗଣା ଶିକ୍ଷା
- ବିଧବା ଭତ୍ତା ୨ ହଜାର ଟଙ୍କା

ଜୟପୁର,୮।୩(ଡି.ଏନ୍.ଏ./ନି.ପ୍ର.)

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସନ କରୁନାହାନ୍ତି । ବରଂ ୪ରୁ ୫ ଜଣ ଅଫିସରଙ୍କ ଦ୍ୱାରା ପରିଚାଳିତ ହେଉଛନ୍ତି ରାଜ୍ୟ ସରକାର । ରାଫାଲ ପ୍ରସଙ୍ଗରେ ମୋଦି ସରକାର ସୁନାବେଡ଼ା ସ୍ଥିତ ହାଲ୍ ବଦଳରେ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇ ସ୍ଥାନୀୟ ଯୁବତୀ ଯୁବକଙ୍କୁ ବେକାର କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କୋରାପୁଟ ଜିଲା ଜୟପୁର ସମାବେଶକୁ ଶୁକ୍ରବାର ସମ୍ବୋଧିତ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏହିଭଳି କହି ଟାର୍ଗେଟ୍ କରିଛନ୍ତି । ଏହାସହ ମହିଳା ଭୋଟରଙ୍କୁ ନିଜ ଫୋକସରେ ରଖି ସେମାନଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ବାଢ଼ିଛନ୍ତି । କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବା, ଓଡ଼ିଶାରେ ଯୁବତୀଙ୍କୁ ମାଗଣା ଉଚ୍ଚଶିକ୍ଷା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସର୍ବାଧିକ ବ୍ୟାଙ୍କ ଋଣ, କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥ ନିଗମ ଭଳି ପ୍ରତିଶ୍ରୁତି ଦେଇଛନ୍ତି ରାହୁଲ ।

ପୂର୍ବାହ୍ନ ୧୨ଟା ୨୦ରେ ବିଶାଖାପାଟଣାରୁ ହେଲିକପ୍ଟର ଯୋଗେ ଜୟପୁର ଏୟାରଷ୍ଟ୍ରିପରେ ଓହ୍ଲାଇବା ପରେ ସେଠାରୁ ଶିବସାଇ ଫଙ୍କସନ ହଲରେ ପହଞ୍ଚିଥିଲେ ରାହୁଲ ଗାନ୍ଧୀ । ବିଶ୍ୱ ମହିଳା ଦିବସ ଅବସରରେ 'ସଶକ୍ତ ମହିଳା ସମୃଦ୍ଧ ଓଡ଼ିଶା' ଶୀର୍ଷକ କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଜଣ ମହିଳାଙ୍କ ସହ ରାହୁଲ ସିଧାସଳଖ ଭାବ ବିନିମୟ କରିଥିଲେ । ଅପରାହ୍ନ ୨ଟାରେ ଜୟପୁରର ଏକମ୍ବା ପଞ୍ଚାୟତ ବାଙ୍କବିଜ ପଡ଼ିଆରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶରେ ଉପସ୍ଥିତ ୮୦ ହଜାରରୁ ଅଧିକ ଜନତାଙ୍କୁ ସମ୍ବୋଧିତ କରିଥିଲେ ରାହୁଲ । ନିଜ ଅଭିଭାଷଣରେ ସେ ଦେଶ ସହ ଓଡ଼ିଶା ଓ ସ୍ଥାନୀୟ କୋରାପୁଟର ସମସ୍ୟା ଉପସ୍ଥାପନ କରିଥିଲେ । ପୃଷ୍ଠା-୨

- ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଓଡ଼ିଶାର ରେଳ ଟିକେଟ ଓଡ଼ିଆରେ ଛପାଯାଉ

ଭୁବନେଶ୍ୱର,୮।୩ (ବ୍ୟୁରୋ): ଓଡ଼ିଶାରେ ରେଳ ଟିକେଟ୍‌କୁ ଆଞ୍ଚଳିକ ଓଡ଼ିଆ ଭାଷାରେ ଛପାଯାଉ । ଏଥିପାଇଁ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି । ଧର୍ମେନ୍ଦ୍ର ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରେ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳ ବିଭାଗ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି । ଯାତ୍ରୀ ସୁବିଧାରେ ଗତ କିଛିବର୍ଷରେ ବହୁ ଉନ୍ନତି ହୋଇଥିବା ମଧ୍ୟ ପରିଲକ୍ଷିତ ହୋଇଛି । ଏହାସହ ରେଳଯାତ୍ରା ସମୟରେ ଲୋକମାନଙ୍କର ଅନୁଭୂତି ସୁଖଦ ହେଉଛି । ଓଡ଼ିଶାରେ ଟିକେଟ୍‌ଗୁଡ଼ିକ ଯଦି ଓଡ଼ିଆରେ ଉପଲବ୍ଧ ହେବ ତେବେ ରାଜ୍ୟର ଲୋକମାନେ ଆହୁରି ଲାଭବାନ ହେବେ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ।

## କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା କର୍କଟ ବିଭାଗ

ଭୁବନେଶ୍ୱର,୮।୩(ବ୍ୟୁରୋ): ରାଜଧାନୀସ୍ଥିତ କ୍ୟାପିଟାଲ ହସ୍ପିଟାଲରେ କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ଶୁକ୍ରବାର ସ୍ୱତନ୍ତ୍ର ବିଭାଗ ଖୋଲାଯାଇଛି । ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଏହି ବିଭାଗର ଉଦ୍‌ଘାଟନ କରିଛନ୍ତି । ରାଜ୍ୟରେ ୨୦୧୬ରୁ କମ୍ପ୍ରେହେନସିଭ୍ କ୍ୟାନସର କେୟାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । କ୍ୟାପିଟାଲ ହସ୍ପିଟାଲ ସମେତ ରାଉରକେଲା ସରକାରୀ ହସ୍ପିଟାଲ ଏବଂ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଚିକିତ୍ସା ସୁବିଧା ଉପଲବ୍ଧ କରାଯାଇଛି । ମାଗଣା ଚିକିତ୍ସା ପରାମର୍ଶ, କେମୋଥେରାପି, ଉପଶମ ଚିକିତ୍ସା ଏବଂ ଚିକିତ୍ସା ପରବର୍ତ୍ତୀ ସେବା ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏଣିକି ଡାକ୍ତରଖାନାରେ କେମୋଥେରାପି ଦିଆଯିବାର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନଠାରୁ ୧୧,୩୩୦ କର୍କଟରୋଗୀ ବହିର୍ବିଭାଗ ଚିକିତ୍ସା ନିମନ୍ତେ ଆସିଛନ୍ତି ।

# ମଧ୍ୟସ୍ଥ କମିଟିକୁ ଗଲା ଅଯୋଧ୍ୟା ମାମଲା



ଏଫ୍.ଏମ୍.ଆଇ.କାଲିଫୁଲ୍ଲା | ଶ୍ରୀରାମ ପଞ୍ଚୁ | ଶ୍ରୀଶ୍ରୀ ରବିଶଙ୍କର

### ୮ ସପ୍ତାହରେ ଶାନ୍ତିପୂର୍ଣ୍ଣ ସମାଧାନ ସୂତ୍ର ବାହାର କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୮।୩(ପି.ଟି.)

ସୁପ୍ରିମକୋର୍ଟ ଶୁକ୍ରବାର ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ଜମି ବିବାଦ ମାମଲାକୁ ମଧ୍ୟସ୍ଥ କମିଟିକୁ ହସ୍ତାନ୍ତର କରିଛନ୍ତି । ସୁପ୍ରିମକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ଏଫ୍.ଏମ୍.ଆଇ.କାଲିଫୁଲ୍ଲାଙ୍କ ନେତୃତ୍ୱରେ ଗଠିତ ମଧ୍ୟସ୍ଥ କମିଟିରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ତଥା ଜଣାଶୁଣା ମଧ୍ୟସ୍ଥ ଶ୍ରୀରାମ ପଞ୍ଚୁ ସଦସ୍ୟ ରହିଛନ୍ତି । ଅଯୋଧ୍ୟା ଜମି ବିବାଦର ଏକ ଶାନ୍ତିପୂର୍ଣ୍ଣ ସମାଧାନ ପନ୍ଥା ବାହାର କରିବାକୁ କମିଟିକୁ କୁହାଯାଇଛି । କମିଟି ୮ ସପ୍ତାହ ମଧ୍ୟରେ ସମସ୍ତ ପକ୍ଷଙ୍କ ସହ ଆଲୋଚନା ଶେଷ କରି ରିପୋର୍ଟ ଦେବା ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ.ଏ. ନାଜିର ରହିଛନ୍ତି ।

କମିଟି ଚାହିଁଲେ ଅଧିକ ସଦସ୍ୟଙ୍କୁ ନେଇପାରିବ ବୋଲି କୋର୍ଟ କହିଛନ୍ତି । ଉତ୍ତରପ୍ରଦେଶର ପୃଷ୍ଠା-୨

## ଶ୍ରୀଶ୍ରୀଙ୍କୁ ନେଇ ବିବାଦ

ନୂଆଦିଲ୍ଲୀ,୮।୩(ପି.ଟି.)

ଅଯୋଧ୍ୟା ମାମଲାର ଆପୋଷ ସମାଧାନ ଲାଗି ସୁପ୍ରିମକୋର୍ଟ ୩ ଜଣିଆ ମଧ୍ୟସ୍ଥ କମିଟି ଗଢ଼ିଛନ୍ତି । ଆର୍ଟ ଅଫ୍ ଲିଭିଙ୍ଗ୍‌ର ପ୍ରତିଷ୍ଠାତା ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଉକ୍ତ କମିଟିରେ ସ୍ଥାନ ପାଇଥିବାରୁ ତାଙ୍କର ନିରପେକ୍ଷତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି । ପୂର୍ବରୁ ଶ୍ରୀଶ୍ରୀ ଅଯୋଧ୍ୟା ମାମଲାର ସମାଧାନ ଲାଗି ନିଜଆଡୁ ଉଦ୍ୟମ କରିଥିଲେ । ଯଦି ମୁସଲମାନମାନେ ଅଯୋଧ୍ୟା ଦାବିରୁ ଓହରି ନ ଯାଆନ୍ତି ତେବେ ଭାରତ ସିରିଆରେ ପରିଣତ ହେବ ବୋଲି ଏକଦା ଶ୍ରୀଶ୍ରୀ କହିଥିଲେ । ତେଣୁ ତାଙ୍କ ପରିବର୍ତ୍ତେ ମଧ୍ୟସ୍ଥ କମିଟିରେ ଜଣେ ନିରପେକ୍ଷ ବ୍ୟକ୍ତିଙ୍କୁ ନେବା ଭଲ ହେବ ବୋଲି ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ଆସାଦୁଦ୍ଦିନ ଓୱାଇସି କହିଛନ୍ତି । ନିର୍ବାଚନ ପୂର୍ବରୁ ଶାସକ ଦଳ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବା ଦୁର୍ଭାଗ୍ୟଜନକ ବୋଲି ନ୍ୟାଶନାଲ୍ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା କହିଛନ୍ତି । ଆମେ ଯାହା କହିବୁ ମଧ୍ୟସ୍ଥ କମିଟି ଆଗରେ କହିବୁ, ଏହା ବାହାରେ ନୁହେଁ ବୋଲି ବାବ୍ରି ମସ୍‌ଜିଦ କ୍ରିୟାନୁଷ୍ଠାନ କମିଟି ଆବାହକ ଜାଫରୟାବ ଜିଲାନି କହିଛନ୍ତି ।

# ଯୁବବାହିନୀ ପାଇଁ ମୋବାଇଲ କିଣା

- ବିଡିଓମାନଙ୍କ ନାଁ ଥାଇ ଭୁଲ୍ ଠିକଣାରେ ଆସିଲା ପାର୍ସଲ

### ସରକାରଙ୍କ ଲୁଚାଣିଆ ଯୋଜନା ନେଇ ଚର୍ଚ୍ଚା

ଭଦ୍ରକ ଅଫିସ, ୮।୩

ବିଜୁ ଯୁବବାହିନୀ ପାଇଁ ଲକ୍ଷାଧିକ ଟଙ୍କାର ମୋବାଇଲ ଲୁଚାଛପାରେ କିଣାଯାଇ ବଣ୍ଟାଯିବା ଘଟଣା ଏଠାରେ ପଦାକୁ ଆସିଛି । ଏଥିଲାଗି କୌଣସି ସରକାରୀ ଯୋଜନା ନ ଥିଲେ ମଧ୍ୟ କର୍ମକର୍ତ୍ତାଙ୍କୁ ସନ୍ତୁଷ୍ଟ କରିବାକୁ ଜିଲାର ସମସ୍ତ ବିଡିଓ ନିଜ ନାଁରେ ଏକ କମ୍ପାନୀଠାରୁ ମୋବାଇଲ କିଣି ବଣ୍ଟନ କରିଥିବା ଚର୍ଚ୍ଚା ହେଉଛି । ଜିଲା ପ୍ରଶାସନର ଜାଣତରେ ଏଭଳି ହୋଇଥିବା ଅଭିଯୋଗ ହେଉଥିଲେ ବି ଜିଲାପାଳ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି । ଏ ସମ୍ପର୍କରେ ଭଦ୍ରକ ଜିଲାର ବିଡିଓମାନଙ୍କୁ ପଚରା ଯିବାରୁ ସରକାର ଏସବୁ ମୋବାଇଲ୍ ସେମାନଙ୍କ ନାଁରେ ପଠାଇଛନ୍ତି ବୋଲି ପ୍ରତିକ୍ରିୟା ରଖୁଛନ୍ତି ।

ଏହି ଜିଲାରେ ଥିବା ୭ଟି ବ୍ଲକରେ ମୋଟ ୧୩, ୮୦୭ ଜଣ ବିଜୁ ଯୁବବାହିନୀ କର୍ମକର୍ତ୍ତା ପଞ୍ଜୀକୃତ ହୋଇଛନ୍ତି । ବାସୁଦେବପୁର ପୌରପାଳିକାରେ ୫୪୬, ବାସୁଦେବପୁର ବ୍ଲକରେ ୧୭୧୫, ଭଦ୍ରକ ବ୍ଲକରେ ୧୪୨୭, ଭଦ୍ରକ ପୌରପାଳିକାରେ ୧୦୨୩, ଭଣ୍ଡାରିପୋଖରୀରେ ୧୫୯୩, ବନ୍ତରେ ୧୪୯୩, ଚାନ୍ଦବାଲିରେ ୧୭୯୯, ଚାନ୍ଦବାଲି ଏନ୍ଏସିରେ ୪୪୯, ଧାମନଗରରେ ୨୨୬୦, ଧାମନଗର ଏନ୍ଏସିରେ ୩୬୩, ତିହିଡିରେ ୧୧୩୯ ବିଜୁ ଯୁବବାହିନୀ କର୍ମକର୍ତ୍ତା ରହିଛନ୍ତି । ଗତ ସପ୍ତାହରେ କେତେକ ପ୍ରମୁଖ କର୍ମକର୍ତ୍ତାଙ୍କୁ ଗୋଟିଏ ଲେଖାଏ ମୋବାଇଲ ବାଣ୍ଟିବା ସକାଶେ ଜିଲାର ବିଭିନ୍ନ ବିଡିଓଙ୍କ ନିକଟକୁ ଜଟଣୀ ଠିକଣାରେ ଭୁବନେଶ୍ୱରରୁ ପାର୍ସଲ ଯୋଗେ ମୋବାଇଲ ଫୋନ ଆସିଥିଲା । ଏଥିରୁ ବନ୍ତ ବ୍ଲକକୁ ମୋଟ ୧୪୯୦ଟି ମୋବାଇଲ ପାର୍ସଲ ଯୋଗେ ଆସିଥିବା କୁହାଯାଉଛି । ତଥ୍ୟ ମୁତାବକ ଉକ୍ତ ପାର୍ସଲରେ ବନ୍ତ ବିଡିଓ ରେବିକା ବିଲୁଙ୍ଗଙ୍କ ନାମ ଓ ଫୋନ ନମ୍ବର ଥିବାବେଳେ ଭୁଲ୍ ଠିକଣା ଯଥା 'ତ୍ରିବେଣୀ ଆର୍ଥ ମୁଭର୍ସ ପ୍ରାଇଭେଟ ଲିମିଟେଡ, ବନ୍ତ, ଜିଲା ଭଦ୍ରକ ଲେଖା ରହିଥିଲା । ତ୍ରିବେଣୀ ଆର୍ଥ ମୁଭର୍ସ ନାମରେ କୌଣସି ସଂସ୍ଥା ବନ୍ତରେ ନ ଥିବା ଜଣାପଡ଼ିଛି । ତେବେ ପାର୍ସଲରେ ଲେଖାଥିବା ମୋବାଇଲ ନମ୍ବର ବିଡିଓଙ୍କର ବୋଲି ସୂଚନା ମିଳିଛି । ଉକ୍ତ ପାର୍ସଲରେ ପ୍ରେରକଙ୍କ ଠିକଣା ସ୍ଥାନରେ ଏକ ବ୍ରାଣ୍ଡେଡ ମୋବାଇଲ କମ୍ପାନୀର ନାଁ ଥିଲେ ମଧ୍ୟ ସେଥିରେ ଏକ ଅଟା କମ୍ପାନୀର ନାମ ଲେଖା ଯାଇଥିଲା । ଅନୁରୂପ ଭାବେ ଅନ୍ୟ ବିଡିଓମାନଙ୍କ ପାଖକୁ ଏଭଳି ଭୁଲ୍ ଠିକଣା ଥିବା ପାର୍ସଲ ମଧ୍ୟ ଆସିଥିଲା । ଏହି ଘଟଣା ପଦାକୁ ଆସିବା ପରେ ଏହାପଛରେ ଅନେକ ରହସ୍ୟ ରହିଥିବା ଏବଂ ସରକାରଙ୍କ ପକ୍ଷରୁ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏଭଳି ଲୁଚାଣିଆ ଯୋଜନା କରାଯାଇଥିବା ଚର୍ଚ୍ଚା ଜୋର ଧରିଛି । ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ଘଣ୍ଟି ବାନ୍ଧିବ କିଏ

### ଆଜିର ମନ୍ତବ୍ୟ

ଭାଜପାକୁ ପାଣ୍ଠି ଯୋଗାଇବା ପାଇଁ ମୋଦି ସରକାର ଦେଶର ସମ୍ବଳ ଚୋରି କରୁଛନ୍ତି ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ବର୍ଷରେ କପା ଉତ୍ପାଦନ ୧୧% ହ୍ରାସ ଘଟି ୩୨୮ ଲକ୍ଷ ବେଲ୍‌ସ ରହିଛି ।

– ଭାରତୀୟ କପା ସଂଘ


NECC NATIONAL EGG CO-ORDINATION COMMITTEE 08.03.2019 Venco Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 79 | 131 | 141 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers


# କମ୍ପାନୀ ଶୋଷୁଛି ନଦୀଜଳ

- ବୈତରଣୀ ତଳମୁଣ୍ଡରେ ଜଳାଭାବ
- ପାନୀୟ ଜଳ ଓ ସେଚ ପ୍ରକଳ୍ପ ପ୍ରଭାବିତ
- ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନର ଅଣଦେଖା



ପୋକଲିନ ମେଶିନ ଲଗାଇ ବୈତରଣୀ ନଦୀବନ୍ଧ ଓ ଶଯ୍ୟାକୁ ନଷ୍ଟ କରି ଦିଆଯାଇଛି ।

ଝୁମ୍ପୁରା, ୮।୩ (ଡି.ଏନ.ଏ.)

ବୈତରଣୀ ନଦର ନଇବୁଗା ଗ୍ରାମ ନିକଟରେ ପମ୍ପହାଉସ ବସାଇ ଏକ କମ୍ପାନୀ ଜଳ ଶୋଷୁଥିବାରୁ ତଳମୁଣ୍ଡରେ ଜଳାଭାବ ସ୍ଥିତି ଦେଖାଦେଇଛି । ଆଗକୁ ଖରାଦିନେ, ସମସ୍ୟା ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି । ଏବେଠାରୁ ନଦୀ ତଳମୁଣ୍ଡରେ ଥିବା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ସେଚ ପ୍ରକଳ୍ପ ପ୍ରଭାବିତ ହେଉଥିବା କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନଦୀ ପାର୍ଶ୍ୱ ପଟୁଆକୁନ୍ଦର, ଧନୁର୍ଜୟପୁର, ନୟାଗଡ, ନଇବୁଗା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଓ ଜଳ ସମ୍ପଦ ବିଭାଗ ନୀରବ ରହୁଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନଇବୁଗା ନିକଟରେ ପମ୍ପହାଉସ ନିର୍ମାଣ କରି ଏସାର କମ୍ପାନୀ ବୈତରଣୀରୁ ପାଣି ଉଠାଇ ୩ କି.ମି. ଦୂର ଦବୁନାରେ ଥିବା ବେନିଫିକେଶନ ପ୍ଲାଣ୍ଟକୁ ଯୋଗାଉଛି । ପ୍ରତିଦିନ ୧୧ ହଜାର ୭୭୦ କ୍ୟୁସେକ୍ ପାଣି ଶୋଷି ନିଆଯାଉଛି । ଏନେଇ କମ୍ପାନୀ ଏବଂ ଜଳ ସମ୍ପଦ ବିଭାଗ ମଧ୍ୟରେ ୨୦୦୯ରେ ରାଜିନାମା ହୋଇଥିଲା । ସର୍ତ୍ତ ଥିଲା ଯେ, ସରକାରଙ୍କ ଧାର୍ଯ୍ୟଦର ଅନୁଯାୟୀ ଟିକସ ପଇଠ କରି କମ୍ପାନୀ ପାଣି ନେବ । ନଦୀର ଜଳ ପ୍ରବାହ ଯେଭଳି ବ୍ୟାହତ ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ । ୧୯୫୯ ଏବଂ ୧୯୬୧ରେ ପ୍ରଣୀତ ନଦୀଜଳ ଉତ୍ତୋଳନ ଓ ସେଚ ଅଧିନିୟମକୁ କଡାକଡି ପାଳନ କରାଯିବ । ଏ ସମ୍ପର୍କରେ ପର୍ଯ୍ୟାୟ କ୍ରମେ ଜଳ ସମ୍ପଦ ବିଭାଗକୁ ନିୟମିତ ରିପୋର୍ଟ ପ୍ରଦାନ କରାଯିବ । କିନ୍ତୁ ପରେ ଏଥିରେ ବ୍ୟତିକ୍ରମ ଘଟୁଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ବାରମ୍ବାର ଅଭିଯୋଗ ପରେ ଜଳ ସମ୍ପଦ ବିଭାଗ ଅଧିକାରୀ ଏଠାକୁ ଆସି ତଦନ୍ତ କରିଥିଲେ ମଧ୍ୟ ଗ୍ରାମବାସୀଙ୍କ ସହ କେବେ ଆଲୋଚନା କରି ନାହାନ୍ତି ।

ଏଠାକାର ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ଦେଇ ବୈତରଣୀ ପ୍ରବାହିତ ହେଉଥିବାରୁ ନଦୀଶଯ୍ୟା ସଙ୍କୀର୍ଣ୍ଣ ସ୍ଥିତିରେ ରହିଛି । କାରଖାନା ଲାଗି ପମ୍ପହାଉସ ନିର୍ମାଣ ହୋଇଥିବା ସ୍ଥାନରେ ପୋକ୍‌ଲିନ ମେଶିନ ଦ୍ୱାରା ନଦୀମଧ୍ୟକୁ ମାଟି ବନ୍ଧ କରାଯିବା ଏବଂ ସଫେଇ କାର୍ଯ୍ୟ ଆଳରେ ମେଶିନ ଦ୍ୱାରା ପଙ୍କମାଟି ଉଠାଯାଇ ନଦୀଗର୍ଭକୁ ପୋତି ଦିଆଯାଉଥିବା ଦେଖାଯାଉଛି । ଏହାଫଳରେ ନଦୀର ପାଣି ଗୋଳିଆ ରହୁଥିବାରୁ ତଳମୁଣ୍ଡ ଅଞ୍ଚଳବାସୀ ପ୍ରଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ ଦୈନନ୍ଦିନ ସ୍ନାନାଦି କାର୍ଯ୍ୟରେ ଅସୁବିଧା ଭୋଗକରୁଥିବା ବେଳେ ଅଞ୍ଚଳରେ ବିଭିନ୍ନ ଚର୍ମ ଓ ପେଟ ରୋଗ ଦେଖା ଦେଉଛି । ଏହାର ସ୍ଥାୟୀ ପ୍ରତିକାର କରାଯିବା ସକାଶେ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ଜଳ ସମ୍ପଦ ବିଭାଗ ଉପରେ ଦାୟିତ୍ୱ ଠେଲି ଦେଇ ଚୁପଚାପ ବସିଯାଉଛି । ଅନ୍ୟପକ୍ଷେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଶାସନକୁ ଭୁଲ୍‌ତଥ୍ୟ ଦେଉଥିବା ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଏସାର କମ୍ପାନୀର ସିନିୟର ମ୍ୟାନେଜର ତଥା ଜନସମ୍ପର୍କ ଅଧିକାରୀ ମିଥିଳେଶ ଠାକୁରଙ୍କୁ ପଚାରିବାରୁ ସେ କହିଲେ, ପମ୍ପ ହାଉସ ସ୍ଥାନରେ ନଦୀପଟେ ପଙ୍କ ଓ ମାଟି ଜମୁଥିବାରୁ ମେଶିନ ଲଗାଇ ଏହାକୁ ସଫା କରାଯାଇଥାଏ । ସେତେବେଳେ ନଦୀରେ ପକାଯାଇଥିବା ମାଟିବନ୍ଧକୁ ପରେ ଭାଙ୍ଗି ଦିଆଯାଇଥାଏ । ଜଳ ସମ୍ପଦ ବିଭାଗ ଆନନ୍ଦପୁର ଶାଳପଡା ସ୍ଥିତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁବ୍ରତ ଦାଶତାଙ୍କ ପ୍ରତିକ୍ରିୟାରେ ନଦୀରେ ମାଟିବନ୍ଧ ତିଆରି ହେବା ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସ୍ୱୟଂ
ପରିବାରବର୍ଗ


ମିତାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## 10th Birthday Wish


(Swayam)

**Sai Shreeyansh**
Bahadajhola, Nayagarh
ଈଶ୍ୱରଙ୍କ କୃପାରୁ ତୋର ଚଳାପଥ ପୁଷ୍ପିତ ହେଉ ଏବଂ ତୋତେ ଦୀର୍ଘାୟୁ କରନ୍ତୁ।
**ଶୁଭେଚ୍ଛା ସହ**
ଜେଜେବାପା, ଜେଜେମା, ପାପା-ଶେଷଦେବ ସାହୁ, ମାମା, ପ୍ରାଚୀ
D-65387


# ବିଜେଡିରେ ସାମିଲ ହେଲେ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ

**ଭୁବନେଶ୍ୱର, ୮।୩(ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଖେଇ ଆସିଲାଣି। ନିଜ ନିଜ ଦଳର ଭାବମୂର୍ତ୍ତି ସଜାଡିବା ପାଇଁ ସବୁ ପ୍ରମୁଖ ଦଳ ଅଣ୍ଟା ଭିଡିଲେଣି। କିଏ ଅନ୍ୟ ଦଳର ପ୍ରଭାବଶାଳୀ ନେତାଙ୍କୁ ଦଳରେ ମିଶାଇଲାଣି ତ କିଏ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ଅଫିସରଙ୍କୁ । ସେହିକ୍ରମରେ ରାଜ୍ୟସ୍ତରରେ ସର୍ବାଗ୍ରେ ରହିଛି ବିଜେଡି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପୂର୍ବତନ ପୂର୍ତ୍ତ ସଚିବ ଇଂ ନଳିନୀକାନ୍ତ ପ୍ରଧାନ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସହିତ କଟକ ମହାନଗର ନିଗମର ପ୍ରାକ୍ତନ କମିଶନର ରମେଶ ଚନ୍ଦ୍ର ସାଏ, ପୂର୍ବତନ ମୁଖ୍ୟଯନ୍ତ୍ରୀ ଜୟପାଲ ନାୟକ, ଛେଣ୍ଡିପଦା ଭାଜପା ନେତ୍ରୀ ସୁପ୍ରଭା ସାହୁ ମଧ୍ୟ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ କରାଇବ। ଗୁରୁ କ୍ଷେତ୍ରସ୍ଥ ଦ୍ୱାଦଶ ଚନ୍ଦ୍ର ତୃତୀୟାଧିପ ସଂଯୋଗରୁ ପଡ଼ୋଶୀଙ୍କ ସହଯାତ୍ରୀ ହୋଇପାରନ୍ତି। ପାରିବାରିକ ସ୍ତରରେ ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହେବାର ଆଶଙ୍କା ରହିଛି। ମହିଳାମାନେ ଯାତ୍ରା, ବ୍ୟବସାୟ,ବନ୍ଧୁ ସମ୍ପର୍କ ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିପାରିବେ।

**ବୃଷ** ରବି ଓ ଚନ୍ଦ୍ରଙ୍କ କେନ୍ଦ୍ରକୋଣ ସହ ସମ୍ପର୍କ ଆର୍ଥିକ ଉନ୍ନତି, ଲୋକସମ୍ପର୍କ, ଆନୁଷ୍ଠାନିକ କାମ ଓ ବନ୍ଧୁଙ୍କ ଜରିଆରେ କାମ ହାସଲ କରାଇବ। କିନ୍ତୁ ଶନି ଅଷ୍ଟମସ୍ଥ ହେତୁ କର୍ମକ୍ଷେତ୍ରରେ ଦୁଃସାହସିକ କାମରେ ପ୍ରବେଶ କରି ଶେଷ ପର୍ଯ୍ୟାୟରେ ଅନୁତାପ କରିବାକୁ ପଡ଼ିପାରେ। ଲାଗି ରହିଥିବା ବିବାଦୀୟ ଘଟଣା ପୂର୍ବପରି ଅମୀମାଂସିତ ରହିବ।

**ମିଥୁନ** ଅଷ୍ଟମସ୍ଥ ଶୁକ୍ର ଶିକ୍ଷା, ପରୀକ୍ଷା, ରଚନାତ୍ମକ କାର୍ଯ୍ୟ, କଳା, ସଙ୍ଗୀତାଦି କ୍ଷେତ୍ରରେ ସମସ୍ୟାର କାରଣ ହୋଇପାରେ। କୌଣସି ମହିଳାଙ୍କ ପ୍ରତିବାଦର ସ୍ୱର ଆପଣଙ୍କ କାମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗଣ ଯୋଗାଯୋଗ, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ସଫଳ ହେବେ।

**କର୍କଟ** ତିନୋଟି କେନ୍ଦ୍ରରେ ଗ୍ରହମାନଙ୍କ ସହ ଭାଗ୍ୟସ୍ଥ ତୃତୀୟାଧିପ ଯୁକ୍ତ ରାଶ୍ୟାଧିପତି ଆପଣଙ୍କ ପ୍ରତ୍ୟେକ କାର୍ଯ୍ୟରେ ସୁଫଳ ପ୍ରଦାନ କରିବ। ବନ୍ଧୁଙ୍କ ପରାମର୍ଶ, ଆଲୋଚନାରେ ସମର୍ଥନ, ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରିବ। କର୍ମକ୍ଷେତ୍ରରେ ଦୀର୍ଘ ଦିନର ସମସ୍ୟାର ଅନ୍ତ ଘଟାଇ କ୍ରମଶଃ ସ୍ଥିରତା ଫେରିପାଇବେ।

**ସିଂହ** ଆରୋଗ୍ୟଲାଭ, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, କାର୍ଯ୍ୟସିଦ୍ଧିର ପ୍ରାକ୍ ସୂଚନା ପୂର୍ଣ୍ଣରୂପରେ ଜ୍ଞାତ ହୋଇଥିଲେ ମଧ୍ୟ ମାନସିକ ଅସ୍ଥିରତାରୁ ମୁକୁଳିପାରିବେ ନାହିଁ। ସମସ୍ୟା ସୁଧୁରିଯିବା କାରଣରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଆଜି ଆଗାମୀ ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହ ପ୍ରବେଶ ସକାଶେ ପୂର୍ବାଲୋଚନା କରିପାରନ୍ତି।

**କନ୍ୟା** କର୍ମାଧିପ ଭାଗ୍ୟସ୍ଥାନରେ ରହି ସାମଗ୍ରିକ ସୁବିଧା ସୁଯୋଗ ଯୋଗାଇ ଦେବେ। ଫଳରେ କାର୍ଯ୍ୟସିଦ୍ଧି, ଅର୍ଥଲାଭ, ବିବାଦୀୟ ଘଟଣାର ସମାଧାନ ଅବଶ୍ୟ ଘଟିବ। ଘରେ ସକାଳୁ ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଅବଶ୍ୟ ଶୁଭଫଳ ପାଇବେ। ଅଫିସରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କ ନିକଟରୁ ବିସ୍ମୟଜନକ ଖବର ପାଇବେ।

**ତୁଳା** ରାଶ୍ୟାଧିପ ସାଙ୍ଗକୁ ଧନାଧିପଙ୍କ ଶୁଭସଂସ୍ଥାନ ଏକାଦିକ୍ରମେ ପରିବାର, ବନ୍ଧୁସମ୍ପର୍କ, ନୂତନ କର୍ମାରମ୍ଭ ଓ ଅର୍ଥନୈତିକ ସ୍ଥିତିପାଇଁ ଅନୁକୂଳ ରହିବ। ଶିଳ୍ପ, ବ୍ୟବସାୟ, ପରିବହନ, ପର୍ଯ୍ୟଟନାଦି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସକାଶେ ମନ ବଳାଇପାରନ୍ତି। ଅପପ୍ରଚାର ସମ୍ବନ୍ଧୀୟ ଶୁଣା କଥାକୁ ବିଶ୍ୱାସ କଲେ ଅପଦସ୍ଥ ହେବେ।

**ବିଛା** ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ। ଶୁଭଚିନ୍ତକଙ୍କ ଦ୍ୱାରା ମୂଲ୍ୟବାନ୍ ଦ୍ରବ୍ୟଲାଭ ଏବଂ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇବେ। ଏହା ସାଙ୍ଗକୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବା କାରଣରୁ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାର ଆଶଙ୍କା ରହିଛି।

**ଧନୁ** ଚନ୍ଦ୍ରଙ୍କ କେନ୍ଦ୍ରସ୍ଥ ଶନି ଉଭୟେ ଦୁଃସ୍ଥାନାନଧିପ ହେଲେ ମଧ୍ୟ ଗୁରୁକ୍ଷେତ୍ର ପ୍ରଭାବରୁ କୁଫଳ ପ୍ରଦାନ କରିପାରିବେ ନାହିଁ। ସ୍ଥଗିତକାର୍ଯ୍ୟ, ସଭାସମିତି, ପ୍ରଶାସନିକ କାର୍ଯ୍ୟ, ସାମ୍ବାଦିକତା ଓ ଏଜେନ୍ସିପ୍ ପାଇଁ କୌଣସି ଅସୁବିଧା ହେବନାହିଁ। ଶାରୀରିକ ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ।

**ମକର** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଶତ୍ରୁ ବୁଧଙ୍କ ସଙ୍ଗଲାଭ କରି କେନ୍ଦ୍ରସ୍ଥ ହୋଇଥିବାରୁ ବନ୍ଧୁଙ୍କ ସକାଶେ ମନ ବ୍ୟାକୁଳିତ ରହିବ। ପରିବାର ପାଇଁ ଅଥବା କାର୍ଯ୍ୟକ୍ଷେତ୍ରରେ ସଂକଟଜନକ ପରିସ୍ଥିତି ମାନସିକ ଅସ୍ଥିରତାର କାରଣ ହୋଇପାରେ। ଅବଶ୍ୟ ରାଶିରେ ଘର ଲୋକଙ୍କ ଅନୁରୋଧରେ ମନୋରଞ୍ଜନ ଜିନିଷ କ୍ରୟ କରିବେ।

**କୁମ୍ଭ** ରାଶିରେ ରବି ଓ ଦ୍ୱିତୀୟସ୍ଥ ଚନ୍ଦ୍ର ସହ ବୁଧ ସମ୍ପର୍କରୁ ବିବାଦର ସମାଧାନ, ବନ୍ଧୁଙ୍କ ସହାନୁଭୂତି ସହ ସମର୍ଥନ ଲାଭକରିବେ । କର୍ମକ୍ଷେତ୍ରରେ ସଫଳତା ହାସଲ ଦିଗରେ ଜଣେ ବାଲ୍ୟବନ୍ଧୁ ମାର୍ଗଦର୍ଶକ ହୋଇପାରନ୍ତି। ସାମୟିକ ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯାଇପାରେ।

**ମୀନ** ଆପଣଙ୍କ ଚିନ୍ତାଧାରା ମନ୍ଦ ନ ହଲେ ମଧ୍ୟ ପ୍ରକାଶଭଙ୍ଗୀର କଠୋରତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ଫଳତଃ ସାହାଯ୍ୟ, ସହଯୋଗର ଆଶା ନୈରାଶ୍ୟଜନକ ନ ହେଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ପାଇବା କଷ୍ଟକର ହେବ। ବାହ୍ୟିକ ଦୃଷ୍ଟିକୋଣରୁ ସୁସ୍ଥ ଦେଖାଗଲେ ମଧ୍ୟ ଅନ୍ତର୍ନିହିତ ରୋଗ ପ୍ରତି ସଜାଗ ନ ରହିଲେ ଅସୁବିଧାରେ ପଡ଼ିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ତୃତୀୟା ଶନିବାର, ମାର୍ଚ୍ଚ ୯ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ରେବତୀ ନକ୍ଷତ୍ରେ ବିବାହ ପାଣିଗ୍ରହଣ, ଦିବା ଘ୧୧।୫୭ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୨୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୩୦ମି. ଗତେ ଘ୮।୫୯ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୦୦ମି. ଗତେ ଘ୧୦।୨୯ମି. ମଧ୍ୟେ ରାହୁକାଳ।

## ମଧ୍ୟସ୍ଥ କମିଟିକୁ ଗଲା ....

ଫୈଜାବାଦଠାରେ ମଧ୍ୟସ୍ଥ କମିଟି ପକ୍ଷମାନଙ୍କର ମତାମତ ଶୁଣାଣି କରିବ। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ସମାଧାନରେ ପହଞ୍ଚିବା ଲାଗି ମାମଲାକୁ ମଧ୍ୟସ୍ଥତା ପାଇଁ ପଠାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। ସପ୍ତାହକ ମଧ୍ୟରେ ମଧ୍ୟସ୍ଥତା ପ୍ରକ୍ରିୟା ଆରମ୍ଭ ହେବ ଏବଂ ପକ୍ଷମାନଙ୍କ ଶୁଣାଣି କ୍ୟାମେରା ସମ୍ମୁଖରେ କରାଯିବ। ଏହି ଶୁଣାଣି ସମ୍ପର୍କିତ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇବ ନାହିଁ। ମଧ୍ୟସ୍ଥତାର ସଫଳତା ପାଇଁ ଶୁଣାଣି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଗୋପନ ରଖିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ୪ ସପ୍ତାହ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ବେଳେ ୮ ସପ୍ତାହରେ ପ୍ରକ୍ରିୟା ଶେଷ କରିବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ସମସ୍ୟା ହେଲେ କମିଟି ଅଧ୍ୟକ୍ଷ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରାରଙ୍କୁ ଅବଗତ କରାଇବେ। ନିର୍ମୋହୀ ଆଖଡ଼ା ବ୍ୟତୀତ ଅନ୍ୟ ହିନ୍ଦୁ ସଂଗଠନ ମଧ୍ୟସ୍ଥତା ନିଷ୍ପତ୍ତିକୁ ବିରୋଧ କରୁଥିଲାବେଳେ ଇସ୍‌ଲାମିକ୍ ସଂଗଠନ ସମର୍ଥନ ଜଣାଇଛି। ତେବେ ଉଭୟ ପକ୍ଷ ମଧ୍ୟସ୍ଥ ଲାଗି ସମ୍ଭାବ୍ୟ ନାମ ତାଲିକା ଦେଇଥିଲେ। ପୂର୍ବରୁ ମଧ୍ୟସ୍ଥ ଜରିଆରେ ସମାଧାନ ଉଦ୍ୟମ ବିଫଳ ହୋଇଥିବା ହିନ୍ଦୁ ସଂଗଠନ ଯୁକ୍ତି ଦର୍ଶାଇଥିଲେ।

ଅଯୋଧ୍ୟା ଭଗବାନ ରାମଙ୍କ ଜନ୍ମସ୍ଥାନ। ସେଠାରେ ପୂର୍ବରୁ ଶ୍ରୀରାମଙ୍କ ମନ୍ଦିର ରହିଥିଲାବେଳେ ମୋଗଲ ସମ୍ରାଟ ବାବର ସେଠାରେ ମସ୍‌ଜିଦ୍ ନିର୍ମାଣ କରିଥିଲେ ବୋଲି ହିନ୍ଦୁ ସଂଗଠନଗୁଡିକ ଅଭିଯୋଗ କରିଆସୁଛନ୍ତି। ୧୯୯୨ ଡିସେମ୍ବର ୬ରେ ହିନ୍ଦୁ କରସେବକମାନେ ଉକ୍ତ ମସ୍‌ଜିଦକୁ ଭାଙ୍ଗିଦେଇଥିଲେ। ଅଯୋଧ୍ୟାର ବିବାଦୀୟ ୨.୭୭ ଏକର ଜମିକୁ ତିନିପକ୍ଷ ସୁନ୍ନି ୱାକଫ୍ ବୋର୍ଡ, ନିର୍ମୋହୀ ଆଖଡ଼ା ଏବଂ ରାମଲାଲାଙ୍କ ମଧ୍ୟରେ ସମାନ ଭାବେ ବାଣ୍ଟିଦେବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା।

ବିବାଦର ଆପୋସ ସମାଧାନ ଲାଗି କମିଟି ସମସ୍ତ ଉଦ୍ୟମ କରିବ ବୋଲି ଜଷ୍ଟିସ୍ କାଲିଫୁଲ୍ଲା କହିଛନ୍ତି। ରବିଶଙ୍କର ମଧ୍ୟ ସମାନ କଥା କହିଛନ୍ତି। ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବା ସହ ଦୀର୍ଘଦିନର ଏହି ବିବାଦର ସମାଧାନ ପାଇଁ ସମସ୍ତ ଉଦ୍ୟମ ହେବ। ସମସ୍ତଙ୍କୁ ସମ୍ମାନ ଦେଇ ସ୍ୱପ୍ନକୁ ବାସ୍ତବରେ ପରିଣତ କରାଯିବ ବୋଲି ରବିଶଙ୍କର କହିଛନ୍ତି।

ଅଯୋଧ୍ୟା ବିବାଦର ମଧ୍ୟସ୍ଥ ଜରିଆରେ ସମାଧାନ ଉଦ୍ୟମ ଏହା ନୂଆ ନୁହେଁ। ପ୍ରଥମେ ୯୦ ଦଶକରେ ଏହାର ସମାଧାନ ଲାଗି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବାବ୍ରି ମସ୍‌ଜିଦ୍ କ୍ରିୟାନୁଷ୍ଠାନ କମିଟି ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଏହାପରେ ୨୦୦୩ରେ କାଞ୍ଚି ଶଙ୍କରାଚାର୍ଯ୍ୟ ଆପୋସ ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ। ତୃତୀୟ ଆପୋସ ସମାଧାନ ଉଦ୍ୟମ ପାଇଁ ୨୦୧୭ ମାର୍ଚ୍ଚରେ ତତ୍କାଳୀନ ପ୍ରଧାନ ବିଚାରପତି ଜେ.ଏସ୍. ଖେହର ପ୍ରସ୍ତାବ ଦେଇଥିଲେ। ସେହିବର୍ଷ ଦ୍ୱିତୀୟ ଭାଗରେ ଶ୍ରୀଶ୍ରୀ ରବିଶଙ୍କର ଏବଂ ଶିହା ୱାକଫ୍ ବୋର୍ଡ ଅଧ୍ୟକ୍ଷ ୱାସିମ ରିଜ୍‌ଭି ମଧ୍ୟ ଆଲୋଚନା ମାଧ୍ୟମରେ ଅଯୋଧ୍ୟା ମାମଲାର ସମାଧାନ ଉଦ୍ୟମ କରି ବିଫଳ ହୋଇଥିଲେ।

## 'ଅଫିସର ଚଳାଉଛନ୍ତି ...

ରାଫାଲ ପ୍ରସଙ୍ଗ ଉଠାଇ ସେ କହିଲେ ଯେ, ୭୦ ବର୍ଷର ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ଭଳି ରାଷ୍ଟ୍ରାୟତ୍ତ ସଂସ୍ଥା ବଦଳରେ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇ ଅବିଭକ୍ତ କୋରାପୁଟର ଯୁବତୀ ଯୁବକଙ୍କୁ ବେକାର କରିବାରେ ପ୍ରମୁଖ ଭୂମିକା ନେଇଛନ୍ତି ମୋଦି ସରକାର। ଜମି ଅଧିଗ୍ରହଣ ନୀତିକୁ କୋହଳ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ଓ ଚାଷୀଙ୍କ ଜମିକୁ ଶିଳ୍ପପତିଙ୍କ ହାତକୁ ଟେକିଦେଇଛନ୍ତି।

କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ, ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ତ୍ରିଭୁବନ ସିଂ ଦେଓ, କେନ୍ଦ୍ର ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଦେବ, ଦକ୍ଷିଣ ଓଡ଼ିଶା ପ୍ରଭାରୀ ଅନିଲ ଚୌଧୁରୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ପ୍ରଦୀପ ମାଝି, ଭକ୍ତଚରଣ ଦାସ, ଜଗନ୍ନାଥ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଚନ୍ଦ୍ରଶେଖର ମାଝି, କୈଳାସ କୁଲେସିକା, ସେବାଦଳ ମୁଖ୍ୟ ବୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ । ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡାବୁଗାଁ ବିଧାୟକ ଭୁଜବଳ ମାଝି ସଭା ପରିଚାଳନା କରିଥିଲେ।

### ରାହୁଲଙ୍କ ଫୋକସରେ ମହିଳା ଭୋଟର

ସମାବେଶରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ଅଭିଭାଷଣ ରଖିବା ପରେ ଆଗାମୀ ନିର୍ବାଚନ ପୂର୍ବରୁ ଜନତାଙ୍କ ପାଇଁ କଂଗ୍ରେସର କି ପ୍ରକାର ଆଭିମୁଖ୍ୟ ଓ ପ୍ରତିଶ୍ରୁତି ରହିଛି, ତାହା ଉପସ୍ଥାପନ କରିଥିଲେ ରାହୁଲ ଗାନ୍ଧୀ। ବିଜେଡିର ମହିଳା ଭୋଟ୍‌ବ୍ୟାଙ୍କକୁ ଦୃଷ୍ଟିରେ ରଖି ରାହୁଲ ମଧ୍ୟ ମହିଳା କାର୍ଡ଼ ଖେଳାଇ ସେହିମାନଙ୍କ ସ୍ୱାର୍ଥକୁ ନିଜ ପ୍ରତିଶ୍ରୁତିରେ ପ୍ରାଥମିକତା ଦେଇଥିଲେ। କ୍ଷମତାକୁ ଆସିଲେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାରିତ କରିବ କଂଗ୍ରେସ। ଛତିଶଗଡ଼ ଭଳି ଓଡ଼ିଶାରେ କଂଗ୍ରେସ

## ପ୍ରଥମ ପୃଷ୍ଠାରୁ...

ସରକାର ଗଠନ କଲେ ୧୦ ଦିନ ମଧ୍ୟରେ ସମସ୍ତ ଚାଷୀଙ୍କ ଋଣ ଛାଡ଼ କରାଯିବ। ସେହିପରି ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨ହଜାର ୫ ଶହ ଟଙ୍କା ଦିଆଯିବ। ଯୁବତୀଙ୍କୁ ମାଗଣା ଉଚ୍ଚଶିକ୍ଷା, ବିଧବାଙ୍କୁ ୨ ହଜାର ଟଙ୍କାର ଭତ୍ତା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସର୍ବାଧିକ ବ୍ୟାଙ୍କ ଋଣ, ଗରିବ ଶ୍ରେଣୀର ଯୁବତୀଙ୍କ ବିବାହ ପାଇଁ ଆର୍ଥିକ ସହାୟତା, କ୍ଷୁଦ୍ର ମହିଳା ଉଦ୍ୟୋଗୀଙ୍କ ପାଇଁ ସ୍ପେଶାଲ ଫାଇନାନ୍ସିଆଲ କର୍ପୋରେଶନ ବା ସ୍ୱତନ୍ତ୍ର ଅର୍ଥ ନିଗମ, ଆର୍ଥିକ ଅସ୍ୱଚ୍ଛଳ ପରିବାରକୁ ବ୍ୟାଙ୍କ ଖାତା ଜରିଆରେ ସର୍ବନିମ୍ନ ମାସିକ ଆୟ ପ୍ରଦାନ, ନାରୀ ନିର୍ଯାତନା ରୋକିବା ପାଇଁ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ମହିଳା ଅଫିସର ନିଯୁକ୍ତି ପାଇଁ ପ୍ରତିଶ୍ରୁତିର ଲମ୍ବା ତାଲିକା ବାଢ଼ିଛନ୍ତି ରାହୁଲ।

## ସମାଲୋଚନାର ଜବାବ ରଖିଲେ ବିଜେଡି, ଭାଜପା

ଭୁବନେଶ୍ୱର,୮।୩ (ବ୍ୟୁରୋ):
କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ରାହୁଲଙ୍କ ସମାଲୋଚନା ପରେ ଉଭୟ ଦଳ ପକ୍ଷରୁ ପାଲଟା ଆକ୍ରମଣ କରାଯାଇଛି। ରାହୁଲ ଜଣେ କୁହାଳିଆ ନେତା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଫମ୍ପା ମାଠିଆର ଶବ୍ଦ ବେଶି ବୋଲି କହି ରାହୁଲ କଟାକ୍ଷ କରିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ରାହୁଲଙ୍କ ପରିବାର ଚାରି ପିଢି ପର୍ଯ୍ୟନ୍ତ ଦେଶକୁ ଶାସନ କରିବାର ସୌଭାଗ୍ୟ ପାଇଥିଲେ । କଂଗ୍ରେସ ଶାସିତ କେଉଁ ରାଜ୍ୟରେ ସେମାନେ କ'ଣ କରିଛନ୍ତି ତାହାର ହିସାବ ଦିଅନ୍ତୁ। ରାହୁଲ ଏବେ କହୁଥିବା କଥା ସେ ସମୟରେ କାହିଁକି କହିପାରିଲେ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଆମେଠି ଓ ରାଏବରେଲୀରେ ମହିଳାମାନଙ୍କ ଅବସ୍ଥା କ'ଣ ଅଛି ରାହୁଲ କୁହନ୍ତୁ। ଯିଏ କାମ କରେନାହିଁ, ସିଏ ସବୁବେଳେ ବଡ଼ କଥା କହେ ବୋଲି ରାହୁଲଙ୍କୁ ସମାଲୋଚନା କରି ଧର୍ମେନ୍ଦ୍ର ଏହା କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ରାହୁଲ ଓଡ଼ିଶାକୁ ପର୍ଯ୍ୟଟନ ଭ୍ରମଣରେ ଆସିବା ବେଳେ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ବୁଝିକି ଆସନ୍ତୁ। ସାଢେ ୩ବର୍ଷ କାଳ ଦେଖା ନ ଥିବା ରାହୁଲଙ୍କୁ ଏବେ ଓଡ଼ିଶା କଥା ମନେପଡିଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସମ୍ପର୍କରେ ତାଙ୍କୁ ଜଣାନାହିଁ। ସ୍ୱର୍ଗତ ବିଜୁ ପଟ୍ଟନାୟକ ପଞ୍ଚାୟତିରାଜ ବ୍ୟବସ୍ଥାରେ ପ୍ରଥମ ଥର ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାକୁ ୫୦ପ୍ରତିଶତକୁ ବୃଦ୍ଧି କରିଥିଲେ। ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ୨୨ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହି ପଦକ୍ଷେପକୁ କଂଗ୍ରେସ ଦଳର ନେତାମାନେ ଭୂୟସୀ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ମିଶନ୍ ଶକ୍ତି କାର୍ଯ୍ୟକ୍ରମରେ ୭୦ଲକ୍ଷ ମହିଳା ସଶକ୍ତ ହୋଇଛନ୍ତି। ଆସନ୍ତା ଥର ରାହୁଲ ଓଡ଼ିଶା ଆସିଲେ ସବୁ ତଥ୍ୟ ଜାଣିକି ଆସିବେ ଭାବୁଛୁ।

## ପୋଲିସ ହାତରେ....

ସୁଗାର ବେପାର କରୁଥିବା ବସ୍ତି ଲୋକେ ଜାଣିବାକୁ ପାଇଥିଲେ। ସେମାନଙ୍କୁ ଧରିବା ପାଇଁ ଜଗି ରହିଥିଲେ। ଶୁକ୍ରବାର ଅପରାହ୍ନ ୧.୩୦ ସମୟରେ ଉକ୍ତ ଯୁବକମାନେ ଅଟୋରେ ବସି ବ୍ରାଉନ ସୁଗାର ବେପାର କରିବା ବେଳେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ କାବୁ କରି ପିଟିଥିଲେ। ଖବର ପାଇ ଥାନାର ଦୁଇଟି ବିଟ୍ ପାଟ୍ରୋଲିଂ ଗାଡି ପହଞ୍ଚିଥିଲା। ହେଲେ ସେମାନେ ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରଣ କରିପାରି ନ ଥିଲେ। କିଛି ସମୟରେ ପରେ ଥାନାର ଏକ ଭ୍ୟାନ୍ ସେଠାରେ ପହଞ୍ଚିଥିଲା। ଭ୍ୟାନରେ ଥିବା ପୋଲିସ ଲୋକଙ୍କୁ ବୁଝାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲା। ଏହି ସମୟରେ ଭ୍ୟାନ ଡ୍ରାଇଭର ପ୍ରମୋଦ ଲୋକଙ୍କ ଦୃଷ୍ଟିଆଢୁଆଳରେ ବ୍ରାଉନ ସୁଗାର ଲୁଚାଇ ରଖିଥିଲେ। ମାତ୍ର ଉତ୍ତ୍ୟକ୍ତ ଲୋକେ ଖୋଜିବାରୁ ସେ ପକେଟରୁ ବ୍ରାଉନ ସୁଗାର ବାହାର କରି ତଳେ ପକାଇବା ବେଳେ ଲୋକଙ୍କ ନଜରରେ ପଡ଼ିଥିଲେ।

ଥାନା ଅଧିକାରୀ ସ୍ୱାଇଁ କହିଛନ୍ତି, ଏନେଇ ନଂ. ୧୨୨/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ମାଡ଼ ଖାଇଥିବା ଭ୍ୟାନ ଡ୍ରାଇଭର ଅଭିଯୋଗ କଲେ ଏହାର ମଧ୍ୟ ତଦନ୍ତ କରାଯିବ। ଏଠାରେ ପ୍ରଶ୍ନ ଉଠୁଛି ପ୍ରମୋଦଙ୍କର ନିଶା ବେପାରୀଙ୍କ ସହ ସମ୍ପର୍କ ଅଛି ନା ଅନ୍ୟ କେଉଁ କାରଣ ପାଇଁ ସେ ବ୍ରାଉନ ସୁଗାର ଲୁଚାଇ ଦେଉଥିଲେ। ଏହାର ତଦନ୍ତ କରାଗଲେ ପୋଲିସ ଓ ନିଶା ବେପାରୀଙ୍କ ସମ୍ପର୍କର ପର୍ଦ୍ଦାଫାଶ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଯୁବବାହିନୀ ପାଇଁ ...

ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଆଦୌ ଅବଗତ ନ ଥିବା କହିଥିବା ବେଳେ ବିଡିଓମାନେ ଭିନ୍ନମତ ଦେଉଛନ୍ତି। ଭୁବନେଶ୍ୱରରୁ ଫୋନ କରାଯାଇ ଏହି ପାର୍ସଲ ରଖି ଯୁବବାହିନୀଙ୍କୁ ବାଣ୍ଟିବାକୁ କୁହାଯାଇଥିଲା ବୋଲି ବନ୍ତ ବିଡିଓ ବିଲୁଙ୍ଗ ଏଠାରେ ସୂଚନା ଦେଇଛନ୍ତି। ଭାଜପା ଜିଲା ସଭାପତି ବଦ୍ରିନାରାୟଣ ଧଳ ସରକାରଙ୍କର ଏଭଳି ଲୁଚାଣିଆ ଯୋଜନାକୁ ନିନ୍ଦା କରିଛନ୍ତି। ଭୁଲ୍ ଠିକଣାରେ ବିଡିଓମାନଙ୍କ ନିକଟକୁ ପାର୍ସଲ ପଠାଯିବା ଘଟଣାରୁ ଏହା ଲୁଚାଣିଆ ଯୋଜନା ବୋଲି ସ୍ପଷ୍ଟ ହୋଇଥିବା ସେ କହିଛନ୍ତି।


# classified

### real estate

**SALE**

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

3storied building for sale near Dhauli, Bhubaneswar, all are 3BHK flat new building. Contact: 9337730923. D-58059

**Duplex & stithiban plot sale at AIIMS Hospital Bhubaneswar. 8480745797.** D-65372

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**ଭୁବନେଶ୍ୱର KEC ଗୁଡ଼ିଆ ପୋଖରୀ ସାଇ ମନ୍ଦିର ନିକଟରେ ଘରବାରି ପଟ୍ଟା ପ୍ଲଟ 30ft. ରୋଡ୍ ପାଚେରି ସହିତ sqft. 649ରେ ବିକ୍ରିହେବ: 7008748309, 9438616722.** D-11430

Tamando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ: 9438859527. D-11188

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65378

Now Matrimonial ads. only on Wednesday & Sunday Book 1 Get 1 FREE

**Omm housing Infra solutions provides (sale & purchase) plots, flats & duplex in all around Odisha & India. (Bhubaneswar, Puri, Cuttack, Puri & Balasore) & (Mumbai, Kolkata, Bangalore, Hydrabad & Delhi). Contact: 9861433014, 9938569014.** D-11514

Personal gharabari boundary plot near Sunderpada(Panchagaon) 60' road. 1500 sqft. at 600000/-. 9439489633, 7377738490. D-77040

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11556

Booking one lakh simplex 2BHK 1200 sqft. land 20,50,000/- BDA area Tankapani road, Saitemple, gharabariplots, Jharapada, Mahadev Nagar. 7735738102. D-11549

Twincityର middlepoint (Phulnakhara)ରେ ନିର୍ମିତ Grandbazar NH-5ରୁ walkable distanceରେ ଘରବାରି plot କିଣନ୍ତୁ। Abhaya-8144647993. D-65381

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11555

Booking open for 2,3 BHK flats near Patrapada Mall. Contact: 7381003669. D-11080

Xavier University ନିକଟରେ ରାସ୍ତାଥାଇ ପ୍ଲଟ 4,50,000/- ଦିଆଯାଉଅଛି। Sasmita-9853150290. D-65383

ଭୁବନେଶ୍ୱର Tamando Kendriya Vihar Colony ନିକଟରେ yellowzone 30' road plot. 9348767829. D-65384

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### construction

Do you want to construct buildings on your own plot. Contact: Sachi Pattanaik B.Tech (Civil. Eng). 9853916309, 9338401309. D-62164

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11557

### to-let

Main road side modern building immediate occupation near Jharapada, flyover, Indian oil Petrol pump, Cuttack Road, Bhubaneswar suitable for office, hostel etc. Contact: 9438081042, 9438668573. D-11554

### healthcare

Newly ayurvedic fullbody massage ladies, gents: 7609923705, 7438851534. D-38550

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସାରଙ୍ଗଧର ନାଏକ**
ଅବସରପ୍ରାପ୍ତ ଫରେଷ୍ଟଗାର୍ଡ
ସାମାଜିକ ପରାମର୍ଶଦାତା
କଳାଙ୍ଗ, ପାଲଟାସିଂହ, ଢେଙ୍କାନାଳ
ଆବିର୍ଭାବ: ୨୨।୦୯।୧୯୪୬
ତିରୋଧାନ: ୨୭।୦୨।୨୦୧୯
ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଉପସ୍ଥିତି ଅନୁଭବ କରୁଅଛୁ। ଆପଣଙ୍କ ନୀତି, ଆଦର୍ଶ ଓ ଅନାବିଳ ସ୍ନେହ ଆମ ପାଇଁ ପାଥେୟ ହୋଇରହୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ସହଧର୍ମିଣୀ-ସାବିତ୍ରୀ ନାଏକ, ପୁତ୍ର, କୁଞ୍ଜ, ରଥିଆ, ଦଣ୍ଡଧର, ବିଜୟ, ପୁତ୍ରବଧୂ-ସବିତା ଓ ରୁନୁ, ଶଳା-ପ୍ରଭାକର, ନାତିନାତୁଣୀ-ଶୁଭ, ମାମାଲି, ନକ୍ଷତ୍ର, ସାଇ ଓ ଶିବାନୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୮୪

### ଦ୍ୱିତୀୟ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ ନରେନ୍ଦ୍ର କୁମାର ସ୍ୱାଇଁ**
ପୂର୍ବତନ ଅଧ୍ୟକ୍ଷ ବିଶ୍ୱକର୍ମା ଆ.ଟି.ମ୍ରି
ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୬
ତିରୋଧାନ: ୦୧।୦୩।୨୦୧୭
ସପନେ ହଜିଲା ଦୁଃଖ ସାଗରରେ ସୁଖ, ଶାନ୍ତି ଗଲା ସରି, ଦୁଇ ବରଷତ ଚାହିଁ ଚାହିଁ ଗଲା ଆସିଲନି ଦିନେ ଫେରି, ଆଖି ଲୁହ ସାଥେ ପ୍ରଣତୀ ଜଣାଇ ଦୁଃଖରେ ପ୍ରଦୀପ ଜାଳି, ଯହିଁ ଥାଅ ତୁମେ ଶାନ୍ତିରେ ରହିଥା ଆଶିଷ ଅସରା ଢାଳି। ଶୋକସନ୍ତପ୍ତ: ପତ୍ନୀ-ଜ୍ୟୋତ୍ସ୍ନା, ଝିଅ-ଦିପାଲିସା (ପୂଜା), ବନ୍ଧୁ ଓ ପରିବାରବର୍ଗ।
ଧ-୧୧୫୭୨




## ମାଟ୍ରିକ୍ ପ୍ରଶ୍ନପତ୍ର ଭାଇରାଲ
# ସାହିତ୍ୟରୁ ଆରମ୍ଭ ସାମାଜିକ ବିଜ୍ଞାନରେ ଶେଷ

କଟକ ଅଫିସ, ୮।୩

- ୨୫ରୁ ଖାତାଦେଖା
- ୧୨ରେ ପରୀକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଭାଇରାଲରୁ ଆରମ୍ଭ ହୋଇ ଭାଇରାଲରେ ଶେଷ ହୋଇଛି। ଗତ ଫେବୃୟାରୀ ୨୨ରେ ପରୀକ୍ଷା ଆରମ୍ଭ ଦିନ ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲାବେଳେ ଶୁକ୍ରବାର ପରୀକ୍ଷାର ଶେଷ ଦିବସରେ ଭାଇରାଲ ହୋଇଛି ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର। ସେହିପରି ଗତ ୨ ତାରିଖରେ ଗଣିତ ପ୍ରଶ୍ନପତ୍ର ମଧ୍ୟ ଭାଇରାଲ ହୋଇଥିଲା। ବୋର୍ଡ ସଭାପତି ଡ. ଜାହାଁ ଆରା ବେଗମ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ର ଭାଇରାଲକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ପରୀକ୍ଷା ଶେଷ ହେବାର କିଛି ମିନିଟ ପୂର୍ବରୁ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଭାଇରାଲ କରିଥିବା ବ୍ୟକ୍ତିଜଣକ ବହୁ ସତର୍କତାର ସହ ଏହି କାର୍ଯ୍ୟ କରିଛନ୍ତି। ସାମାଜିକ ବିଜ୍ଞାନର ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଅବ୍‌ଜେକ୍ଟିଭ ପ୍ରଶ୍ନପତ୍ରର ସମ୍ପୂର୍ଣ୍ଣ ଫଟୋ ଭାଇରାଲ ହୋଇଥିବା ବେଳେ ସବଜେକ୍ଟିଭର ୪ଟି ପ୍ରଶ୍ନର ଫଟୋ ଏଥିରେ ଦେଖିବାକୁ ମିଳିଥିଲା। ଫଟୋ ଉଠାଇଥିବା ବ୍ୟକ୍ତିଜଣଙ୍କ ପ୍ରଶ୍ନପତ୍ରର ଉପର ପାର୍ଶ୍ୱରେ ଖବରକାଗଜ ରଖି ସେଥିରେ ଥିବା ବିଭିନ୍ନ କୋଡ୍‌ଗୁଡ଼ିକୁ ଲୁଚାଇ ଦେଇଛନ୍ତି। ଫଳରେ ତାହା କେଉଁ ଜିଲାର ପରୀକ୍ଷାକେନ୍ଦ୍ରରୁ ଭାଇରାଲ ହୋଇଛି ତାହା କହିବା କଷ୍ଟକର। ହେଲେ ଏହା ଅରିଜିନାଲ ପ୍ରଶ୍ନପତ୍ର ସହ ମେଳ ଖାଉଛି। କୌଣସି ଠୋସ୍ ତଥ୍ୟ ନ ଥିବାରୁ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହୁଁ ବୋଲି ଡ. ବେଗମ୍ କହିଛନ୍ତି। ସାମାଜିକ ବିଜ୍ଞାନ ପରୀକ୍ଷାରେ ୧୩୭ଜଣ କପି କରି ଧରାପଡ଼ିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖରୁ ଏପ୍ରିଲ ୫ ଯାଏ ଚାଲିବ ଖାତା ଦେଖା। ଏଥିନିମନ୍ତେ ୬୦ଟି ମୂଲ୍ୟାୟନ କେନ୍ଦ୍ର ସ୍ଥିର କରାଯାଇଛି। ପ୍ରଥମ ୩ଟି ପରୀକ୍ଷାର ଉତ୍ତରଖାତା ନୋଡାଲ ସେଣ୍ଟରରୁ ମୂଲ୍ୟାୟନ କେନ୍ଦ୍ରକୁ ଅଣାସରିଥିବା ବେଳେ ବଳକା ପରୀକ୍ଷାର ଓଏମ୍‌ଆର୍ ଶିଟ ଖୁବ୍‌ଶୀଘ୍ର ଅଣାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୨ ତାରିଖରେ ବସିବ ବୋର୍ଡର ପରୀକ୍ଷା କମିଟି ବୈଠକ। ବୈଠକରେ ଦୁଇଟି ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

ପ୍ରଥମଟି ହେଲା, ପରୀକ୍ଷା ସମୟରେ ଅଭିଭାବକ, ସମ୍ପର୍କୀୟମାନଙ୍କ ଦ୍ୱାରା ବିଶୃଙ୍ଖଳା ଆଚରଣ, କପି ଯୋଗାଇବା ତଥା ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସରେ ଧରାପଡ଼ିବା ଯୋଗୁ ୩ଟି କେନ୍ଦ୍ରର ଇଂଲିଶ୍ ପରୀକ୍ଷାକୁ ବାତିଲ କରାଯାଇଥିଲା। ତେଣୁ ଉକ୍ତ ୩ ପରୀକ୍ଷା କେନ୍ଦ୍ରର ୬୭୫ ପରୀକ୍ଷାର୍ଥୀଙ୍କୁ ଶୂନ ମାର୍କ ଦିଆଯିବ ନା ମାଲପ୍ରାକ୍ଟିସ କରାଯିବ ସେ ନେଇ ନିଷ୍ପତ୍ତି ହେବ। ଅନ୍ୟ ଏକ ପ୍ରସଙ୍ଗ ହେଉଛି ମାଲକାନଗିରି ଜିଲା ପଡ଼ିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଗଣିତ ଉତ୍ତରଖାତା ଗାଏବ ହେବା। ଏନେଇ ୧୦୮ଜଣ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମାନଙ୍କୁ କିପରି ମାର୍କ ଦିଆଯିବ ସେ ଦିଗରେ ନିଷ୍ପତ୍ତି ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ବ୍ଲକ୍ ଗ୍ରାଣ୍ଟ କଲେଜ ଅଧ୍ୟାପକ, କର୍ମଚାରୀଙ୍କ ୩ ମାସର ବକେୟା ଦରମା ମିଳିବ

ଭୁବନେଶ୍ୱର, ୮।୩ (ବ୍ୟୁରୋ)

ଦୀର୍ଘଦିନ ପରେ ରାଜ୍ୟ ସରକାର ବ୍ଲକଗ୍ରାଣ୍ଟ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ଉପରେ କୃପା କରିଛନ୍ତି। ନିଜର ଦାବି ପୂରଣ ପାଇଁ ଧାରଣାରେ ବସିବା ଯୋଗୁ ୬୬୨ ଓ ୪୮୮ ବର୍ଗ କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର ବନ୍ଦ ଥିବା ୩ ମାସର ଦରମା ଦେବାକୁ ସରକାର ଶେଷରେ ରାଜି ହୋଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ଆସନ୍ତା ମାର୍ଚ୍ଚ ୩୦ ତାରିଖ ପୂର୍ବରୁ ବକେୟା ଦରମା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପୂର୍ଣ୍ଣ ଅନୁଦାନ ଦାବି ନେଇ ଉଭୟ ବର୍ଗର କଲେଜ ସଂଘ ପକ୍ଷରୁ ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନ କରିବାରୁ ସେମାନଙ୍କର ୨୦୧୬ ଜୁନ ଏବଂ ୨୦୧୮ର ଅଗଷ୍ଟ ଏବଂ ସେପ୍ଟେମ୍ବର ଦରମାକୁ ବନ୍ଦ କରି ଦିଆଯାଇଥିଲା।

# ୭ କୋଟିରେ ପହଞ୍ଚିଲା ଉଜ୍ଜ୍ୱଳା: ଧର୍ମେନ୍ଦ୍ର

ଭୁବନେଶ୍ୱର,୮।୩ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଦେଶର ୭କୋଟି ଗରିବ ପରିବାରକୁ ଗ୍ୟାସ ସଂଯୋଗ ଦେଇ ମୋଦି ସରକାର ଅସମ୍ଭବକୁ ସମ୍ଭବ କରିଛନ୍ତି। ୯ହଜାର କୋଟି ଟଙ୍କା ବ୍ୟୟରେ ଦୁନିଆର ସବୁଠୁ ବଡ ଗ୍ୟାସ ପାଇପ ଲାଇନ ତିଆରି ସହ ବଟଲିଂ ପ୍ଲାଣ୍ଟ ନିର୍ମାଣ ହୋଇଛି। ବିତରକ ନେଟ୍‌ୱର୍କକୁ ତଳସ୍ତର ଅଞ୍ଚଳରେ ପହଞ୍ଚାଇବା ପାଇଁ କମନ ସର୍ଭିସ ସେଣ୍ଟରର ସହଯୋଗ ନିଆଯାଇଛି। ଫଳରେ ଦେଶରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବାର ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୭ କୋଟିତମ ହିତାଧିକାରୀଙ୍କୁ ଗ୍ୟାସ ବିତରଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ମୋଦି ୨୦୧୬ ମେ ୧ରେ ଯୋଜନାର ଶୁଭାରମ୍ଭ କରିଥିଲେ। ୫ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ନେଇ ୮ନଭେମ୍ବର ୨୦୧୬ରେ ପ୍ରଥମ ୧କୋଟି ସଂଯୋଗ ପୂରଣ ହୋଇଥିଲା।

SIVANANDA CENTENARY BOYS' HIGH SCHOOL
Chidananda Vihar, Khandagiri, Bhubaneswar

**Swami Chidananda Vidya Dana Scheme**

Applications are invited for grant of scholarship under **"Swami Chidananda Vidya Dana Scheme"** for the economically backward parents seeking admission for their meritorious boys in Stds. VI & VII.

**We at Sivananda Centenary Boys' High School believe in imparting Value-Based education in English Medium (CBSE curriculum) in Modern Gurukul Environment to achieve integrated development of the students' body, mind and soul.**



Application in plain paper containing the vital information namely: **Name, Father's Name, Address, Profession** of the parents, **School and Class** in which the student was studying, **Annual Income of the parents** (Certificate from the Tahsildar to be attached) should reach the school either by post or email or in person on or before **25th March, 2019**

*To ascertain the merit of the students, an entrance test and personal interview will be held on **1st April, 2019***

For Queries, Call: 9124493507 / 8917485130 / 0674 2470287

# ନିଯୁକ୍ତ ହେଲେ ୧୫୩୮ ଡାକ୍ତର

**ଭୁବନେଶ୍ୱର, ୮।୩(ବ୍ୟୁରୋ):** ସରକାରୀ ଚିକିତ୍ସାଳୟରେ ୧୫୩୮ ଜଣ ଏମବିବିଏସ୍ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକଗୁରୁବାର୬୦୦ଏବଂଶୁକ୍ରବାର୯୩୮ ଡାକ୍ତରପଦବୀକୁଅନୁମୋଦନ କରିଥିଲେ।ଦୁଇଟିପର୍ଯ୍ୟାୟରେଏହିଡାକ୍ତରମାନଙ୍କୁନିଯୁକ୍ତିଦିଆଯିବ।ଏହିନିଯୁକ୍ତିଦ୍ୱାରାଚିକିତ୍ସାଳୟରେ ଡାକ୍ତରଙ୍କରମାନଙ୍କର ଅଭାବ କେତେକାଂଶରେ ଦୂର ହେବା ନେଇ ସରକାର ଆଶା କରିଛନ୍ତି।






କର୍ମମାର୍ଗର ଭଲ ଦିଗଟି ହେଲା- ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ- ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି - ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା - ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି।

-ଶ୍ରୀଅରବିନ୍ଦ



# ଘଣ୍ଟି ବାନ୍ଧିବ କିଏ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସ୍ଥାବର ସମ୍ପତ୍ତି ରିଟର୍ନ ଦାଖଲ କରିବା ପ୍ରକ୍ରିୟାକୁ ସରକାର ୨୦୧୬ରୁ ସରଳ କରିଦେଇଥିଲେ ମଧ୍ୟ ବାବୁମାନଙ୍କ ମନୋବୃତ୍ତିରେ ପ୍ରାୟ କିଛି ପରିବର୍ତ୍ତନ ଘଟିନାହିଁ। ୨୦୧୮ ବର୍ଷ ପାଇଁ ସ୍ଥାବର ସମ୍ପତ୍ତି ରିଟର୍ନ (ଆଇପିଆର୍) ଦାଖଲର ଶେଷ ସମୟ ପାର ହୋଇଥିଲେ ମଧ୍ୟ ୩୪୦ ଜଣ ଆଇଏଏସ୍ ଅଫିସର ଏଯାଏ ତାହା ଦାଖଲ କରିନାହାନ୍ତି। ୨୦୧୮ ପାଇଁ ଆଇପିଆର୍ ଦାଖଲ କରିବାର ଶେଷ ତାରିଖ ଥିଲା ଜାନୁୟାରୀ ୩୧ ତାରିଖ। ସୂଚନା ଅନୁସାରେ କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟ (ଡିଓପିଟି) ଏଥିପାଇଁ ଅନେକ ସ୍ମାରକ ପଠାଇଛି ଏବଂ ଶେଷ ସ୍ମାରକଟି ୨୦୧୯ ଫେବୃୟାରୀ ୭ରେ ପଠାଇଥିଲା। ସବୁ ରାଜ୍ୟକୁ ପଠାଯାଇଥିବା ଚିଠିରେ ଚେତାବନୀ ଦିଆଯାଇଛି ଯେ, ବାବୁମାନେ ସମ୍ପତ୍ତି ତାଲିକା ପ୍ରଦାନ କରିବାରେ ବିଫଳ ହେଲେ ତା'ର ଭୟଙ୍କର କୁପରିଣାମ ଭୋଗିବାକୁ ପଡ଼ିବ। ଯାହା ଜଣାଯାଏ ଆଇପିଆର୍ ଦାଖଲ ବାଧ୍ୟତାମୂଳକ ହୋଇଥିବା ବେଳେ ତାହା ଦାଖଲ କରିବାରେ ବିଫଳ ହେଲେ ପଦୋନ୍ନତି ଆଦି ପାଇଁ ନାମତାଲିକା ପ୍ରସ୍ତୁତିରେ ଦରକାର ହେଉଥିବା ଭିଜିଲାନ୍ସ କ୍ଲିୟରାନ୍ସ ମିଳିବ ନାହିଁ। ସେହିପରି ସର୍ବଭାରତୀୟ ସେବା (ଏଆଇଏସ୍) କ୍ୟାଡର ନିୟମ ଅନୁଯାୟୀ ଯେକୌଣସି ପ୍ରକାର ଡେପୁଟେଶନ ପାଇଁ, ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଯୁକ୍ତି ପାଇଁ, ତାଲିମ କାର୍ଯ୍ୟକ୍ରମ ପାଇଁ (ବାଧ୍ୟତାମୂଳକ ତାଲିମ ବ୍ୟତୀତ) ଏବଂ ଅବଧି ପୂର୍ବରୁ ନିଜ କ୍ୟାଡରକୁ ପ୍ରତ୍ୟାବର୍ତ୍ତନ ଲାଗି କେନ୍ଦ୍ର ସରକାରଙ୍କ କ୍ଲିୟରାନ୍ସ ମିଳିବ ନାହିଁ। ଅବଶ୍ୟ ଅମାନିଆ ବାବୁମାନେ ଧୀରେ ଧୀରେ ବାଟକୁ ଆସିଯାଇପାରନ୍ତି, କିନ୍ତୁ ଏହା ଏମିତି ଏକ କାର୍ଯ୍ୟ ଯାହା ସେମାନଙ୍କୁ ଅତି ଅନିଚ୍ଛା ସତ୍ତ୍ୱେ କରିବାକୁ ପଡ଼ିବ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏ ବିରାଡ଼ି ବେକରେ ଘଣ୍ଟି ବାନ୍ଧିବା କାମ କରିବେ ପରବର୍ତ୍ତୀ ସରକାର।

### ସ୍ପଷ୍ଟୀକରଣ ଦିଅ

୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର ଟି.କେ. ରାଜେନ୍ଦ୍ରନ୍, ଯେ କି ଦୁଇବର୍ଷ ତଳୁ ଅବସର ନେବା କଥା, ସେ ଏଯାଏ କିପରି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପଦରେ ଅଛନ୍ତି, ସେ ନେଇ ତାମିଲନାଡ଼ୁ ମୁଖ୍ୟ ଶାସନ ସଚିବଙ୍କଠାରୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ମାଗିଛି। ଏସ୍‌ପି, ଡିଆଇଜି, ଆଇଜି ଓ ଏଡିଜିପି ପାହ୍ୟାର ଚାରୋଟି ବ୍ୟାଚ୍‌ର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ପ୍ରସ୍ତାବର ଉତ୍ତର ଦେବା ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କେତେକ ପ୍ରଶ୍ନ ଉତ୍ଥାପନ କରିବା ସହ ଏହାର ସ୍ପଷ୍ଟୀକରଣ ଦେବାକୁ କହିଛି। କିନ୍ତୁ ମନ୍ତ୍ରଣାଳୟର ପ୍ରଶ୍ନରେ ରାଜ୍ୟର ଅଫିସରମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କାରଣ ରାଜେନ୍ଦ୍ରନ୍‌ଙ୍କର ଯେଉଁଦିନ ଅବସର ନେବାର ଥିଲା, ଠିକ୍ ସେହିଦିନ ହିଁ ସେ ଡିଜିପି ପଦରେ ନିଯୁକ୍ତ ହୋଇଥିଲେ। ପ୍ରକାଶ ସିଂ ମାମଲାରେ ସୁପ୍ରିମ୍‌କୋର୍ଟ ଯେଉଁ ରୁଲିଂ ଦେଇଥିଲେ, ସେହି ଅନୁଯାୟୀ ସେ ଦୁଇବର୍ଷିଆ ସ୍ଥାୟୀ କାର୍ଯ୍ୟକାଳର ସୁବିଧା ଭୋଗ କରୁଛନ୍ତି। ଏହି ପ୍ରକ୍ରିୟାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ମଧ୍ୟ ଏକ ଅଂଶ ଥିଲା। କେନ୍ଦ୍ରର ଅନୁମୋଦନ ବିନା ଆଇପିଏସ୍ ଅଫିସରମାନଙ୍କୁ କିପରି ଏକ୍ସ-କ୍ୟାଡର ପୋଷ୍ଟରେ ରଖାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ପ୍ରଶ୍ନ କରିଛନ୍ତି। ରାଜ୍ୟ ସରକାର ଆଇପିଏସ୍ ଅଫିସରଙ୍କ ପଦୋନ୍ନତି ତଥା କେନ୍ଦ୍ରୀୟ ଡେପୁଟେଶନ ପାଇଁ କରିଥିବା ସୁପାରିସରେ ଦୁଇଜଣ ଅଫିସରଙ୍କ ନାମ ଅଛି- ବି. ବାଳନାଗଦେବୀ ଓ ଡି. ଅଭିନବ କୁମାର। ଏହି ବାବୁମାନେ ତେଲେଙ୍ଗାନା ଓ ବିହାରରେ ଇଣ୍ଟର-କ୍ୟାଡର ଡେପୁଟେଶନରେ ଥିଲେ। ତେଣୁ ଏମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦିଆଯାଇଛି। ଯାହା ଜଣାଯାଏ, କେନ୍ଦ୍ରୀୟ ଅନୁମୋଦନ ବିନା ବହୁ ବାବୁ ଏକ୍ସ-କ୍ୟାଡର ପଦବୀରେ ଦୁଇବର୍ଷରୁ ଅଧିକ କାଳ ହେଲା ରହିଛନ୍ତି। ଏହା କେବଳ ତାମିଲନାଡ଼ୁରେ ସୀମିତ ନୁହେଁ ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି।

### ଅବସର ପରେ ସୁଯୋଗ

ଏକ ସରକାରୀ ଚାକିରି ଚାହୁଁଛନ୍ତି କି? କିମ୍ବା କେନ୍ଦ୍ରୀୟ ସେବାରୁ ଅବସର ପରେ ତଥାପି ଆପଣ ନିଜର କାର୍ଯ୍ୟ ଦିବସଗୁଡ଼ିକୁ ଝୁରୁଛନ୍ତି କି? କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସାମୟିକ ଭାବେ ଏକ ୱିଣ୍ଡୋ ଖୋଲିଛି, ଯାହା ମାଧ୍ୟମରେ କେନ୍ଦ୍ରୀୟ ସେବାରୁ ଅବସରପ୍ରାପ୍ତ ବ୍ୟକ୍ତିଗତ ସହାୟକ (ପିଏ) ଓ ପ୍ରାଇଭେଟ୍ ସେକ୍ରେଟାରୀ (ପିଏସ୍)ମାନେ ଉକ୍ତ ବିଭାଗରେ ଷ୍ଟେନୋଗ୍ରାଫର ଭାବେ ଚାକିରି କରିବାର ସୁଯୋଗ ପାଇପାରିବେ। ପ୍ରାପ୍ତ ସୂଚନା ଅନୁସାରେ, ଉପରୋକ୍ତ ବର୍ଗର ଆଗ୍ରହୀ ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ ଡିଓପିଟି ଏକ ସର୍କୁଲାର ଜାରି କରିଛି। ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଛଅମାସ ପାଇଁ ଦିଆଯିବ ଏବଂ ସେମାନେ ଅବସର ପୂର୍ବରୁ ମାସିକ ଯେତିକି ବେତନ ପାଉଥିଲେ, ପେନ୍‌ସନକୁ ବାଦ ଦେଇ ସେତିକି ପାଇବେ। ସେମାନଙ୍କୁ ଆଉ କୌଣସି ଭତ୍ତା ମିଳିବ ନାହିଁ। ଉକ୍ତ ସର୍କୁଲାର ଅନୁସାରେ, ଏହି ଅବସରପ୍ରାପ୍ତ କର୍ମଚାରୀମାନଙ୍କର ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଭିତ୍ତିରେ ହେବ ଏବଂ ସମ୍ପୃକ୍ତ ଗ୍ରେଡ୍‌ରେ ଖାଲିସ୍ଥାନକୁ ଲକ୍ଷ୍ୟ କରି ସେମାନଙ୍କ ଚାକିରି ଅବଧିକୁ ପ୍ରତି ମାସରେ ବୃଦ୍ଧି କରାଯାଇପାରିବ। ଏଥିପାଇଁ ଦରଖାସ୍ତ କଲାବେଳେ ଉକ୍ତ ଅବସରପ୍ରାପ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ଶେଷ ବେତନ ସାର୍ଟିଫିକେଟ୍ ଓ ବ୍ୟାଙ୍କ ବିବରଣୀ ଦେବାକୁ ହେବ।

Email: dilipcherian@gmail.com

# ମନ ଥିଲେ ସବୁ ହୁଏ



ମନ-ମାନଚିତ୍ର

ଡ. ନରହରି ବେହେରା

ଓଡ଼ିଆରେ ଗୋଟିଏ ରୋଚକ କଥା ଶୁଣିବାକୁ ମିଳେ- 'ମାଇଁ ଲୋ ମାଇଁ, ତୋ ହାତରେ କାହିଁକି ଶଙ୍ଖା ନାହିଁ?' ମାଇଁ କହେ- 'ତୋ ମାମୁ ଦିଏ ନାହିଁ କି ମୋର ପିନ୍ଧିବାକୁ ମନ ନାହିଁ।' ଏ ପ୍ରବାଦର ବ୍ୟାଖ୍ୟା ଏଇମିତି- ମାଇଁଟି ଭାରି ଆଧୁନିକା। ସେ ପାରମ୍ପରିକ ରୀତିନୀତିରେ ବିଶ୍ୱାସ କରନ୍ତି ନାହିଁ। ତେଣୁ ସେ ହାତରେ ଶଙ୍ଖା ପିନ୍ଧନ୍ତି ନାହିଁ। ମାମୁ ବି ସେହିପରି। ସେଥିପ୍ରତି ଧ୍ୟାନ ନ ଥାଏ। ଏଣେ ଭଣଜାଭାଣିଜୀମାନେ ମାଇଁଙ୍କର ଏପରି ଶଙ୍ଖାବିହୀନ ହାତସମ୍ପର୍କରେ ପ୍ରଶ୍ନ କରନ୍ତି। ଥରେ ଭଣଜାଭାଣିଜୀମାନେ ଜିଗର କରିବାରୁ ମାମୁମାଇଁ ଦି'ଜଣ ଶଙ୍ଖା କିଣିବା ପାଇଁ ବଜାରକୁ ଗଲେ। ମାତ୍ର ଶଙ୍ଖା ନ କିଣି ଫେରି ଆସିଲେ। ତା'ପରେ ଭଣଜାଭାଣିଜୀ ସେହି ପ୍ରଶ୍ନ କରିବାରୁ ମାଇଁ ହସିଦେଇ ଉପରୋକ୍ତ ଉତ୍ତରଟି ଦେଇଥିଲେ। ଏ ପ୍ରସଙ୍ଗର ମୂଳତତ୍ତ୍ୱ ହେଉଛି ମାନସିକତା। ମାମୁମାଇଁଙ୍କର ଶଙ୍ଖା କିଣିବା ପାଇଁ ଅର୍ଥର ଅଭାବ ନ ଥିଲା, ମାତ୍ର ଶଙ୍ଖା କିଣିବା ବା ପିନ୍ଧିବାର ମାନସିକତା ଦୁଇଜଣଙ୍କଠାରେ ନ ଥିଲା। ସବୁ ଥାଇ ମନ ନ ଥିଲେ କିଛି ହୁଏନାହିଁ, ଆଉ ମନଥିଲେ ସବୁ ଅସମ୍ଭବ ସମ୍ଭବରେ ହୋଇଯାଏ।

ଆମ ଓଡ଼ିଆଙ୍କର ଆଉ କିଛି ମାନସିକତା ଥାଉ କି ନ ଥାଉ ଓଡ଼ିଆ ଭାଷାକୁ ପରିହାର କଲେ ହିଁ ଜଣେ କେବଳ ବାବୁ, ହାକିମ କିମ୍ବା ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇପାରିବ- ଏହି ମାନସିକତା ନିଶ୍ଚୟ ଅଛି। ତେଣୁ ଅନାବଶ୍ୟକ ଭାବେ ଏମାନଙ୍କ ତୁଣ୍ଡରେ ହିଁ ଓଡ଼ିଆ ଅପେକ୍ଷା ଅନ୍ୟ ଭାଷା ଅଧିକ ଶୋଭାବର୍ଦ୍ଧନ କରିଥାଏ। ଏହି ମାନସିକତା ଆମ ଓଡ଼ିଆଙ୍କ ମନପ୍ରାଣକୁ କବଳିତ କରିଛି। ୧୮୬୬ ନଅଙ୍କ ଦୁର୍ଭିକ୍ଷରେ ଓଡ଼ିଶା ଶ୍ରୀହୀନ ହୋଇଯିବାରୁ ଇଂରେଜ ସାହେବମାନେ ତଦନ୍ତ କରି ଓଡ଼ିଆମାନଙ୍କୁ ଶିକ୍ଷିତ କରିବା ପାଇଁ ବିଦ୍ୟାଳୟରେ ଇଂଲିଶ ଏବଂ ଆଧୁନିକ ପ୍ରଣାଳୀରେ ଓଡ଼ିଆ ଶିକ୍ଷା ଦିଆଯିବାର ବ୍ୟବସ୍ଥା କଲେ। ଏହିଠାରୁ ଓଡ଼ିଆ ଭିତରକୁ ଇଂଲିଶ ଭାଷା ପଶିବାକୁ ସୁଯୋଗ ପାଇଲା। ଇଂରେଜ ଶାସକଙ୍କ ନିକଟତର ହେବା ପାଇଁ ଏହି ଭାଷା ହିଁ ଥିଲା ସେତେବେଳର ଶ୍ରେଷ୍ଠ ଯୋଗ୍ୟତା। ତେଣୁ ଅଧିକାଂଶ ଓଡ଼ିଆଙ୍କ ମନରେ ଏହି ଭାଷା ପ୍ରତି ଦୁର୍ବଳତା ସୃଷ୍ଟି ହେବା ସ୍ୱାଭାବିକ। କେବଳ ସେତିକି ନୁହେଁ, ତତ୍କାଳୀନ ଉଚ୍ଚ ପଦବୀରେ ଥିବା ବଙ୍ଗୀୟ ଶାସକଙ୍କ ଚକ୍ରାନ୍ତ ଓଡ଼ିଆ ଭାଷାକୁ ମଧ୍ୟ କିଛିମାତ୍ରାରେ ସଂକୁଚିତ କରିଥିଲା। ମାତ୍ର ଏତେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ତତ୍କାଳୀନ ଓଡ଼ିଆମାନଙ୍କ ଦୃଢ଼ ମାନସିକତା ହିଁ ଓଡ଼ିଆ ଭାଷାକୁ ସୁରକ୍ଷା ଦେଇଥିଲା। ଭାରତବର୍ଷରେ ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବାରେ ଓଡ଼ିଶା ହିଁ ପ୍ରଥମ ସୌଭାଗ୍ୟ ଲାଭ କରିଥିଲା।

ଏବେ ସମୟ ବଦଳିଛି। ଆମେ ସ୍ୱତନ୍ତ୍ର ଏବଂ ଶିକ୍ଷିତ ହୋଇଛୁ। ଯେଉଁ ବାବୁମାନେ ଓଡ଼ିଆ ଭାଷାକୁ ହୀନ ବୋଲି କହି ତାଙ୍କ ଭାଷାକୁ ଆମ ଉପରେ ଲଦିଦେବାକୁ ଚାହୁଁଥିଲେ, ସେମାନଙ୍କୁ ପଛରେ ପକାଇ ଆମ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାର ଭାଜନ କରିପାରିଛୁ। ଏହା ସତ୍ତ୍ୱେ ଓଡ଼ିଆ ଭାଷାକୁ ନେଇ ଗର୍ବ କରିବାର ମାନସିକତା ଆମର ସୃଷ୍ଟି ହୋଇନାହିଁ। ଦୂରଦର୍ଶନ, ବେତାର, ସଭା ସମିତି ସବୁଠି ନବ୍ୟ ଶିକ୍ଷିତମାନଙ୍କର ହିନ୍ଦୀ, ଇଂଲିଶ ଓ ଓଡ଼ିଆ ଭାଷାର ଫେଣ୍ଟାଫେଣ୍ଟି ବକ୍ତବ୍ୟ ଶୁଣିଲେ, ଆମେ କେତେପଣ ଓଡ଼ିଆ ତାହା ଜଣାପଡ଼େ। ମନେପଡ଼େ ଫକୀର ମୋହନଙ୍କର କେଇ ପଦ ଗୀତ- ''କେତେ ବାବୁଙ୍କର ଦେଖିଛି ଦୁର୍ଦ୍ଦଶା, ଲାଜ ମାଡ଼େ କହିବାକୁ ନିଜ ମାତୃଭାଷା। ନାଚାର ହାଲତେ ଯେବେ ହୁଏ କହିବାକୁ, ବଡ଼ ହସ ମାଡ଼େ କିନ୍ତୁ ତାହା ଶୁଣିବାକୁ। ଓଡ଼ିଆ ଏଗାର ପଣି ବାକି ଇଙ୍ଗରେଜି, ଅଦ୍ଭୁତ ଖେଚୁଡ଼ି ଏକ ମିଶି ସାଜି।'' ଏହି ମାନସିକତାକୁ ବଦଳାଇବା ପାଇଁ ଏବକୁ ଆମ ସରକାର 'ଓଡ଼ିଶା ସରକାରୀ ଭାଷା ନିୟମାବଳୀ, ୨୦୧୬'ର ସଂଶୋଧନ ପ୍ରସ୍ତାବଟିକୁ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ କରିଛନ୍ତି। ଏହି ସଂଶୋଧନ ନିୟମାବଳୀ ଅନୁଯାୟୀ, ଏଣିକି ସରକାରୀ ଭାଷା ରୂପେ ବ୍ୟାପକ ଭାବେ ଓଡ଼ିଆର ପ୍ରଚଳନ କରାଯିବ। ଯେଉଁ ଅଧିକାରୀ ବା ବିଭାଗ ଏହି ଭାଷାକୁ ବହୁଳ ବ୍ୟବହାର କରିବେ, ତାଙ୍କୁ ପୁରସ୍କୃତ କରାଯିବା ସହିତ ଯେଉଁମାନେ ଏଥିରେ ଖିଲାପ କରିବେ ତାଙ୍କୁ ଦଣ୍ଡ ଦିଆଯିବ।

ଏ ପ୍ରସ୍ତାବଟି ଓଡ଼ିଆ ଭାଷାପ୍ରେମୀଙ୍କୁ ନିଶ୍ଚିତ ଖୁସି କରିଥିବ। ମାତ୍ର ଏହାର ସଫଳ କାର୍ଯ୍ୟକାରିତା ବିଷୟରେ ଭାବିବସିଲେ ହତାଶାବୋଧ ମାଡ଼ିବସେ। କାରଣ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ପ୍ରଚଳନର ପ୍ରୟାସ ଆଜି ନୁହେଁ, ଦୀର୍ଘଦିନରୁ ଜାରିରହିଛି। କେତେ ଆଇନ ପ୍ରଣୀତ ହୋଇଛି, କିନ୍ତୁ ଆମ ବାବୁମାନେ ସେସବୁକୁ ଫୁ କରି ଉଡ଼ାଇ ଦେଇଛନ୍ତି। ୧୯୫୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ରାଜ୍ୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ଆଇନ ପ୍ରଣୟନ କରିଥିଲେ। ୧୯୮୫ ମସିହାରେ ଓଡ଼ିଆ ଭାଷାକୁ ସରକାରୀ ଦପ୍ତରରେ ବ୍ୟବହାର କରିବା ପାଇଁ ପୁନଃପ୍ରୟାସ ହୋଇଥିଲା। ଓଡ଼ିଆ ଟାଇପ୍ ରାଇଟର କିଣାହୋଇଥିଲା, ଶାସନ କାର୍ଯ୍ୟରେ ସୁବିଧା ହେବ ବୋଲି ଓଡ଼ିଆରେ 'ପ୍ରଶାସନିକ ଶବ୍ଦକୋଷ' ପ୍ରକାଶ ପାଇଥିଲା। ଓଡ଼ିଆ ଟାଇପ୍ ଓ ଶର୍ଟହ୍ୟାଣ୍ଡ ତାଲିମ ଦିଆଯାଇଥିଲା। ଏହା ସତ୍ତ୍ୱେ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଏକଘରିଆ ହୋଇ ରହିଗଲା।

ଏବେ ଯୁଗ ବଦଳିଛି। ଟାଇପ୍ ରାଇଟର ସ୍ଥାନରେ କମ୍ପ୍ୟୁଟର ସ୍ଥାନ ପାଇଛି। ଓଡ଼ିଆରେ ଲେଖାପଢ଼ା କରିବାରେ କିଛି ଅସୁବିଧା ନାହିଁ। ମାତ୍ର ଆମ ଇଂଲିଶ-ପଢ଼ୁଆ ହାକିମବାବୁ ହୁଅନ୍ତୁ କି କିରାଣି ହୁଅନ୍ତୁ ଏଥିପ୍ରତି କାହାରି ଆଗ୍ରହ ନାହିଁ। ତେଣୁ ଏପରି ସ୍ଥଳେ ପୁରସ୍କାର ଦେବ କିଏ ପୁଣି ପୁରସ୍କାର ନେବ କିଏ? ଏକଦା ଗୁଟ୍‌ଖା ପ୍ରଭୃତି କ୍ୟାନ୍‌ସର ରୋଗ ସୃଷ୍ଟି କରୁଥିବା ତମାଖୁ ଜାତୀୟ ପାନମସଲା ବିକ୍ରି ଉପରେ କଟକଣା ହୋଇଥିଲା। ଯିଏ ଏହାକୁ ବିକ୍ରି କରିବ ଏବଂ ଯିଏ କିଣିବ ସେମାନେ ଦଣ୍ଡିତ ହେବେ ବୋଲି ଆଇନ କରାଯାଇଥିଲା। କିନ୍ତୁ ଫଳ କ'ଣ ହେଲା? ଏବେ ବି ରାସ୍ତାଘାଟର ସବୁ ପାନଦୋକାନରେ ଚିକ୍‌ମିକିଆ ଦେହ ଦେଖାଇ ଏହି ଗୁଟ୍‌ଖାମାନେ ସଦର୍ପ ପବନରେ ଦୋଳି ଖେଳୁଛନ୍ତି। ଏହି ବିଫଳତା ମୂଳରେ ଅଛି ଆମର ସେହି ଉଦାର ମାନସିକତା।

ମାନସିକ ପରିବର୍ତ୍ତନ ବିନା ଆଇନର ସଫଳତା ଆଶା କରିବା ବୃଥା। ତେଣୁ ମୋ ପରି ଜଣେ ଓଡ଼ିଆ ଭାଷାପ୍ରାଣ ମଣିଷର କେତୋଟି ପ୍ରସ୍ତାବକୁ ଦୃଷ୍ଟିଦେଲେ କେବଳ ପ୍ରଶାସନିକ କ୍ଷେତ୍ରରେ ନୁହେଁ, ସମଗ୍ର ଓଡ଼ିଶାରେ ଓଡ଼ିଆ ଭାଷାର ଆଦର ବୃଦ୍ଧି ପାଇପାରନ୍ତା ବୋଲି ବିଶ୍ୱାସ। ସବୁ ଘରୋଇ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯିବା ସହିତ ଓଡ଼ିଆ ଭାଷାରେ ଲିଖିତ ଏବଂ କଥିତ ଭାଷା ଉପରେ ଗୁରୁତ୍ୱ ଦିଆଯାଉ। ସ୍ଥାନୀୟ ପ୍ରଶାସନ ଏହାର ତଦାରଖ କରୁ। ଓଡ଼ିଶାସ୍ତରରେ ଯେତେ ପରୀକ୍ଷା ଅଛି, ସେଥିରେ ଓଡ଼ିଆକୁ ଗୋଟିଏ ବାଧ୍ୟତାମୂଳକ ବିଷୟ ଭାବେ ରଖାଯାଉ। ଓଡ଼ିଆ ଭାଷାରେ ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ବିବିଧ ପରୀକ୍ଷା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉ। ଅଣଓଡ଼ିଆ ଅଧିକାରୀମାନେ ଓଡ଼ିଶାର ବହୁ ଉଚ୍ଚ ପଦପଦବୀରେ ରହୁଥିବାରୁ ସେମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଅନେକାଂଶରେ ନିୟନ୍ତ୍ରିତ ହୋଇଥାଏ। ତେଣୁ ସେମାନଙ୍କୁ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାରେ ତାଲିମ ଦିଆଯାଉ, ଯାହାଫଳରେ ସେମାନେ ଓଡ଼ିଆ ଭାଷାରେ ସ୍ପଷ୍ଟ କହିବା ଏବଂ ନିର୍ଭୁଲ ଲେଖିବା ପାଇଁ ସମର୍ଥ ହେବେ। କିରାଣି ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଓଡ଼ିଆ ଭାଷାରେ ଜ୍ଞାନ ଏବଂ ଓଡ଼ିଆରେ ଟାଇପ୍ କରିବାର ଦକ୍ଷତାକୁ ଅନ୍ୟତମ ଯୋଗ୍ୟତା ଭାବେ ବିଚାର କରାଯାଇ ନିଯୁକ୍ତି ଦିଆଯାଉ। ସମସ୍ତଙ୍କୁ ଓଡ଼ିଆରେ ନଥିପତ୍ର ଲେଖିବା, ଡିଟିପି କରିବା ପ୍ରଭୃତି ବିଷୟରେ ତାଲିମ ଦିଆଯାଉ। ଏହିପରି ବିବିଧ ବିଷୟ ପ୍ରତି ଧ୍ୟାନ ଦିଆଯାଇ ପ୍ରଥମେ ତୃଣମୂଳସ୍ତରରେ ପରିବର୍ତ୍ତନ ନ ଆଣିବାଯାଏ ସରକାରୀ ଦପ୍ତରରେ ଓଡ଼ିଆ ଭାଷା ଠିକ୍ ଭାବେ କ୍ରିୟାଶୀଳ ହୋଇପାରିବ ନାହିଁ। କାରଣ ଓଡ଼ିଆରେ ଲେଖିବା ଓ କହିବା ଦିଗରେ ଆମର ଦୁର୍ବଳ ମାନସିକତା ଏବଂ ଅନଭ୍ୟାସ ହିଁ ବାଧକ ସାଜିଛି। ଏହି ଦୁଇଟିକୁ ଦୂର ନ କରିବାଯାଏ ଏ ଭାଷାନୀତି କଦାପି ସଫଳ ହୋଇପାରିବ ନାହିଁ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ମିଳୁନି କନିଆ



ଦ୍ୱିତୀ ଚନ୍ଦ୍ର ସାହୁ

ସକାଳୁଆ ଖରା ଭଳି ଖବରଟା ବ୍ୟାପିଗଲା ଗାଁରୁ ଆର ଗାଁ। ଧୀରେ ଧୀରେ ଲୋକେ ରୁଣ୍ଡ ହେବାକୁ ଲାଗିଲେ। ଆମଭଳି ପିଲାଲୋକ ଗୋଟେ ଉତ୍ସୁକତାର ସହ ଭିଡ଼ ଭିତରେ ଗଳି ଗଳି ଆଗକୁ ଚାଲିଯାଇଥିଲୁ। ଗୋଟେ କନାରେ ଗୁଡ଼ାହୋଇଥିବା ସଦ୍ୟଜାତ ଛୁଆଟି କାନ୍ଦୁଥିଲା ରାହା ଧରି। ସୁନ୍ଦର ପିଲାଟିଏ। ସେଠି କେତେ କ'ଣ ସବୁ ଗପୁଥିଲେ ଲୋକମାନେ। ଅଥଚ କିଏ ତାକୁ କୋଳେଇ ନେଉ ନ ଥିଲେ। ଜାତି, ଧର୍ମକୁ ନେଇ ଗୋଟେ ଚର୍ଚ୍ଚା। ପୁଣି କାହାର ଏ ସନ୍ତାନ ହୋଇଥିବ- ଧରିବ କି ପାଇଁ, ତା'ର ଦାୟିତ୍ୱ ନେବ କିଏ! ଏମିତିରେ ଖାଲି ଦେଖଣାହାରୀ ହୋଇ ଲୋକ ରହିଥିଲେ। ଶେଷରେ ପୁନି ମା' ଆସିଲା। ତାକୁ ଧରିଲା। କପଡା ଟେକି ଲିଙ୍ଗ ଚିହ୍ନଟ କଲା। ଜଣାପଡ଼ିଲା ଝିଅଟେ। ସମସ୍ତଙ୍କ ଆଢୁଆଳରେ ନିଜର ଶୁଖିଲା ଅମୃତର ଉତ୍ସକୁ ପାଟିରେ ଦେଇ ବୋଧ କଲା।

ପୁନି ମା' ଗାଁର ଧାଈ କହିଲେ ଚଳେ। ଗର୍ଭ ଯନ୍ତ୍ରଣା ହେଲେ ତାକୁ ଡକାଯାଏ। ନିଜ ଅନୁଭବରୁ ସେ କହିଦେଇପାରେ ପିଲା କେତେବେଳେ ଜନ୍ମ ହେବ। ସେ ସମୟକୁ ଅପେକ୍ଷା କରେ। ସୁରୁଖୁରୁରେ ସେ ପ୍ରସବ କରାଇଦିଏ ବିନା ଅସ୍ତ୍ରୋପଚାରରେ। ଗର୍ଭଧାରଣ ପରେ ବିଭିନ୍ନ ସମୟରେ ଘରକୁ ଆସି ନବବଧୂ କିମ୍ବା ବିବାହିତ ଝିଅଙ୍କୁ ଦେଖି ପରଖି କହେ ତା'ର ସ୍ଥିତି। ଏମିତିକି ପୁଅ କି ଝିଅ ହେବ ତା' ବି ସେ କହିଦିଏ ଗର୍ଭଧାରଣ କରିଥିବା ମା'ର ଚେହେରା, ଖାଇବା ରୁଚି ଓ ଚାଲିଚଳଣକୁ ଦେଖି। ଅବଶ୍ୟ ଏଥିରେ ଶତପ୍ରତିଶତ ସଫଳ ହୁଏନି, ତଥାପି ଗୋଟେ ଆଶାରେ ଗୁରୁଜନମାନେ ପୁଅ କି ଝିଅ ନିଦାନ ଲାଗି ପ୍ରଶ୍ନ କରନ୍ତି ତାକୁ। ଏଇ କାରଣରୁ ଆଖପାଖ ଗାଁର ଗର୍ଭବତୀ ମହିଳାଙ୍କ ତାଲିକା ଓ ସେମାନଙ୍କ ସ୍ଥିତି ତା' ମୁହେଁ ମୁହେଁ ଥାଏ। ଆମ ପିଲାଙ୍କ ଉପସ୍ଥିତି ଦେଖି କିଛି ଗୁରୁଜନ ଗାଳିଦେଇ ବିଦା କଲେ ସେଠୁ। କିନ୍ତୁ ପରେ ଜାଣିବାକୁ ମିଳିଲା ପୁନି ମା' ପିଲାଟିକୁ ଧରି ସିଧା ଚାଲିଲା ସେ ପାଖ ଗାଁର ଜଣଙ୍କ ଘରକୁ ତା'ର ମାତୃତ୍ୱକୁ ନିଦାନ କରିବା ଲାଗି। ସୌଭାଗ୍ୟବଶତଃ ଅନୁସନ୍ଧାନକାରୀ ସଂସ୍ଥାରେ କାମ କରୁଥିବା ଜଣେ ପୋଖତ କର୍ମଚାରୀ ଭଳି ତା'ର ଅନୁମାନ ଠିକ୍ ହେଲା। ପିଲାଟିକୁ ତା'ର ପ୍ରକୃତ ମା' ହାତରେ ଦେଇଦେଲା। ବହେ ଗାଳି କଲା ମା'କୁ ଓ ତା'ର ପରିବାରର ଗୁରୁଜନଙ୍କୁ।

ଗରିବ ଶ୍ରେଣୀର ଜଣେ ବାପା ପୁଅ ଲୋଭରେ ପିଲା ଜନ୍ମକରି କ୍ରମାଗତ ଭାବେ ତିନୋଟି ଝିଅ ପାଇବା ପରେ ପୁଣି ଝିଅ ହେବାରୁ ନବଜାତ କନ୍ୟା ସନ୍ତାନକୁ ଫିଙ୍ଗିଦେଇଥିଲା କାଳେ। ସନ୍ଦେହ ହଟାଇବା ଲାଗି ରାତାରାତି ଆର ଗାଁରେ ତାକୁ ଫିଙ୍ଗି ଦେଇଥିଲା। ପୁନି ମା' ପଞ୍ଚ ବସାଇ ସମ୍ପୃକ୍ତ ପରିବାର ଲୋକଙ୍କୁ ତାଗିଦ ମଧ୍ୟ କରିଥିବା ଶୁଣିବାକୁ ମିଳିଲା। ଲୋକେ ଛି ଛାକର କଲେ। ଯା ପରେ ଏମିତି ଅନେକ ଘଟଣା ଆମ ନଜରକୁ ଆସିବାରେ ଲାଗିଲା। କେତେବେଳେ ଅବୈଧ ସନ୍ତାନକୁ କିଏ ରାସ୍ତାକଡ଼ରେ ଫିଙ୍ଗିଲା ତ ଆଉ କିଏ କନ୍ୟା ସନ୍ତାନକୁ ରାସ୍ତାରେ ଫୋପାଡ଼ି ଆସିଲା ଘରର ଆବର୍ଜନା ଭଳି। ଏପରିକି କୁକୁର ନବଜାତ ପିଲାକୁ ଝୁଣି ଖାଉଥିବାର ହୃଦୟବିଦାରକ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଲା। ଉଦ୍ଧାର ହୋଇଥିବା ଅଧିକାଂଶ ପିଲା ଥିଲେ କନ୍ୟାସନ୍ତାନ।

ଆଜି ବି ଘରକୁ ପାଦ ଦେଉଥିବା ନୂଆବୋହୂକୁ ଶାଶୁ ଆଶୀର୍ବାଦ ଦେଲାବେଳେ କହେ- ମା'ଲୋ! କୁଳରକ୍ଷା ପାଇଁ ମୋତେ ନାତିଟୋକାଟେ ଦେବୁ ଯେମିତି! ଆଜିକାଲି ନବ୍ୟ ସଭ୍ୟ ଶିକ୍ଷିତ ଦମ୍ପତିମାନେ ଗୋଟେ ପିଲାରେ ସନ୍ତାନ ସଂଖ୍ୟା ସୀମିତ ରଖିବାକୁ ପସନ୍ଦ କରୁଥିବା ବେଳେ ସେ ପିଲାଟି କେବଳ ପୁଅ ହେଉ ବୋଲି ଆଶା ରଖିବା ଏବେ ଭାରତ ଲାଗି ବିପଦ ସାବ୍ୟସ୍ତ ହୋଇଛି। ସମସ୍ତ କଡ଼ା ନିୟମକାନୁନ ସତ୍ତ୍ୱେ ଅନେକ ସ୍ଥାନରେ ଲିଙ୍ଗ ନିରୂପଣ କରି ଗର୍ଭ ନଷ୍ଟ କରାଯାଉଛି। ପ୍ରସବ ପରେ କନ୍ୟା ସନ୍ତାନ ହୋଇଛି ବୋଲି ଜାଣିବା ମାତ୍ରେ ମାଆବାପା ଓ ପରିବାର ସଦସ୍ୟ ଦୁଃଖ ବ୍ୟକ୍ତ କରୁଛନ୍ତି। ଏମିତିକି ଅନେକ ଘରେ ବୋହୂ ଓ ସେଇ କନ୍ୟା ସନ୍ତାନକୁ ନିତି ଗଞ୍ଜଣା ଦିଆଯାଏ।

ଆଜିକାଲି ଅନେକ କ୍ଷେତ୍ରରେ ଝିଅମାନେ ପୁଅଙ୍କଠୁ ଆଗରେ। ପରିଣତ ବୟସରେ ପୁଅମାନେ ନିଜ ସ୍ତ୍ରୀପିଲାଙ୍କ ସେବାରେ ବୁଡ଼ିରହି ମାଆବାପାଙ୍କୁ ହତାଦର କରୁଥିବାବେଳେ ପରଘରକୁ ଯାଇଥିବା ଝିଅଟି କିନ୍ତୁ ନିଜ ବୃଦ୍ଧ ମାତାପିତାଙ୍କ ପ୍ରତି ସମବେଦନା ପ୍ରକାଶ କରେ ଓ ସୁଯୋଗ ଦେଖି ଯେତିକି ପାରେ ତାଙ୍କ ସେବା କରେ। ଭଲମନ୍ଦରେ, ରୋଗବୈରାଗରେ ସେ ହିଁ ପୁଅ ଭଳି ସେମାନଙ୍କ ପାଖରେ ଠିଆ ହୋଇଥାଏ। ଏ କଥା ଆମ ଆଖି ସାମ୍ନାରେ ଘଟୁଛି ତଥାପି ଆମେ ପୁଅ ପାଇଁ ପାଗଳ। କନ୍ୟା ସନ୍ତାନ ଚାହୁଁନ ଥିବା ମାତାପିତା କିନ୍ତୁ ନିଜ ପୁଅ ଲାଗି ସୁନ୍ଦର ସୁଶୀଳ ଝିଅ ଖୋଜନ୍ତି। କେତେ ଅଜବ ସ୍ଥିତି ଏବେ ଆମ ସମାଜରେ। ସଦ୍ୟ ପରିସଂଖ୍ୟାନ ଅନୁସାରେ ଭାରତରେ କନ୍ୟା ସନ୍ତାନର ସ୍ଥିତି ପ୍ରତି ୧୦୦୦ ପୁଅରେ ୮୦୦-୯୦୦ ମଧ୍ୟରେ। ଦକ୍ଷିଣ ଭାରତରେ ଏହାର ସ୍ଥିତି ଆହୁରି ଗମ୍ଭୀର। ଓଡ଼ିଶାରେ ବି କନ୍ୟା ସନ୍ତାନ ହ୍ରାସର ପ୍ରଭାବ କିଛି କମ୍ ନୁହଁ। ଯଦି ଏଭଳି ଜାରି ରହେ ତେବେ ତଥାକଥିତ ବର ମାତାପିତାଙ୍କ ବଂଶ ରଖିବାର ଅଭିଳାଷ ସବୁଦିନ ଲାଗି ସ୍ୱପ୍ନ ହୋଇ ରହିବ। ପୂର୍ବେ ଝିଅ ଲାଗି ବରଟେ ଖୋଜା ପଡୁଥିଲା। ବରର ଭାଉ ଅମୂଲମୂଲ ଥିଲା। ସ୍ଥିତି ଏମିତି ହେଲାଣି ଯେ ପୁଅ ଲାଗି ଝିଅ ଅଭାବ ହେତୁ ବର ମାତାପିତା ନିଜ ପଟୁ କନିଆ ଖୋଜି ଖୋଜି ନୟାନ୍ତ ହେଲେଣି। ବର ଦରବୁଢ଼ା ହେଉଛି ପଛେ ବୋହୂଟିଏ ମିଳିବା ସମ୍ଭବ ହୋଇପାରୁନି।

ଆମକୁ ଆଦିବାସୀ ସମାଜ ପକ୍ଷରୁ ଅନେକ ଶିଖିବାର ଅଛି। ଏବେବି ଆଦିବାସୀ ସମ୍ପ୍ରଦାୟରେ କନ୍ୟା ସନ୍ତାନ ହେଲେ ଖୁସି ହୁଅନ୍ତି। କାରଣ ମାତାପିତା ଜାଣନ୍ତି ଝିଅଟି କ'ଣ କରିପାରେ! ପୁଅଠାରୁ ସେ ଅଧିକ ଗୁଣରେ ସକ୍ଷମ। ଝିଅ ପରିଶ୍ରମ କରେ ଡଙ୍ଗର ପାହାଡ଼ରେ। ଅର୍ଜି ଆଣିପାରେ। ବାହାଘରବେଳେ ଝୋଲା ବି ଆଣେ। ପରିବାର ଓ ସମାଜକୁ ସେ ହିଁ ସଜାଡିପାରେ। ସେଥିପାଇଁ ସେମାନଙ୍କ ଲାଗି କନ୍ୟା ବାସ୍ତବରେ ରତ୍ନଟିଏ। ଏ କଥା ବି କୁହାଯାଏ ଯେ ପ୍ରତିଟି ପୁରୁଷର ସଫଳତା ପଛରେ ନାରୀର ପ୍ରଚ୍ଛନ୍ନ ହାତ ଥାଏ! ବେଳ ଆସିଛି ବୁଝିବାକୁ ଓ ବୁଝେଇବାକୁ। କିଛି ନ ହେଲେ ବି ବଂଶରକ୍ଷା ଲାଗି କେବଳ ପୁଅ ନୁହେଁ, ଝିଅ ବା ବୋହୂଟିଏ ତ ଅନ୍ତତଃ ଦରକାର!

ମୋ - ୯୫୫୬୨୮୭୭୭୫,
dwitisahu@gmail.com

## ଏଇ ଭାରତରେ

ମଣିଷ ଦୋଷ କଲେ ଦଣ୍ଡ ମିଳେ। କିନ୍ତୁ ଠାକୁର ଦୋଷ କଲେ ବି ତାଙ୍କୁ ଦଣ୍ଡବିଧାନ କରିବାର ବିଧିବ୍ୟବସ୍ଥା ରହିଛି। ଏମିତି ଏକ ମନ୍ଦିର ରହିଛି ଛତିଶଗଡ଼ ବସ୍ତର ଜିଲା କେଶକାଳ ନଗରରେ। ଏଠାରେ ଥିବା ଭଙ୍ଗାରାମ ଦେବୀ ମନ୍ଦିରରେ ରହିଛି ଏଭଳି ପରମ୍ପରା। ଏଠାରେ ପୂଜାରୀଙ୍କ ଦେହରେ ଦେବୀମାତା ପ୍ରବେଶ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି। ତାଙ୍କୁ କାଳିସୀ କୁହାଯାଏ। ଶ୍ରଦ୍ଧାଳୁ ବିଭିନ୍ନ ସମସ୍ୟା ନେଇ କାଳିସୀଙ୍କୁ ପ୍ରଶ୍ନ କରନ୍ତି। କାଳିସୀ ସମାଧାନର ଉପାୟ ବତାଇ ଦିଅନ୍ତି। ବେଳେବେଳେ ଭଙ୍ଗାରାମ ଦେବୀ ମାତାଙ୍କ ପ୍ରତି ଦଣ୍ଡବିଧାନ କରିଥାଆନ୍ତି କାଳିସୀ। ମନ୍ଦିରରୁ ଦେବୀ ମାତାଙ୍କୁ ବିତାଡ଼ନ ଦଣ୍ଡ ମିଳେ। ଶ୍ରଦ୍ଧାଳୁମାନେ ଦେବୀ ମାତାଙ୍କୁ ଗର୍ଭଗୃହରୁ ବାହାରକୁ କିଛି ସମୟ ପାଇଁ ଆଣି ପୁଣି ଆସ୍ଥାନରେ ରଖି ଦିଅନ୍ତି। ଏହା ହେଉଛି ଠାକୁରାଣୀଙ୍କ ପ୍ରତି ଦଣ୍ଡ। ପ୍ରତିବର୍ଷ ଭାଦ୍ରବ ମାସରେ ଏକ ଯାତ୍ରା ଆୟୋଜନ ସମୟରେ ଏହି ନିଆରା ଅଦାଲତ ମନ୍ଦିର ପରିସରରେ ବସିଥାଏ। ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସି ଏହି ଉତ୍ସବରେ ଯୋଗ ଦେଇ ନିଜ ସମସ୍ୟା ସମାଧାନ କରିଥାଆନ୍ତି।

## ଚିରନ୍ତନୀ

ସତ୍ୟର ପ୍ରକାଶ ଆଶେ ଯେ କରଇ ପ୍ରାଣାନ୍ତ ସାଧନା,
ମରମେ ବୁଝଇ ସେହୁ ସୃଜନର ନିଗମ ବେଦନା।
ଯେ ବାସନା ବହୁ ଯୁଗୁଁ ପରାଣେ ସଞ୍ଚିତ
କଳ୍ପନାର ଭୂଷଣେ ବ୍ୟଞ୍ଜିତ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୯୪

- କଶ୍ମୀରରେ ମାନବାଧିକାର ଉଲ୍ଲଂଘନ ସମ୍ପର୍କରେ ସେଠାକୁ ଏକ ତଥ୍ୟାନୁସନ୍ଧାନକାରୀ ଦଳ ପଠାଇବା ପାଇଁ ପାକିସ୍ତାନ ପକ୍ଷରୁ ଜାତିସଂଘ ମାନବାଧିକାର କମିଶନଙ୍କ ନିକଟରେ ଆଗତ ପ୍ରସ୍ତାବ ଉପରେ ଭୋଟ ଗ୍ରହଣ।
- ଯାଜପୁର ଜିଲାର ଚମକା-ଡୁବୁରି ଏକ୍ସପ୍ରେସ ହାଇୱେ ଉପରେ ଏକ ଟ୍ରକ ଏବଂ ଟ୍ରେକର ଦୁର୍ଘଟଣାରେ ୨୨ ଯାତ୍ରୀଙ୍କ ମୃତ୍ୟୁ।
- ଡରବାନ୍ ବନ୍ଦର ସହରଠାରୁ ୨୦ କିଲୋମିଟର ଦୂର ପାଇନଟାଉନ ନିକଟରେ ଏକ ରେଳଗାଡି ଲାଇନଚ୍ୟୁତ ହେବା ଫଳରେ ୫୩ ଜଣଙ୍କ ମୃତ୍ୟୁ।

## sudoku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | | | | | | | | | | 7 | | |
| | | | 7 | D | E | | 9 | | | | | | | |
| E | | 8 | | | 1 | | | 3 | | 6 | | 4 | | |
| | 0 | | | | | 1 | | D | | 3 | | | B | |
| | | | | 2 | 8 | B | E | 5 | | 0 | | | | 3 |
| 8 | C | | | | 0 | 4 | | | 3 | | | | | |
| | 7 | | | E | | | | | C | | | 2 | | B |
| 0 | 9 | | 1 | | | C | | A | | | | | | |
| A | B | 4 | 8 | | | | 0 | | 6 | | | 3 | 7 | 5 |
| | | 5 | | | | | | | | B | | 6 | | 8 |
| | | | | A | C | | | 8 | 5 | | | E | 6 | 1 |
| | 4 | C | 2 | | | | B | 1 | D | | | | | 0 |
| D | | | B | | | E | C | | | | | | | |
| | 1 | | 5 | | D | | 3 | 2 | | | | | | |
| | 3 | | | | | 0 | | 6 | | | C | | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | D | 0 | C | 9 | 6 | 5 | A | 1 | B | 8 | 2 | 7 | 4 | E |
| 6 | 2 | 1 | D | 0 | E | 7 | 8 | 4 | C | 9 | 5 | B | A | 3 |
| 8 | E | 7 | B | 3 | A | 6 | 9 | 2 | D | 1 | 4 | C | 5 | 0 |
| 9 | 5 | B | 4 | 7 | 1 | 0 | C | 3 | 6 | A | E | 8 | 2 | D |
| 4 | C | A | 5 | 8 | 2 | D | E | B | 0 | 3 | 7 | 9 | 1 | 6 |
| A | 3 | 5 | 8 | 2 | 7 | C | 0 | 9 | 4 | E | B | D | 6 | 1 |
| E | B | 8 | 1 | 4 | C | 3 | 2 | 6 | 7 | D | A | 0 | 9 | 5 |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |
| [illegible] | | | | | | | | | | | | | | |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଖାଲି ଖାକିବାବୁ ନୁହନ୍ତି

ମହାଶୟ,

ଧରିତ୍ରୀରେ ଖଇଛିଦିନ ତଳେ ପ୍ରକାଶିତ ଏକ ଖବର ଅନୁସାରେ କେତେକ ପୋଲିସ ଅଫିସର ଭୁବନେଶ୍ୱର ଓ କଟକରେ ବହୁଦିନ ଧରି ରହି ବଦଳି ହେଲେ ମଧ୍ୟ ଗାଦି ଛାଡୁନାହାନ୍ତି। ଅବଶ୍ୟ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ କିଛିବର୍ଷ ରହିଲେ ସେ ସ୍ଥାନ ପ୍ରତି ମାୟାମୋହ ଲାଗିଯାଏ। ତେବେ 'ଧନକାର୍ପଣ୍ୟ ସେବା ଫଳେ, କିବା ଅସାଧ ମହୀତଳେ' ବାଣୀର ମହତ୍ତ୍ୱ ରହିଛି, ଯାହାକୁ ଏଡ଼ାଇ ହେବନାହିଁ। ଏପରି ନୀତିରେ ମଧ୍ୟ ଅସାଧ୍ୟ ସାଧନ ହୋଇପାରେ। ଅବଶ୍ୟ ପାରିବାରିକ କାରଣରୁ ସେମାନେ ବଦଳିକୁ ଗ୍ରହଣ କରି ନ ପାରି ଧରାଧରି କରି ବାତିଲ କରିଦିଅନ୍ତି। ଏହି ବିଭାଗର ସର୍ବୋଚ୍ଚ କର୍ମକର୍ତ୍ତା ଓ ଏ ସମ୍ବନ୍ଧୀୟ ପ୍ରଶ୍ନକୁ ଚିରାଚରିତ ଢଙ୍ଗରେ ଟାଳି ଦେଇଛନ୍ତି। ଅବଶ୍ୟ ଜନସାଧାରଣଙ୍କର ଏଥିରେ ପ୍ରଭାବିତ ହେବାର କିଛି ନାହିଁ। କର୍ମଚାରୀ ଯେଉଁଠାକୁ ଗଲେ ମଧ୍ୟ ନିଜ କର୍ତ୍ତବ୍ୟ କରିବେ, ତେଣୁ କଥାରେ ଅଛି- 'ଢିଙ୍କି ସ୍ୱର୍ଗକୁ ଗଲେ ଧାନ କୁଟେ'। ଖାଲି ଦୃଷ୍ଟାନ୍ତ ସ୍ୱରୂପ ଏହି ବିଭାଗକୁ ନେଲେ ହେବନାହିଁ ଅନ୍ୟ ସବୁ ବିଭାଗ ପ୍ରତି ଦୃଷ୍ଟି ଦିଆଯାଇପାରେ। ଯେଉଁମାନେ ବଡ଼ବଡ଼ିଆଙ୍କୁ ହାତ କରିଥାନ୍ତି, ବଦଳି ହେଲେ ସେମାନଙ୍କଠି ହାତ ବାଜିବା ସହଜ ନୁହେଁ। ବେଳେବେଳେ କୁଜିନେତାଙ୍କ ଦ୍ୱାରା ମଧ୍ୟ ଅସମ୍ଭବ ସମ୍ଭବ ହୋଇପାରେ। ଅବଶ୍ୟ ପେଇଙ୍ଗ୍ ଷ୍ଟେଶନରେ ବେଶିଦିନ ରହିଲେ ଭିଜିଲାନ୍ସ ଦୃଷ୍ଟିକୁ ଆସିବା ସ୍ୱାଭାବିକ। ଯଦି ଭିଜିଲାନ୍ସ ଜାଲରେ ପଡିଲ ତେବେ ସିଧା ମାମୁଘରକୁ। ଖାଲି ଖାକିବାବୁ ନୁହନ୍ତି, ଏପରି ବହୁ ବ୍ୟକ୍ତି ଅଛନ୍ତି ସେମାନେ ଏସବୁକୁ ଖାତିର ନ କରି ବଦଳିକୁ ବାତିଲ କରାଇଦିଅନ୍ତି। ଏମିତି ତ ପ୍ରଶାସନ ଚାଲିଛି, ଚାଲିଥିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ସର୍ବଧର୍ମାନ୍ ପରିତ୍ୟଜ୍ୟ

ଧରିତ୍ରୀରେ ପ୍ରକାଶିତ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଶିଷ୍ୟତ୍ୱର ପରିଭାଷା' ପଢ଼ିଲି। ସେ 'ସର୍ବଧର୍ମ' ଉପରେ ଯାହା ବ୍ୟାଖ୍ୟା କରିଛନ୍ତି, ତାହା ଠିକ୍। ଧର୍ମ ଅର୍ଥ ଧାରଣ-ପାଳନ ବା ବଞ୍ଚିବା ବଢ଼ିବା। ତାହା ସମସ୍ତଙ୍କ ପାଇଁ ସମାନ। ତେଣୁ ଏଠି ଭଗବାନ୍ ଶ୍ରୀକୃଷ୍ଣ ଯେଉଁ ସର୍ବଧର୍ମ କଥା କହିଛନ୍ତି, ତାହା ହେଉଛି ଆମ ପ୍ରବୃତ୍ତିର ଧର୍ମ, ଖିଆଲଖୁସିର ଧର୍ମ। ସେସବୁ ମନଗଢ଼ା ଧର୍ମକୁ ତ୍ୟାଗ କରି ତାଙ୍କୁ ଅନୁସରଣ କରିବାକୁ ସେ ଉପଦେଶ ଦେଇଛନ୍ତି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ଡାବୁଗାଁ, ୮।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ମାଝୀଗୁଡା ଗ୍ରାମର ବବିତା ବିଶୋଇଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ୨ବଖରା ପୋଡି ଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ବବିତା ଓ ତାଙ୍କ ମା' କୁନ୍ଦୁଳା ଶୋଇଥିଲେ। ରାତିପ୍ରାୟ ୨ଟାବେଳେ ଘରେ ନିଆଁ ଲାଗିଥିବା ସେ ଜାଣିବାକୁ ପାଇଥିଲେ। ସେମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ଦମକଳ ପହଞ୍ଚିବା ଆଗରୁ ଉକ୍ତ ଘରେ ଥିବା ୧୦ କୁଇଣ୍ଟାଲ ଧାନ, ୩ କୁଇଣ୍ଟାଲ ମାଣ୍ଡିଆ, ଫ୍ରିଜ ଓ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ଯାଇଛି।

### ନିର୍ମାଣ ଶ୍ରମିକଙ୍କୁ ସାଇକେଲ ବଣ୍ଟନ



ଚନ୍ଦାହାଣ୍ଡି, ୮।୩(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସିନାମାଲ ଆମ୍ବତୋଟାରେ ୪୭୦ଜଣ ନିର୍ମାଣ ଶ୍ରମିକ ଓ ଶ୍ରମିକଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ନିର୍ମାଣ ଶ୍ରମିକ ବ୍ଲକ ସଭାପତି କମଳ ଲୋଚନ ପାଢୀଙ୍କ ପରିଚାଳନାରେ ଜିଲା ପରିଷଦ ସଭ୍ୟ ଶନିନ୍ଦ୍ର ଶୋରୀ, ଜିଲା ଶ୍ରମାଧିକାରୀ ନରେନ୍ଦ୍ର ଗଇପାଇ, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ରୁଷ୍ଟୁ ବାଘ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ପାରୀ, ଆମ୍ବା ଅଧକ୍ଷ ଗୌରହରି ନାୟକ, ସମିତି ସଭ୍ୟ ଟୁମୁକ ଲାଲ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ନୃସିଂହ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରମିକମାନଙ୍କୁ ସାଇକେଲ ସହ ସେଫ୍ଟିବେଲ୍ଟ, ହ୍ୟାଣ୍ଡ ଗ୍ଲୋବ ସହ ବିଭିନ୍ନ ସାମଗ୍ରୀ ଦିଆଯାଇଥିଲା।

# ନାରୀ ଶିକ୍ଷିତ ହେଲେ ସମାଜ ଆଗେଇବ

ନବରଙ୍ଗପୁର,୮।୩(ବି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି ବୈଠକ ଗୃହରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧିବକ୍ତା ସଲମା ବାନୋ ଯୋଗଦେଇଥିଲେ। ମହିଳାମାନେ ଶିକ୍ଷିତ ହେଲେ ଘର ଓ ସମାଜ ଆଗେଇବ ବୋଲି ମୁଖ୍ୟବକ୍ତା କହିଥିଲେ। ମହିଳାଙ୍କ ଆର୍ଥିକ ଓ ସାମାଜିକ ଉନ୍ନତି ପାଇଁ ସରକାର ମିଶନ ଶକ୍ତି ମାଧ୍ୟମରେ ଅନେକ ଯୋଜନା କରିଛନ୍ତି ତାହାର ଫାଇଦା ନେଇ ସ୍ୱାବଲମ୍ବୀ ହେବା ଆବଶ୍ୟକ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ଜିଲାର ୧୦ଟି ବ୍ଲକର ଜଣେ ଲେଖାଏଁ ଅଙ୍ଗନୱାଡି କର୍ମୀ ଓ ତିନୋଟି ଉତ୍ତମ ମହିଳା ଏସ୍‌ଏଚ୍‌ଜିକୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଚନ୍ଦାହାଣ୍ଡି ବ୍ଲକର ନିଳେନ୍ଦ୍ରୀ କଟିମ, ପାପଡାହାଣ୍ଡିର ସରୋଜିନୀ ମାଜାଲା, ତେନ୍ତୁଳିଖୁଣ୍ଟିର ଜି. ସେଲିନା କୁମାରୀ, କୋଷାଗୁମୁଡାର ଗୀତାଞ୍ଜଳି ନାୟକ, ନବରଙ୍ଗପୁରର ସୁମିତ୍ରା ମାଝି, ଉମରକୋଟର ଇଲାରାଣୀ ହାଲଦାର, ରାଇଘର ବ୍ଲକର ରତନିବାଇ ଗୋଣ୍ଡ, ଝରିଗାଁର ଅପର୍ଣ୍ଣା ଘୋଷ, ନନ୍ଦାହାଣ୍ଡିର ରେବତି ଶିରା ଓ ଡାବୁଗାଁ ବ୍ଲକର ପ୍ରଭାନିଆଲି ନାୟକ। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଭଲ କାମ କରିଥିବାରୁ ନବରଙ୍ଗପୁର ବ୍ଲକ ଚିକିଲି ଗାଁର କାମଳା ସ୍ୱୟଂ ସହାୟିକା ଗୋଷ୍ଠୀ, ପାପାଡାହାଣ୍ଡି ବ୍ଲକ ମାଝୀଗୁଡା ଗାଁର ଜଳନୀ ମାତା ସ୍ୱୟଂ ସହାୟିକା ଗୋଷ୍ଠୀ ଓ କୋଷାଗୁମୁଡାର କଲ୍ୟାଣୀ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଏବଂ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

■ ବିଜେଡିର ନଗର ୱାର୍ଡ ବୈଠକ, ମିଶ୍ରଣ ପର୍ବ

# ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଆହ୍ୱାନ



ଅତିଥିଙ୍କ ଗହଣରେ ବିଜେଡିରେ ମିଶିଥିବା ନୂତନ କର୍ମକର୍ତ୍ତା ।

ନବରଙ୍ଗପୁର,୮।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ବିଜେଡି ସଭାପତି ପ୍ରହ୍ଲାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଜେଡିର ଏକ ୱାର୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମନ୍ତ୍ରୀ ପ୍ରତିନିଧି ପ୍ରମୋଦ ପାଢୀ, ଜିଲା ଉପସଭାପତି ସୁବାସ ଦାଶ, ତାପସ ତ୍ରିପାଠୀ ଓ ସନ୍ତୋଷ ମିଶ୍ର, ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା ମଞ୍ଜୁଳା ମାଝି, ବରିଷ୍ଠ ନେତା ସଦାଶିବ ପ୍ରଧାନୀ, ଛାତ୍ର ବିଜେଡି ସଭାପତି ଦିଲୁ ପଣ୍ଡା, ନଗର ସଭାପତି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ଗରିବ ବିରୋଧୀ ବୋଲି ଅତିଥିମାନେ କହିଥିଲେ। ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ସୁପ୍ରିମୋ ଯାହାକୁ ଟିକେଟ ଦେବେ ତାଙ୍କୁ ସମର୍ଥନ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବରିଷ୍ଠ ନେତା ସୁବାସ ଦାଶ, ମଞ୍ଜୁଳା ମାଝି, ସଦାଶିବ ପ୍ରଧାନୀ କହିଥିଲେ। ରାଜ୍ୟ ସରକାରଙ୍କ ଅନେକ ଯୋଜନାକୁ କେନ୍ଦ୍ର ସରକାର କପି କରୁଛନ୍ତି ବୋଲି ତାପସ ତ୍ରିପାଠୀ କହିଥିଲେ। ଛାତ୍ର ସଭାପତି ଦିଲୁ ପଣ୍ଡା କହିଥିଲେ ଯେ, ନବୀନ ସରକାରଙ୍କ ସମୟରେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ସହ ସେମାନଙ୍କୁ ସମସ୍ତ ଆନୁଷଙ୍ଗିକ ସୁବିଧା ଯଥା ସାଇକେଲ, ଲାପଟପ୍, ଆଦି ଯୋଗାଇ ଦିଆଯାଉଛି। କାର୍ଯ୍ୟକ୍ରମରେ ଭାଜପାର ସରୋଜ କୁମାର ବିଧାର, ବିପ୍ରଚରଣ ପାତ୍ର, କାଶୀ ରାଓ, ମହେଶ୍ୱର ବେବର୍ତ୍ତା, ଗୋପାଳ ପାଣିଗ୍ରାହୀ, ବାବୁଲି ମହାରଣା, ସୁବାସ ସାମନ୍ତରାୟ, ନରସିଂହ ଦାଶ, ଶଶାଙ୍କ ଶେଖର ତ୍ରିପାଠୀ, ସୁଶାନ୍ତ ପ୍ରଧାନ, ମହେଶ ତ୍ରିପାଠୀ, ଦିଲ୍ଲୀପ ତ୍ରିପାଠୀ, ଉମା ମହେଶ୍ୱରୀ, ରାମ ସିଂ, କୈଳାସ ଦିଶାରୀ, ବି. ସାବିତ୍ରୀ, ସୁଷମା ସାମନ୍ତରାୟ, କାଞ୍ଚନ ନାୟକଙ୍କ ସମେତ କଂଗ୍ରେସର ବହୁ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା।

■ ଜଙ୍ଗଲ ଜମି ପଟ୍ଟା ବଣ୍ଟନରେ ଲୋକପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ

# ତହସିଲ ଆଗରେ ଧାରଣା, ଦାବିପତ୍ର ପ୍ରଦାନ

ଉମରକୋଟ, ୮।୩(ଡି.ଏନ୍.ଏ.)



ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜଙ୍ଗଲ ଜମି ପଟ୍ଟା ବଣ୍ଟନବେଳେ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗରେ ଶୁକ୍ରବାର ହୀରାପୁର ସରପଞ୍ଚ କାମ ସିଂ ମାଝିଙ୍କ ନେତୃତ୍ୱରେ ଅଞ୍ଚଳବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ତହସିଲଦାର ଧର୍ମରାଜ ମାଝିଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ଦେଇଥିଲେ। ପ୍ରକାଶ ଯେ, ଗୁରୁବାର ହୀରାପୁର ସରପଞ୍ଚ କାମସିଂ ମାଝିଙ୍କୁ ଭାମିନି ମୌଜା ଆର୍‌ଆଇ ନାଗଯୋଡିଠାରେ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟ କରାଯିବ ବୋଲି କହିଥିଲେ। ତେଣୁ ସରପଞ୍ଚ ନିଜ ଅଞ୍ଚଳର ହିତାଧିକାରୀଙ୍କୁ ଏ ନେଇ ଜଣାଇବା ସହ ନିର୍ଦ୍ଧାରିତ ସ୍ଥାନରେ ସେମାନଙ୍କ ସହ ଅପେକ୍ଷା କରିଥିଲେ। କିନ୍ତୁ ହଠାତ୍ ଏହି କାର୍ଯ୍ୟକ୍ରମର ସ୍ଥାନ ପରିବର୍ତ୍ତନ କରାଯାଇଥିଲା। ଅନ୍ୟଏକ ସ୍ଥାନରେ ବିଧାୟକଙ୍କ ଦ୍ୱାରା ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ହୀରାପୁର ଅଞ୍ଚଳବାସୀ ଓ ସରପଞ୍ଚ ଦୀର୍ଘ ସମୟ ଧରି ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଅପେକ୍ଷା କରି ନିରାଶ ହୋଇ ଫେରିଥିଲେ। ଏହା ମଧ୍ୟରେ ଆର୍‌ଆଇଙ୍କୁ ଫୋନ କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ତେଣୁ ହୀରପୁର ଓ ଭାମିନୀ ପଞ୍ଚାୟତବାସୀ ଜଙ୍ଗଲ ଜମି ବଣ୍ଟନରେ ସ୍ଥାନୀୟ ଜନପ୍ରତିନଧିଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ତହସିଲ ଅଫିସ ଘେରିଥିଲେ। ତହସିଲଦାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ତୁରନ୍ତ ଜଙ୍ଗଲ ଜମି ପଟ୍ଟା ଓ ଜାତିଗତ ପ୍ରମାଣପତ୍ର ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ଧାରଣାରୁ ହଟିଥିଲେ। ଏଥିରେ ନିତ୍ୟାନନ୍ଦ ଗଣ୍ଡ, ଅଶୋକ ପାଢି, ଶରତ ମାଝି, ଦେବାଶିଷ ଦାସ, ଗୋପାଳ ପୂଜାରୀ, ଭଗବାନ କଲାର, ପି.ଚନ୍ଦ୍ର ରାଓ, ସୁରେଶ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର କଲାର, ଅଭି କଲାର, ତ୍ରିନାଥ ସାନ୍ତା, ଲକ୍ଷ୍ମୀଚନ୍ଦ୍ର ଗଣ୍ଡ, ଉମ୍ବରୁଧର ମାଝି, ପୂର୍ଣ୍ଣ ଭତ୍ରା ପ୍ରମୁଖ ସାମିଲ ହୋଇଥିଲେ।

### ଡିବିରି ନିଆଁ ଲାଗି ଜଳିଗଲେ ବୃଦ୍ଧା

ରାଇଘର, ୮।୩(ଡି.ଏନ.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାର ଶିବମନ୍ଦିର ସାହିରେ ଜଣେ ବୃଦ୍ଧା ଡିବିରି ନିଆଁ ସଂସ୍ପର୍ଶରେ ଆସି ସମ୍ପୂର୍ଣ୍ଣ ଭାବେ ଜଳିଯାଇଛନ୍ତି। ତାଙ୍କ ନାମ ରାଧା ଗଣ୍ଡ (୮୨)। ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ଶିବମନ୍ଦିର ସାହିରେ ରାଧା ଏକାକୀ ରହିଆସୁଥିଲେ। ତାଙ୍କର କୌଣସି ପରିବାର ନ ଥିବାରୁ ସେ ସାହି ପଡ଼ିଶାଙ୍କ ସାହାଯ୍ୟ ନେଇ ଚଳୁଥିଲେ। ଗତ କିଛିଦିନ ହେଲା ତାଙ୍କ ଦେହ ଅସୁସ୍ଥ ଥିଲା। କେତେଜଣ ପଡୋଶୀ ରାଧାଙ୍କ ଦେଖାରଖା କରୁଥିଲେ। ପ୍ରତିଦିନ ଭଳି ଗୁରୁବାର ରାତିରେ ସେ ଡିବିରି ଜାଳି ଶୋଇଥିଲେ। କୌଣସି କାରଣରୁ ଡିବିରି ଆଲୁଅ ସଂସ୍ପର୍ଶରେ ସେ ଆସିଯିବାରୁ ତାଙ୍କ ଦେହରେ ନିଆଁ ଲାଗିଯାଇଥିବା ଏବଂ ଏଥିଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସକାଳେ ଘର ଭିତରୁ ଗନ୍ଧ ବାହାରିବାରୁ ସାହି ପଡ଼ିଶା ଲୋକେ ଆସି କବାଟ ଖୋଲି ଦେଖିବାବେଳକୁ ରାଧା ମୃତାବସ୍ଥାରେ ପଡ଼ିରହିଥିଲେ। ତାଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ରାଇଘର ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ସାହିବାସିନ୍ଦାଙ୍କୁ ହସ୍ତାନ୍ତର କରିଥିଲା। ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ସହାୟତା ଦେଇଥିଲେ।

# ଡାବୁଗାଁରେ ଆଇନା ବହି ବଣ୍ଟନ




ବିଡିଓ ହିତାଧିକାରୀଙ୍କୁ ଆଇନା ବହି ଦେଉଛନ୍ତି ।

ଡାବୁଗାଁ, ୮।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆଇନା ବହି ବଣ୍ଟନ କରାଯାଇଛି। ଉକ୍ତ ବହିରେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉଲ୍ଲେଖ ରହିଛି। ଡାବୁଗାଁ ବିଡିଓ ରଞ୍ଜିତାମେରୀ ନାୟକ ସ୍ଥାନୀୟ ଅଞ୍ଚଳର ହିତାଧିକାରୀଙ୍କୁ ଏହି ବହି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ କିରାଣି ସୁଧାଂଶୁ ଶେଖର ମିଶ୍ର, ନାନୁ ପାଣିଗ୍ରାହୀ, ବ୍ଲକର ସମସ୍ତ ଯୋଗାଣ ସହାୟକ ଏବଂ ପ୍ରାୟ ୧୫୦ ରୁ ଊର୍ଦ୍ଧ୍ୱ ହିତାଧିକାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

ନବରଙ୍ଗପୁର/ଡାବୁଗାଁ, ୮।୩(ବି.ପ୍ର./ଡି.ଏନ୍.ଏ.)–

ନବରଙ୍ଗପୁର ଗାନ୍ଧୀନଗରସ୍ଥିତ ନେହେରୁ ଯୁବକେନ୍ଦ୍ର ଓ ସିଏମ୍‌ଆଇଟି ଦକ୍ଷତା ବିକାଶ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ବରିଷ୍ଠ ଭାଜପା ନେତା ସୁରେନ୍ଦ୍ର କୁମାର ବିଷୋୟୀ, ଜିଲା ମିଡିଆ ସଂଯୋଜକ ସଞ୍ଜୀବ ନନ୍ଦ, ନଗର ସଭାପତି ସୁବ୍ରତ ମିଶ୍ର, ଜିଲା ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ଦେଓ, ନେହେରୁ ଯୁବ କେନ୍ଦ୍ର ଲେଖାପାଳ ଉଦୟ ଶଙ୍କର ବେହେରା, ଭୁବନେଶ୍ୱର ପାତ୍ର, ଆଇନଜୀବୀ କିଶୋରୀ ପଟ୍ଟନାକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମହିଳା ମୋର୍ଚ୍ଚା ସଦସ୍ୟା ବବିତା ସାହୁ, ବେବିରାଣୀ ସୁବୁଧି, ସୁନିତା ପାଢୀ, ସୁକାନ୍ତି ବେହେରା, କୁମାରି ବେହେରା, ସନ୍ତୋଷୀ ବେହେରା, ସନମ ବେଗମ, ରେବତି ବେହେରା, ଉଷା ବେହେରା ଦିପ୍ତି ପାତ୍ର ଓ ସରୋଜୀନୀ ବେହେରା ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରର ପକ୍ଷରୁ ମଧ୍ୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲା ଶିକ୍ଷା ପ୍ରତିଷ୍ଠାନ କେନ୍ଦ୍ରରେ ଏକ ପ୍ରଶିକ୍ଷଣ ଶିବିର କରାଯାଇଛି। ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଏହାର ଅଧ୍ୟକ୍ଷତା କରିଥିଲେ। ମହିଳା ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ କୁମାର ପ୍ରଧାନ, ଅତିରିକ୍ତ ଜିଲା ଜଜ୍ ପ୍ରଣୟ କୁମାର ଦାଶ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜ କୁମାର ଦାଶ, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରଶନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମିତ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି ଓ ସୌମ୍ୟରଞ୍ଜନ ନାୟକ, ସାମାଜିକ କର୍ମୀ ମନୋରମା ମାଝୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ବରିଷ୍ଠ ଶିକ୍ଷକ ଦେଶବନ୍ଧୁ ସାହୁ ଉପସ୍ଥିତ ଥିଲେ।



ଡାବୁଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବାଳିକା ଶିକ୍ଷା ସଂଯୋଜିକା ଉଦ୍‌ବୋଧନ ଦେଉଛନ୍ତି।

କାର୍ଯ୍ୟକ୍ରମକୁ ପ୍ରାଧିକରଣର ସମ୍ପାଦକ ପ୍ରଶନ୍ନ କୁମାର ବେହେରା ପରଚାଳନା କରିଥିଲେ। ଏଥିରେ ଅନୁଷ୍ଠାର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିଭଳି ଡାବୁଗାଁ ବ୍ଲକ କୋଇଲାରୀ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ମଧ୍ୟ ଅନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ରଚନା ଲିଖନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ମିଳା ଭତ୍ରା ପ୍ରଥମ, ସନ୍ଧ୍ୟାରାଣୀ ଦାସ ଦ୍ୱିତୀୟ ଓ ହେମବତୀ କଲାର ତୃତୀୟ ହୋଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଜୟମଣି ଗଣ୍ଡ ପ୍ରଥମ, ସନ୍ଧ୍ୟାରାଣୀ ଦାସ ଦ୍ୱିତୀୟ ଓ ରମିଳା ଗଣ୍ଡ ତୃତୀୟ ହୋଇଥିଲେ। ଏହି ଅବସରରେ ଅପରାହ୍ନରେ ଆୟୋଜିତ ସଭାରେ ବିଘ୍ନେଶ ଶତପଥି ଆଜିର ଦିବସ ଉପରେ ଅଭିଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ବାଳିକା ଶିକ୍ଷା ସଂଯୋଜିକା ରାଜଲକ୍ଷ୍ମୀ ପଣ୍ଡା ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବେହେରା, ଶିକ୍ଷୟିତ୍ରୀ ପ୍ରମିଳା ମାଝି, ଶିକ୍ଷକ ବଲ୍ଲଭ ନାରାୟଣ ପଣ୍ଡା ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ବିଜେଡି ୱାର୍ଡସ୍ତରୀୟ ମହିଳା କମିଟି ସମ୍ମିଳନୀ



ସମ୍ମିଳନୀରେ ବିଧାୟକ ମନୋହର ରନ୍ଧାରୀ ଉଦ୍‌ବୋଧନ ଦେଉଛନ୍ତି।

ପାପଡାହାଣ୍ଡି, ୮।୩ (ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୃଗବିହାର ନିକଟରେ ଗୁରୁବାର ବିଜେଡିର ୱାର୍ଡସ୍ତରୀୟ ମହିଳା କମିଟି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ଲାଗି ସରକାର କରିଥିବା ଯୋଜନାଗୁଡିକ ବିଷୟରେ ଅବଗତ କରାଯାଇଥିଲା । ଆଗାମୀ ନିର୍ବାଚନରେ ମହିଳାଙ୍କ ଭୂମିକା ଅଧିକ ରହିବ ବୋଲି କହିଥିଲେ। ବୈଠକରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତରା, ଉପଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଏମପି ପ୍ରତିନିଧି ସ୍ୱାଧୀନ ପଟନାୟକ, ଡାବୁଗାଁ ବ୍ଲକ ଏମପି ପ୍ରତିନିଧି ଏମ ଆପ୍ପା ରାଓ, ସୋମନାଥ ବିଶୋଇ, ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜ୍ଞପ୍ତି

ସଂ: ୧୯୩୪ ତା: ୦୭।୦୩।୨୦୧୯

ଏତଦ୍ୱାରା ରାଜ୍ୟର ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବଦଳି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଂକଳ୍ପ ସଂଖ୍ୟା ୨୨୧୬୭ ତା. ୦୪।୧୦।୨୦୧୮ ଓ ସଂକଳ୍ପ ସଂଖ୍ୟା ୨୧୯୦୮ ତା. ୦୧।୧୦।୨୦୧୮ରେ ଉଲ୍ଲିଖିତ ସର୍ତ୍ତାବଳୀ ଅନୁସାରେ online ପଦ୍ଧତିରେ ହେବ। Online ଦରଖାସ୍ତ ଗ୍ରହଣ ତା. ୦୨।୦୪।୨୦୧୯ରିଖରୁ ଆରମ୍ଭ ହେବ। ଏ ସମ୍ପର୍କିତ ସବିଶେଷ ବିବରଣୀ ଓ calendar ତା. ୦୧।୦୪।୨୦୧୯ ରିଖରୁ http://opepa.odisha.gov.in ରେ ଉପଲବ୍ଧ ହେବ।

**ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ**
**ରାଜ୍ୟ ପ୍ରାଥମିକ ଶିକ୍ଷା ପ୍ରକଳ୍ପ ପ୍ରାଧିକରଣ**

National Entrance Screening Test 2019
NEST 2019
Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)
For detailed information on NEST 2019 application procedure and previous years' question papers please visit NEST 2019 website: www.nestexam.in
Online Application deadline has been EXTENDED for another week !
Last Date to Apply Online: 18 March 2019 (midnight)
Application can be made only through online portal.
To apply ONLINE, visit www.nestexam.in
Date of Examination: June 01, 2019 (Saturday)

**ପୂର୍ବ ତଟ ରେଳପଥ**
**ବେଡ଼ରୋଲ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ(Mechanised) ସଫେଇ**

1) ଟେଣ୍ଡର ବିଜ୍ଞପ୍ତି ସଂ. eT-M-KUR-Grl-MW-PUI-49-19
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-I)ର ଟ୍ରେନ୍ ନଂ.18425/18426 (ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ୍) ଏବଂ 18477/18478 (ଉତ୍କଳ ଏକ୍ସପ୍ରେସ୍)ର ବେଡ୍ ରୋଲ୍ ଲିନେନ୍(Linen) ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 1,80,97,342.96, EMD (ଟଙ୍କାରେ) : 2,40,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.12.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.03.2019ରିଖ 1530 ଘଟିକାରେ ।

2) ଟେଣ୍ଡର ବିଜ୍ଞପ୍ତି ସଂ. eT-M-MW-GrlV-PUI-51-2019
କାର୍ଯ୍ୟର ନାମ : 02 (ଦୁଇ)ବର୍ଷ ଅବଧି ନିମନ୍ତେ ପୁରୀ କୋଚିଙ୍ଗ୍ ଡିପୋ(ପୁରୀ ଗ୍ରୁପ୍-IV)ର ଟ୍ରେନ୍ ନଂ.12801/12802, 12815/12816, 12875/12876, 20813/20814 ଏବଂ 08403/08404 ର ବେଡ୍ ରୋଲ୍ ଲିନେନ୍ (Linen) ଇତ୍ୟାଦି ଗୁଡ଼ିକର ଯନ୍ତ୍ରୀକୃତ ସଫେଇ ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ) : 2,58,52,580.24, EMD (ଟଙ୍କାରେ) : 2,79,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.13.03.2019ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.03.2019ରିଖ 1515 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍
PR-527/J/18-19

बैंक ऑफ़ इंडिया Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ : ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫
**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜୟପୁର ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା / ବନ୍ଧକଦାତା /ଜାମିନ୍‌ଦାରମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ, ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ଓ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିଗୁଡିକ ଦଖଲକୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତା /ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ବିଯୁକ୍ତ କଥିତ ନୋଟିସ୍ ତାରିଖ ପରେ ପରିଶୋଧ ରାଶି ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜୟପୁର ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଉପଧାରା (୮), ସେକ୍‌ସନ୍ ୧୩ ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଜୟପୁର ଶାଖା/ ଋଣଗ୍ରହୀତା / ଜାମିନଦାରମାନଙ୍କ ନାମ ଓ ଠିକଣା /ଆକାଉଣ୍ଟ ନଂ. | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା : ମେସର୍ସ ଆମା କଂକ୍ରୀଟ୍ ୱାର୍କସ୍, ସ୍ୱତ୍ୱାଧିକାରୀ : ଶ୍ରୀମତୀ ପି. ଲାବନ୍ୟ, ସ୍ୱାମୀ : ପି. ରାଜେସ୍ କୁମାର, ଠିକଣା: ବେଣ୍ଟଗୁଡ଼ା, କୋଟପାଡ଼, ଜିଲ୍ଲା : କୋରାପୁଟ | ଟ.୧୫,୯୯,୮୭୧.୫୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୧୨.୨୦୧୮ / ୦୭.୦୩.୨୦୧୯ | ଶ୍ରୀମତୀ ପି. ଲାବନ୍ୟଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା : କୋଟପାଡ଼, ଥାନା/ ତହସିଲ/ ଏସ୍‌ଆରଓ : କୋଟପାଡ଼, ଜିଲ୍ଲା : କୋରାପୁଟ, ଓଡିଶା, ଖାତା ନଂ. ୨୯୨, ପ୍ଲଟ ନଂ. ୮୫୦/୧୫୫୮, କ୍ଷେତ୍ର: ଏକର ୦.୭୦ ଡିସିମିଲ, କିସମ : ଇଣ୍ଡଷ୍ଟ୍ରିଆଲ୍, ଚୌହଦୀ : ଉତ୍ତର : ରାସ୍ତା, ଦକ୍ଷିଣ : ଭେଣ୍ଡରସ୍ ଲ୍ୟାଣ୍ଡ, ପୂର୍ବ : ଭେଣ୍ଡରସ୍ ଲ୍ୟାଣ୍ଡ, ପଶ୍ଚିମ : ଭେଣ୍ଡରସ୍ ଲ୍ୟାଣ୍ଡ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୮.୦୩.୨୦୧୯ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ


ଜୟପୁର ବାଙ୍କବିଜ ପଡ଼ିଆରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶରେ ରାହୁଲ ଗାନ୍ଧୀଙ୍କ ସହ ରାଜ୍ୟ ନେତୃବୃନ୍ଦ ।


ବାଙ୍କବିଜ ପଡ଼ିଆ ସମାବେଶରେ ସମବେତ ଜନସାଧାରଣ ।

■ 'ସଶକ୍ତ ମହିଳା ସମୃଦ୍ଧ ଓଡ଼ିଶା' କାର୍ଯ୍ୟକ୍ରମ

# ମହିଳାଙ୍କ ସହ ଭାବ ବିନିମୟ କଲେ ରାହୁଲ

ଜୟପୁର,୮।୩(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଡଙ୍ଗାଗୁଡ଼ାସ୍ଥିତ ଶିବସାଇ ଫଙ୍କସନ ହଲ୍‌ରେ ଶୁକ୍ରବାର ବିଶ୍ୱ ମହିଳା ଦିବସ ଅବସରରେ ଅନୁଷ୍ଠିତ 'ସଶକ୍ତ ମହିଳା ସମୃଦ୍ଧ ଓଡ଼ିଶା' କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ। ଶତାଧିକ ମହିଳାଙ୍କ ସହ ସିଧାସଳଖ ଭାବ ବିନିମୟ କରିଛନ୍ତି ରାହୁଲ। ନିଜ ବକ୍ତବ୍ୟରେ ସେ ମହିଳାଙ୍କ ପାଇଁ ବିଭିନ୍ନ ପ୍ରତିଶ୍ରୁତି ରଖିଛନ୍ତି।

ସେ କହିଛନ୍ତି, ଲୋକସଭା ଓ ବିଧାନସଭାରେ ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ ନିଶ୍ଚୟ ଆଇନ ପ୍ରଣୟନ ହେବା ଆବଶ୍ୟକ। ଭୋଟର ଯଦି କଂଗ୍ରେସକୁ କ୍ଷମତାକୁ ଆଣନ୍ତି, ତେବେ ମହିଳା ସଂରକ୍ଷଣ ବିଲ୍‌କୁ ସଂସଦରେ ପାରିତ କରିବ ଦଳ। ଜଣେ ଗୃହିଣୀ ସ୍ମୃତିଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ, ଉଭୟ କେନ୍ଦ୍ର ଓ ରାଜ୍ୟରେ ସରକାରଙ୍କ ଅପାରଗତାର ସୁଯୋଗ ନେଇ ଅସହିଷ୍ଣୁତା ବୃଦ୍ଧି ପାଇଛି । ସମସ୍ତ ବର୍ଗ ଉପରେ ଅତ୍ୟାଚାର ବଢ଼ିଛି। ମହିଳାମାନେ ସବୁଠୁ ଅଧିକ ଏହାର ଶିକାର ହୋଇଛନ୍ତି। ଜଣେ ମହିଳା ଡାକ୍ତର ପଚାରିଥିବା ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ରାହୁଲ କହିଥିଲେ, ବାଳିକା ଓ ଯୁବତୀଙ୍କ ପାଇଁ ନିମ୍ନ ଓ ଉଚ୍ଚ ଶ୍ରେଣୀ ଏବଂ ଅନ୍ୟ ପାଠ୍ୟକ୍ରମରେ ମାଗଣା ଶିକ୍ଷା ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସିଲେ ଏହାକୁ ନିଶ୍ଚୟ କାର୍ଯ୍ୟକାରୀ କରିବ ବୋଲି ପ୍ରତିଶ୍ରୁତି ବାଢ଼ିଥିଲେ ରାହୁଲ।

ଏହି ଅବସରରେ ମହିଳା କଂଗ୍ରେସର ରାଷ୍ଟ୍ରୀୟ ସଭାନେତ୍ରୀ ସୁସ୍ମିତା ଦେବ କହିଥିଲେ, କଂଗ୍ରେସ ହିଁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ଓଡ଼ିଶାରେ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଦେଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ତ୍ରିଭୁବନ ସିଂ ଦେଓ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ମହିଳା କଂଗ୍ରେସ ରାଜ୍ୟ ସଭାପତି ସୁମିତ୍ରା ଜେନା, ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ମଞ୍ଚାସୀନ ଥିଲେ।



## ଆଦିବାସୀ ମାନ୍ୟତା ଦାବି ଜଣାଇଲେ ଟ୍ରାଇବାଲ କୁଇନ୍ ପଲ୍ଲବୀ

କୋରାପୁଟ ଜିଲାର ଟ୍ରାଇବାଲ କୁଇନ ଭାବେ ଗତବର୍ଷ ଉପାଧି ପାଇଥିବା ବୈପାରୀଗୁଡ଼ା ବ୍ଲକର ଝିଅ ପଲ୍ଲବୀ ଦୁରୁଆ ଏହି କାର୍ଯ୍ୟକ୍ରମରେ ଦୁରୁଆ ଜନଜାତିଙ୍କୁ ଆଦିବାସୀ ମାନ୍ୟତା ମିଳି ନଥିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏଥିପାଇଁ ରାହୁଲ ଗାନ୍ଧୀ କି ସହାୟତା କରିବେ ବୋଲି ପ୍ରଶ୍ନ କରିଥିଲେ। ଦାବିକୁ ରାହୁଲ ସମର୍ଥନ କରିବା ସହ ଏ ଦିଗରେ ସମସ୍ତ ପ୍ରକାର ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**-ଗସ୍ତର ଏପାଖ ସେପାଖ-**

## କଳା ପତାକା ପ୍ରଦର୍ଶନ ପାଇଁ ଆସିଥିବା ୧୪ ଅଟକ

ପରିବର୍ତ୍ତନ ସମାବେଶ ସ୍ଥଳ ନିକଟରେ ୩ ଜଣ ଯୁବକ କଳାପତାକା ପ୍ରଦର୍ଶନ କରୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଉକ୍ତ ଯୁବକ ଜୟପୁର ଟାଉନଥାନା ଢେପଗୁଡ଼ାର ହୋଇଥିବା ବେଳେ ସେମାନେ ପୂର୍ବରୁ କଂଗ୍ରେସରେ ଥିଲେ। କିନ୍ତୁ ଏବେ ସେମାନେ କେଉଁ ଦଳର ତାହା ପୋଲିସ ପଚରାଉଚରା କରୁଛି। ଅନ୍ୟ ୧୧ଜଣ ଷ୍ଟେସନ ଛକ ନିକଟରେ କଳାପତାକା ନେଇ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ମଧ୍ୟ ଅଟକ ରଖିଥିଲା।

## ରାହୁଲଙ୍କୁ ଭେଟିଲା ଜିଲା ଓକିଲ ସଂଘ

ଜୟପୁର ଗସ୍ତ ବେଳେ ରାହୁଲଙ୍କୁ ଭେଟି ଜିଲା ଓକିଲ ସଂଘ ଦାବିପତ୍ର ଦେଇଛି। ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ସେମାନେ ଦାବି ଜଣାଇଥିଲେ। ସମସ୍ତ ପ୍ରକାର ଭିତ୍ତିଭୂମି ଥିବାବେଳେ ବେଞ୍ଚ ନଥିବାରୁ ସାଧାରଣ ଲୋକେ ବିଶେଷ ଅସୁବିଧା ଭୋଗୁଛନ୍ତି।

## ଜନତାଙ୍କୁ ଉତ୍ସାହିତ କରୁଥିଲେ ତାରା

ହଜାର ହଜାର ଜନତାଙ୍କ ଉତ୍କଣ୍ଠା ଦେଖି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବେଶ୍ ଉତ୍ସାହିତ ହୋଇପଡ଼ିଥିଲେ। କଥା କଥାକେ 'ମୋର ନାନାକେ, ମାରୋ ତାଲି' ବୋଲି କହି ଉପସ୍ଥିତ ଜନତାଙ୍କୁ ଉତ୍ସାହିତ କରୁଥିଲେ ତାରା। ସମସ୍ତ ନେତା ଧଳା ପୋଷାକରେ ଥିବାବେଳେ ନୀଳପୋଷାକରେ ବାରିହୋଇପଡୁଥିଲେ ତାରା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୂର ପରବତ ସୁନ୍ଦର**
**ଦୂର ବନ୍ଧୁ ସୁନ୍ଦର ।**

ପର୍ବତ ଦୂରରୁ ଭାରି ଶାଗୁଆ, ଗଛପତ୍ର ଭରି ରହିଥିବା ଭଳି ସୁନ୍ଦର ଦିଶେ । କିନ୍ତୁ ପାଖକୁ ଗଲେ କେତେ ଖାଲ ଖାବୁଡ଼ା, ଟାଙ୍ଗରା ପଥୁରିଆ, ନାନା ଜାତି ହିଂସ୍ର ଜୀବଜନ୍ତୁ ଥିବା ଇତ୍ୟାଦି ଜଣାପଡ଼େ। ସେହିପରି ଦୂରବନ୍ଧୁ କଦବା କ୍ୱଚିତ ଘରକୁ ଆସନ୍ତି। ତାଙ୍କ ଭଲ ମନ୍ଦ ତଥା ତାଙ୍କ ଘରର ଗୁମର ସହଜରେ ଜଣା ପଡ଼ି ନ ଥାଏ। ଦୂରରେ ରହିଥିବା ହେତୁ ଉକ୍ତ ବନ୍ଧୁଙ୍କ ସ୍ୱଭାବ, ବ୍ୟବହାର ବେଶ୍ ସୁନ୍ଦର ବା ଭଲ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦିଆକୁ ଦିଆ**
**ଅଦିଆକୁ ଦୁଆର ଦିଆ ।**

ଦେବା ଲୋକକୁ ସମସ୍ତେ ସ୍ୱାଗତ କରିଥାନ୍ତି। କିଛି ଅସୁବିଧାର ସମ୍ମୁଖୀନ ହେଲେ ଦେଉଥିବା ବ୍ୟକ୍ତି ପ୍ରତି ସମବେଦନା ଜ୍ଞାପନ କରିଥାନ୍ତି। ଭଲରେ ମନ୍ଦରେ ସାହାଯ୍ୟ କରିବାକୁ ଆଗେଇ ଆସିଥାନ୍ତି। କିନ୍ତୁ ଯିଏ କେବେ ଦିଏ ନାହିଁ, ଦେବାକଥା ପଡ଼ିଲେ ମୁହଁ ବୁଲାଇଦିଏ ତାକୁ କେହି କେବେ ପସନ୍ଦ କରି ନ ଥାନ୍ତି। ପରୋପକାରୀ ହୋଇ ନ ଥିବା ହେତୁ ତାଙ୍କ ପ୍ରତି କେହି ସହାନୁଭୂତି ଦେଖାଇବାକୁ ଉଚିତ ମଣୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଜିଲାସ୍ତରୀୟ ମହିଳା ଦିବସ

## ଶ୍ରେଷ୍ଠ ୩ ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ମାନିତ


ସ୍ୱୟଂସହାୟକ ଗୋଷ୍ଠୀ ପୁରସ୍କାର ଗ୍ରହଣ କରୁଛନ୍ତି ।

କୋରାପୁଟ,୮।୩(ସ୍ୱ.ପ୍ର.)

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲାସ୍ତରୀୟ ମହିଳା ଦିବସ ଅନୁଷ୍ଠିତ ହୋଇଛି । ଜିଲା ସମାଜ ମଙ୍ଗଳ ବିଭାଗ ଓ ମିଶନ ଶକ୍ତିର ମିଳିତ ସହଯୋଗରେ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସେ ମହିଳାମାନଙ୍କୁ ଦେଶର ପ୍ରଗତି ସୋତ୍ରରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲାର ଶ୍ରେଷ୍ଠ ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମାନପତ୍ର ଓ ୧୫ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରି ସମ୍ମାନିତ କରିଥିଲେ । ପୁରସ୍କୃତ ଏସ୍‌ଏଚ୍‌ଜି ହେଲେ ଲମତାପୁଟ ବ୍ଲକ ମା' ବୁଢ଼ୀ ଠାକୁରାଣୀ ଏସ୍‌ଏଚ୍‌ଜି, କୋଟପାଡ଼ ବ୍ଲକ ବନ୍ଦନା ଏସ୍‌ଏଚ୍‌ଜି, କୁନ୍ଦୁରା ବ୍ଲକ ଦିବ୍ୟଶକ୍ତି ଏସ୍‌ଏଚ୍‌ଜି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ପ୍ରଧାନ, ଏଲସିସି ଅଧ୍ୟକ୍ଷ ରାଜ କୁମାରୀ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ପୁଷ୍ଟି ସାଧନ ବିଭାଗର ମମତା ମହାନ୍ତି, ମିଶନ ଶକ୍ତି ଜିଲା ସଂଯୋଜିକା ବିନୋଦିନୀ ବେହେରା, ଆଇନଜୀବୀ ନମିତା ମହାନ୍ତି ଉପସ୍ଥିତ ଥିଲେ।

## ଅଟୋ-ଟ୍ରକ ମୁହାଁମୁହିଁ ଧକ୍କା, ୮ ଆହତ

ରାୟଗଡା ଅଫିସ୍, ୮।୩

ରାୟଗଡା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଅଟୋ ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ୮ ଜଣ ଆହତ ହୋଇଛନ୍ତି । ସେମାନଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ରାୟଗଡା ସଦର ବ୍ଲକ୍ ମାଟିକଣା ପଞ୍ଚାୟତ ଗୁରୁମପାଡି ଗ୍ରାମର ୭ ମହିଳାଙ୍କ ସମେତ ୮ଜଣ ଏକ ଅଟୋରେ ମା' ମଝିଘରିଆଣୀ ମନ୍ଦିରକୁ ଆସୁଥିଲେ । ଜେକେପୁରର ୱାଚମେନ କଲୋନୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଅଟୋରେ ଥିବା ରେଲ କୁଲେସିକା(୧୫) ଓ ନଉକି କାଡ୍ରାକା(୧୬) ଗୁରୁତର ଭାବେ ଆହତ ହୋଇଥିବା ବେଳେ ଅନ୍ୟମାନେ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି ।

**ସଂକ୍ଷେପରେ**

## ଟ୍ରାକ୍ଟର-ଅଟୋ ମୁହାଁମୁହିଁ: ୫ ଗୁରୁତର

କୋରାପୁଟ/ମହାଦେଇପୁଟ, ୮।୩(ସ୍ୱ.ପ୍ର.): କୋରାପୁଟ ସଦର ଥାନା ଅନ୍ତର୍ଗତ ମହାଦେଇପୁଟ ଆମ୍ବତୋଟା ନିକଟରେ ଶୁକ୍ରବାର ରାତି ୮ଟାବେଳେ ଟ୍ରାକ୍ଟର ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଫଳରେ ଅଟୋରେ ଥିବା ୫ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମହାଦେଇପୁଟ ଗ୍ରାମକୁ ଯାଉଥିବା ଏକ ଅଟୋ (ଓଆର ୧୦ ସି ୭୯୬୫) ସହ ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟରର ଧକ୍କା ହୋଇଥିଲା। ଏଥିରେ ଅଟୋ ଡ୍ରାଇଭର ସମେତ ୫ ଜଣ ଯାତ୍ରୀ ଗରୁତର ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଗୁରୁତରଙ୍କୁ କୋରାପୁଟ ମେଡିକାଲ ପଠାଇଥିଲେ।

## ମହିଳାଙ୍କୁ ଆଇନ ସଚେତନତା

କୋରାପୁଟ,୮।୩(ସ୍ୱ.ପ୍ର.): କୋରାପୁଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ସଦର ବ୍ଲକ କେନ୍ଦାର ପଞ୍ଚାୟତରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ସବ୍‌ଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଏସ୍‌ଡିଜେଏମ୍ ଶିଳା ପ୍ରିୟଦର୍ଶିନୀ ପଣ୍ଡା, ମୁନସିଫ୍ ଅରୁପ ନାୟକ, ସ୍ୱତନ୍ତ୍ର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୟାଧର ପାଣିଗ୍ରାହୀ, ଏଡିଏମ୍‌ଓ ସୁଶାନ୍ତ ଦାସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ଆଇନ ସହାୟତା ଉପରେ ଆଲୋକପାତ କରିଥିଲେ । ପୋକସୋ ଆଇନ, ବାଲ୍ୟ ବିବାହ ନିରୋଧ ଅଧିନିୟମ ୨୦୦୬ ଓ ଓଡ଼ିଶା ବାଲ୍ୟ ବିବାହ ନିରୋଧ ନିୟମ ୨୦୦୯, ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ ୨୦୦୫, କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା, (ନିବାରଣ, ନିଷେଧ ଓ ନିରାକରଣ) ଆଇନ ୨୦୧୩, ପୀଡ଼ିତାଙ୍କୁ କ୍ଷତିପୂରଣ, ମହିଳାଙ୍କ ଅଧିକାର ଓ ଆଇନ ସେବା ଉପରେ ଉପସ୍ଥିତ ମହିଳାଙ୍କୁ ସଚେତନ କରାଯାଇଥିଲା। ମାଥାଲପୁଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଶ୍ୱରଞ୍ଜନ ଭୁୟାଁ, ବିପିଏମ୍ ମଧୁଲିତା ପାଢ଼ୀ, କେନ୍ଦାର ସରପଞ୍ଚ ଶିବିରରେ ଯୋଗ ଦେଇଥିଲେ । ତାଲୁକ ଆଇନ ସେବା ସମିତିର ସୌମ୍ୟ ମିଶ୍ର ପରିଚାଳନା କରିଥିଲେ।

## ସୀମାନ୍ତରେ ନିର୍ବାଚନ ସୁପରିଚାଳନା ଉପରେ ଗୁରୁତ୍ୱ

କୋରାପୁଟ,୮।୩(ସ୍ୱ.ପ୍ର.)

**ଆନ୍ଧ୍ର, ଅବିଭକ୍ତ କୋରାପୁଟ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନେଇ ବୈଠକ**


ବୈଠକରେ କୋରାପୁଟ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ।

ଅବିଭକ୍ତ କୋରାପୁଟ ଜିଲା ସୀମାନ୍ତ ଅଞ୍ଚଳରେ ଶୃଙ୍ଖଳିତ ନିର୍ବାଚନ ପାଇଁ ଶୁକ୍ରବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ସୀମାନ୍ତ ଅଞ୍ଚଳରେ ସାଧାରଣ ଓ ସମ୍ବେଦନଶୀଳ ବୁଥ ଚିହ୍ନଟ, ଆନ୍ଧ୍ର-ଓଡ଼ିଶା ମିଳିତ ସହଯୋଗରେ ଅବକାରୀ ଚଢ଼ାଉ, ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ସୀମାନ୍ତ ଅଞ୍ଚଳର ସମସ୍ତ ମଦ ଦୋକାନ ବନ୍ଦ, ମଦରନ୍ଧା ସ୍ଥାନରେ ଚଢ଼ାଉ ଏବଂ ଉଭୟ ରାଜ୍ୟର ପରିବହନ ଅଧିକାରୀଙ୍କ ମିଳିତ ସହଯୋଗରେ ଗାଡ଼ି ଯୋଗାଇ ନିର୍ବାଚନକୁ ସଫଳ କରିବା ପ୍ରସଙ୍ଗ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷ କରି ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ୨୧ଟି ରାଜସ୍ୱ ଗ୍ରାମ, ଗୋଲୁର, ସୁଙ୍କି ଅଞ୍ଚଳର ଆନ୍ଧ୍ର ସୀମାନ୍ତ ଗ୍ରାମ, ନନ୍ଦପୁର ବ୍ଲକର ଚାଟୁଆ, ପାଡୁଆ ପଞ୍ଚାୟତର ବହୁ ଗ୍ରାମ, ବନ୍ଧୁଗାଁ ବ୍ଲକର ଆଲମଣ୍ଡା, ନାରାୟଣପାଟଣା ବ୍ଲକ, ଲମତାପୁଟ ବ୍ଲକର ଅନକାଡେଲି ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଅଞ୍ଚଳ, ରାୟଗଡ଼ା ଜିଲା ସୀମାନ୍ତ ଆନ୍ଧ୍ରର ପାର୍ବତୀପୁରମ, ମାଲକାନଗିରି ଜିଲା ମୋଟୁରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଜୟନଗରମ ଜିଲାପାଳ ଏମ୍.ହରି ଜବାହରଲାଲ, ବିଶାଖାପାଟଣା ଡିଆର୍‌ଓ ଆର୍.ଗୁନାୟା, ଡେପୁଟି ଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକ, ପାର୍ବତୀପୁରମ ପିଏ ଆଇଟିଡିଏ ଜି. ଲକ୍ଷ୍ମୀସା, ପାର୍ବତୀପୁରମ ଉପଜିଲାପାଳ ଚେତନ ଟି.ଏସ୍. ପାର୍ବତୀପୁରମ ଏଏସ୍‌ପି ସୁମିତ ଗରଡ, ଆନ୍ଧ୍ରର ସହକାରୀ କମାଣ୍ଡାଣ୍ଟ ଏମ୍. ଭାସ୍କର ରାଓ, ସାଲୁର ପିଡି ଡିଆରଡିଏ କେ. ସୁବାରାଓ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଏ.ଏସ. ପ୍ରସାଦ, ଏସ୍.କେ. ଡିଭି ପ୍ରସାଦ, ପ୍ରୋବେସନ ଅବକାରୀ ଅଧିକାରୀ ଭି .ବିଜୟ କୁମାର ଯୋଗ ଦେଇଥିଲେ। ସେହିପରି କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଆଇଏଏସ୍ ପ୍ରୋବେସନ ଟି.ଏସ୍. ଦିବାକର, ଉପଜିଲାପାଳ ଲଳିତ କହଁର, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ସହକାରୀ ଜିଲାପାଳ (ନିର୍ବାଚନ) ସବ୍ୟସାଚୀ ବେହେରା ଉପସ୍ଥିତ ଥିଲେ।

## ୩୪ଜଣଙ୍କୁ ଗ୍ୟାସ ଟାଙ୍କି ପ୍ରଦାନ

କୋଟପାଡ, ୮।୩(ଡି.ଏନ.ଏ.)

କୋଟପାଡ ବ୍ଲକ ଚିତ୍ରା ପଞ୍ଚାୟତର ମକାପୁଟ ଗ୍ରାମରେ ଗୁରୁବାର ଉଜ୍ଜଳା ଯୋଜନାରେ ୩୪ଜଣଙ୍କୁ ଗ୍ୟାସ ଟାଙ୍କି ବଣ୍ଟନ କରାଯାଇଛି। ଜାମୁଣ୍ଡାର ଭାରତ ଗ୍ୟାସ ଏଜେନ୍ସି ସହଯୋଗରେ ଭାଜପା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଉଜ୍ଜଳା ଯୋଜନା ପାଇଁ କୋରାପୁଟ ଜିଲା ଦାୟିତ୍ୱରେ ଥିବା ଅବନ୍ତିକା ସାହୁ ସଭାପତିତ୍ୱ କରିଥିଲେ। ଜିଲା ଭାଜପା ସମ୍ପାଦକ ଭଗବାନ ସେଠୀ, ମୀନ ଭତରା, ଘନ ସମରଥ, ବିପିନ ବିହାରୀ ଚଲାଣ, ସନ୍ତୋଷ ଶିରା, ସଦା ଭତରା ପ୍ରମୁଖ ଉପସ୍ଥିତ ଥିଲେ।



## ୧୩ରୁ ରାଜ୍ୟରାଣୀ ୬ ଦିନ ଚାଲିବ

ଗୁଣପୁର,୮।୩(ଡ଼ି.ଏନ.ଏ)

ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ ଆସନ୍ତା ୧୩ ତାରିଖରୁ ସପ୍ତାହରେ ୬ ଦିନ ଚାଲିବ। ୧୩ ତାରିଖରେ ଏହି ଟ୍ରେନ ରାଉରକେଲାରୁ ଛାଡ଼ିବ । ପୂର୍ବରୁ ଏହା ସପ୍ତାହରେ ୩ ଦିନ ଚାଲୁଥିଲା। ବର୍ତ୍ତମାନ ରାଉରକେଲାରେ ଶନିବାର ବନ୍ଦ ରହିବ ଏବଂ ଗୁଣପୁରରେ ରବିବାର ବନ୍ଦ ରହିବ ବୋଲି ବିଶାଖାପାଟଣା ଦକ୍ଷିଣ ପୂର୍ବତଟ ରେଳ ବିଭାଗ ପକ୍ଷରୁ ଜଣାଯାଇଛି।

## ଅଭିଭାବକଙ୍କୁ ନେଇ ମହିଳା ଦିବସ

ବୈପାରୀଗୁଡ଼ା,୮।୩(ଡି.ଏନ୍.ଏ.)

ସ୍ଥାନୀୟ ଅକ୍ସଫର୍ଡ ସ୍କୁଲରେ ମହିଳା ଅଭିଭାବକଙ୍କୁ ନେଇ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି । ଉକ୍ତ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା କଲ୍ୟାଣୀ ବାଘ ଏହାକୁ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନେହଲତା ପଟ୍ଟନାୟକ, ଆର୍ଟ ଅଫ ଲିଭିଂ ସଂଯୋଜକ ରିକ୍ଷିକା ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ମୃଦୁଳା ରାମଫୁଲ ଏବଂ ଅତିରିକ୍ତ ତହସିଲଦାର ସଞ୍ଜୀବ ସାହୁ ବକ୍ତା ଭାବେ ଯୋଗ ଦେଇଥିଲେ। ଆଲୋଚନାରେ ମହିଳାଙ୍କ ସାମାଜିକ ଓ ରାଜନୈତିକ ଅଧିକାର, ଲିଙ୍ଗଗତ ବୈଷମ୍ୟତା, ନାରୀ ଶିକ୍ଷା ଓ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ସାମାଜିକ କର୍ମୀ ମନ୍ଦାକିନୀ ପାଇକ ଧନ୍ୟବାଦ ଦେଇଥିଲେ।


ବୈପାରୀଗୁଡ଼ାସ୍ଥିତ ଅକ୍ସଫୋର୍ଡ ସ୍କୁଲରେ ମହିଳା ଦିବସ ପାଇଁ ଶପଥପାଠ କରାଯାଉଛି ।


ସୁନାବେଡ଼ାରେ ଶାଶ୍ୱତୀ ଓ ଜାଗୃତୀ ମହିଳା ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

## କୁନ୍ତେସ-ଚମ୍ପି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ


ରାସ୍ତାର ଭିତ୍ତିପ୍ରସ୍ତର ପାଇଁ ଫିତା କାଟୁଛନ୍ତି କୋରାପୁଟ ଏମ୍‌ପି ଓ ଅନ୍ୟ ଅତିଥି ।

ଦଶମନ୍ତପୁର, ୮।୩(ଡି.ଏନ.ଏ.)

ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତରେ ଗୁରୁବାର କୁନ୍ତେସ-ଚମ୍ପି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୋରାପୁଟ ଏମ୍‌ପି ଝିନ ହିକକା ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭୁ ଜାନୀ, ପୋଡାଗଡ ସରପଞ୍ଚ ଭଗବାନ ମୁଦୁଲିଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ଜିତେନ୍ଦ୍ର ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋଡ଼ିଙ୍ଗାମାଳି ପ୍ରଭାବିତ ଲୋକେ କିପରି ସହାୟତା ପାଇବେ ସେଥିପାଇଁ ସେ ପଦକ୍ଷେପ ନେବେ ବୋଲି ଏମ୍‌ପି ହିକକା ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ଏହି ୭କିମି ରାସ୍ତା ମରଣଯନ୍ତା ପାଲଟିଥିଲା। ଅଞ୍ଚଳବାସୀଙ୍କ ବାରମ୍ବାର ଆନ୍ଦୋଳନ ପରେ ଡିଏମ୍‌ଏଫ୍ ଯୋଜନାରେ ମଞ୍ଜୁର ହୋଇଥିବା ଅନୁଦାନରେ ରାସ୍ତା ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଥିଲେ।





# ଭୋଟରଙ୍କ ପରିବର୍ତ୍ତନ ନିଶା
# ଭାଜପା ପାଇଁ ଅଡୁଆ

**ଘନଶ୍ୟାମ ଭୋଇ**
**ନୂଆପଡ଼ା ଅଫିସ,୮।୩**

୫ ବ୍ଲକ ଓ ୩ ପୌରାଞ୍ଚଳକୁ ନେଇ ନୂଆପଡ଼ା ଜିଲା ଗଠିତ। ସେଥିରୁ ନୂଆପଡ଼ା ଓ କୋମନା ବ୍ଲକକୁ ନେଇ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ (ସଂ-୭୧) ତିଆରି ହୋଇଛି। ସ୍ୱାଧୀନତା ପରଠାରୁ ଏଠାରେ କଂଗ୍ରେସର ରାଜୁତି ରହିଥିଲା। ଅଶୀ ଦଶକରେ ଜନତା ଦଳ ପ୍ରାର୍ଥୀ ଘାସିରାମ ମାଝି କଂଗ୍ରେସ ଦୁର୍ଗକୁ ଭାଙ୍ଗିଥିଲେ। ସେ ୨୫ ବର୍ଷକାଳ ବିଧାୟକ ରହି ରେକର୍ଡ ସୃଷ୍ଟି କରିଥିଲେ। ୨୦୦୦ ମସିହାରେ ଏହି ଆସନ ଭାଜପା ହାତକୁ ଯାଇଥିଲା। ବସନ୍ତ ପଣ୍ଡା ଉକ୍ତ ଆସନରୁ ବିଜୟୀ ହୋଇଥିଲେ। ୨୦୦୪ ଓ ୨୦୦୯ ନିର୍ବାଚନରେ ଏହି ଆସନ ବିଜେଡି ଅକ୍ତିଆରରେ ଥିଲା। ରାଜେନ୍ଦ୍ର ଢୋଲକିଆ ୨ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।

୨୦୧୪ ନିର୍ବାଚନରେ ପୁଣିଥରେ ଭାଜପା ସେହି ଗାଦି ଦଖଲ କରିଥିଲା। ବସନ୍ତ ପଣ୍ଡା ପୁଣି ଥରେ ବିଜୟୀ ହୋଇଥିଲେ। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରିବର୍ତ୍ତନ ଚାହିଁଥିଲେ ଭୋଟର। ଏହାର ଫାଇଦା ନେଇଥିଲେ ବସନ୍ତ। ବସନ୍ତ ବିଧାୟକ ହେବା ପରେ ରାଜ୍ୟ ଭାଜପା ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି। ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ବସନ୍ତ ଏକ ପରିଚିତ ନାମ ହୋଇଥିଲେ ମଧ୍ୟ ସେ ନିଜ ନିର୍ବାଚନ ମଣ୍ଡଳୀର ସୁଖଦୁଃଖରେ ସାମିଲ ହୋଇପାରୁ ନ ଥିବା ଏବେ ଅଭିଯୋଗ ହୋଇଛି। ତାର ପ୍ରଭାବ ଗତ ଜିଲା ପରିଷଦ ନିର୍ବାଚନ ଉପରେ ପଡିଥିଲା। ଭାଜପାର ଭୋଟ ପ୍ରତିଶତ କମିଥିଲା। ଦଳର ଜଣେ ହେଲେ ପ୍ରାର୍ଥୀ ବିଜୟୀ ହୋଇ ନ ଥିଲେ। ଅନ୍ୟପକ୍ଷେ ବିଜେଡିର ଭୋଟ ପ୍ରତିଶତ ବଢିଥିଲା। ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ହେଲେ ଅଧ୍ୟକ୍ଷ ପଦ ପାଇବାକୁ ଦଳୀୟ କନ୍ଦଳ ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। କଂଗ୍ରେସ ୫ ଆସନରେ ବିଜୟୀ ହୋଇ ରେକର୍ଡ କରିଥିଲା।

ବିଜେଡିର ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର ଢୋଲକିଆ ଟିକେଟ ଦୌଡରେ ଅଛନ୍ତି। ଦଳ ପ୍ରତି ତାଙ୍କର ନିଷ୍ଠା ରହିଛି। ଜନ ସମ୍ପର୍କ ବି ଭଲ ଥିବାରୁ ସେ ଟିକେଟ୍ ପାଇବେ ବୋଲି ଆଶାବାଦୀ ଥିବା କହିଛନ୍ତି। ସେହିଭଳି ଦଳରୁ କିଛିଦିନ ତଳେ ନିଲମ୍ବିତ ହେବା ପରେ ପୁଣି ଥରେ ଦଳର କାର୍ଯ୍ୟଭାର ଗ୍ରହଣ କରିଥିବା ସ୍ୱର୍ଗତ ଘାସିରାମ ମାଝିଙ୍କ ପୁତୁରା ଭାନୁପ୍ରତାପ ସିଂ ମାଝି ମଧ୍ୟ ଟିକେଟ ପାଇଁ ଆଶା ବାନ୍ଧିଛନ୍ତି। ବଡବାପାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ତାଙ୍କୁ ଥରେ ସୁଯୋଗ ଦିଆଯାଉ ବୋଲି ସେ କହିଛନ୍ତି। ଯଦି ଦଳ ତାଙ୍କୁ ଟିକେଟ୍ ନ ଦିଏ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ାହେବେ ବୋଲି କହିଛନ୍ତି। ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ମାତ୍ର ବର୍ଷକ ତଳେ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ଦଳ ରାଜ୍ୟ ସମ୍ପାଦକ ଦାୟିତ୍ୱ ପ୍ରଦାନ କରିଥିଲା। ସେ ବି ଟିକେଟ୍ ଦୌଡରେ ଅଛନ୍ତି। ଭାଜପା ରାଜ୍ୟ ସଭାପତି ତଥା ବିଧାୟକ ପଣ୍ଡା। ଏଥର ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବେ ନାଁ ଲୋକ ସଭା ପାଇଁ ଛିଡା ହେବେ ତାହା ସ୍ପଷ୍ଟ ହୋଇନାହିଁ। ତଥାପି ଭାଜପାରେ ଆଶାୟୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଦଳର ଅନୁସୂଚିତ ଜାତିକୁ ନେତୃତ୍ୱ ଦେଇଆସୁଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଖାମସିଂ ମାଝି ଏହି ଦୌଡ଼ରେ ଅଛନ୍ତି। ଏଣେ ପୂର୍ବତନ ଜିଲା ସଭାପତି ଯଦୁମଣି ପାଣିଗ୍ରାହୀ ଟିକେଟ ପାଇଲେ ଲଢିବେ ବୋଲି ଖୋଲାଖୋଲି କହୁଛନ୍ତି। ଦଳ ଯଦି ମହିଳା ନେତୃତ୍ୱକୁ ସୁଯୋଗ ଦିଅନ୍ତି ତେବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ଜିଲା ମହିଳା ପ୍ରଭାରୀ ଜେମାମଣୀ ଧରୁଆ ମଧ୍ୟ ଟିକେଟ୍ ପାଇବେ ବୋଲି ଆଶା ବାନ୍ଧିଛନ୍ତି। ତିନି ତିନିଥର ବିଜେଡି ଜିଲା ସଭାପତି ଦାୟିତ୍ୱରେ ଥିବା ପ୍ରସନ୍ନ ପାଢୀ ଦଳରୁ ନିଲମ୍ବନର ୬ ମାସ ପରେ ଗତ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ଏହାପରେ ଭାଜପାର ସମୀକରଣ ବଦଳିବାର ସମ୍ଭାବନା ଥିବା ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ପ୍ରସନ୍ନଙ୍କୁ ପଚାରିବାରୁ ସେ ଦଳର ନିଷ୍ପତ୍ତିକୁ ମାନିବେ। ଦଳ ଯଦି ଟିକେଟ ଦିଏ ତେବେ ସେ ଜିତିବାର ଦକ୍ଷତା ରଖିଛନ୍ତି ବୋଲି କହିଛନ୍ତି। ସେହିଭଳି ବର୍ତ୍ତମାନର ବିଧାୟକ ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଦଳର ସଂସଦୀୟ ବୋର୍ଡ ଯାହା ନିଷ୍ପତ୍ତି ନେବ ତାକୁ ସେ ମାନି ଚଳିବେ। ଶୋଷଣ ବିରୋଧରେ ସେ କାମ କରୁଛନ୍ତି। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସେ ସେହି କାମ କରି ଚାଲିଥିବେ ବୋଲି ବସନ୍ତ କହିଛନ୍ତି।

କଂଗ୍ରେସରେ ଜଣଙ୍କ ନାମ ଚର୍ଚ୍ଚାରେ ରହିଛି। ଗତ ନିର୍ବାଚନ ଲଢ଼ି ତୃତୀୟ ସ୍ଥାନରେ ରହିଥିବା ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ଏଥର ଟିକେଟ୍ ପାଇବେ ବୋଲି ଏକ ପ୍ରକାର ନିଶ୍ଚିତ ଅଛନ୍ତି। ସେ କଂଗ୍ରେସ ଟିକେଟ ପାଇଁ ଏକମାତ୍ର ଦାବିଦାର ରହିଛନ୍ତି। ତାଙ୍କୁ ପ୍ରଦେଶ କଂଗ୍ରେସ କମିଟି ଟିକେଟ ଦେଇସାରିଥିବା ଦଳୀୟ ନେତୃବୃନ୍ଦ କହୁଛନ୍ତି। ଘାସିରାମଙ୍କୁ ଏ ନେଇ ପଚାରିବାରୁ ମୋର ଦୃଢ ଆତ୍ମବିଶ୍ୱାସ ରହିଛି। ମୋତେ ଟିକେଟ ମିଳିବା ଏକ ପ୍ରକାର ନିଶ୍ଚିତ ବୋଲି ସେ ସ୍ପଷ୍ଟ କରିଛନ୍ତି।



**ମୋଟ ଭୋଟର ସଂଖ୍ୟା**
୨,୨୪,୦୨୪

**ପୁରୁଷ ଭୋଟର**
୧,୧୨,୦୭୬

**ମହିଳା ଭୋଟର**
୧,୧୧,୯୪୫

**ଅନ୍ୟାନ୍ୟ ଭୋଟର**
୩

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ଭାଜପା | ବସନ୍ତ କୁମାର ପଣ୍ଡା | ୫୫,୮୧୭ |
| ବିଜେଡି | ରାଜେନ୍ଦ୍ର ଢୋଲକିଆ | ୪୬,୨୦୭ |
| କଂଗ୍ରେସ | ଘାସିରାମ ମାଝି | ୩୯,୬୫୪ |

**ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ**








# ତ୍ରିମୁଖୀ ଲଢ଼େଇ ପାଇଁ ରଣକ୍ଷେତ୍ର ପ୍ରସ୍ତୁତ

**ଶୁଭାଶିଷ ପାଢ଼ୀ**
**ସମ୍ବଲପୁର,୮।୩(ବ୍ୟୁରୋ)**

ରେଢାଖୋଲ ବିଧାନସଭା ନିର୍ବାଚନମଣ୍ଡଳୀ। ଭୌଗୋଳିକ ଦୃଷ୍ଟିରୁ ମାନେଶ୍ୱର ବ୍ଲକର ୭ ପଞ୍ଚାୟତ ଓ ଯୁଯୁମୁରା, ରେଢାଖୋଲ, ନାକଟିଦେଉଳ ବ୍ଲକକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ। ୨୦୦୯ରୁ ଏହି ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସବୁ ଦଳର ନେତାଙ୍କ ଆଖି ଉକ୍ତ ନିର୍ବାଚନ ମଣ୍ଡଳୀ ଉପରେ ରହିଛି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ କଂଗ୍ରେସର ଆସଫ୍ ଅଲିଖାନଙ୍କୁ ହରାଇ ବିଜୟୀ ହୋଇଥିଲେ। ଭାଜପା ତୃତୀୟ ସ୍ଥାନରେ ରହିଥିଲା। ଆସନ୍ତା ନିର୍ବାଚନରେ ବିଜେଡି ପୁଣିଥରେ ଆସନ ଦଖଲ କରିବାକୁ ପ୍ରାଣପଣେ ଉଦ୍ୟମ ଜାରି ରଖିଛି। ଏଣେ କଂଗ୍ରେସ ଓ ଭାଜପା ମଧ୍ୟ ନିଜ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ତେଣୁ ଏଥର ତ୍ରିମୁଖୀ ଲଢେଇ ପାଇଁ ରଣକ୍ଷେତ୍ର ଅପେକ୍ଷା କରିଛି। ଏ ହି ନିର୍ବାଚନମଣ୍ଡଳୀର ବହୁ ସମସ୍ୟାର ସମାଧାନ ହୋଇଛି। ରାସ୍ତା ଘାଟ, ବିଦ୍ୟୁତ୍, ପାନୀୟ ଜଳ ଭଳି ଅନେକ କାମ ହୋଇଥିଲେ ମଧ୍ୟ ବହୁ ପ୍ରକଳ୍ପ ଏବେ ବି ସରିନି। ୪ ଆଦର୍ଶ ସ୍କୁଲ ପ୍ରତିଷ୍ଠା ସହିତ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇଛି ବୋଲି ଶାସକ ଦଳର ନେତାମାନେ ଦାବି କରିଛନ୍ତି। ହେଲେ ନିର୍ବାଚନ ସମୟରେ ବିକାଶକୁ ଗୁରୁତ୍ୱ ନ ଦେଇ ଲୋକଙ୍କ ସମସ୍ୟାକୁ ବିରୋଧୀ ମୁଖ୍ୟ ପ୍ରସଙ୍ଗ କରିବେ ବୋଲି ଜଣାପଡିଛି। ଏହି ନିର୍ବାଚନମଣ୍ଡଳୀର ପ୍ରାୟ ୫୫ ପ୍ରତିଶତ ଭୋଟର ଚଷା। ବାକି ୪୫ ପ୍ରତିଶତ ଅନ୍ୟାନ୍ୟ ଭୋଟର ରହିଛନ୍ତି। ତେଣୁ ଜାତି ଭିତ୍ତିକ ଭୋଟ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ବିଜେଡି ଓ କଂଗ୍ରେସ ଗତ କେତୋଟି ନିର୍ବାଚନରେ ସ୍ଥାନୀୟ ନେତୃତ୍ୱକୁ ଗୁରୁତ୍ୱ ଦେଇ ନ ଥିଲେ। ସମ୍ବଲପୁର ସହର କିମ୍ବା ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଏହି ଆସନ ପାଇଁ ସୁଯୋଗ ଦିଆଯାଇଥିଲା। ହେଲେ ଭାଜପା ସେହି ଧାରାରେ ବ୍ୟତିକ୍ରମ ଆଣିଥିଲା। ଉକ୍ତ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ସୁଯୋଗ ଦେଇଥିଲା। ଏହାର ପ୍ରଭାବ ଗତ ଜିଲା ପରିଷଦ ନିର୍ବାଚନରେ ଦେଖିବାକୁ ମିଳିଥିଲା। ମୋଟ ୭ ଜିଲା ପରିଷଦ ଆସନରୁ ୪ଟିରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବିଜେଡି ୩ରେ ସନ୍ତୁଷ୍ଟ ହୋଇଥିଲା। ତେଣୁ ଭାଜପାର ସ୍ଥିତିରେ ପରିବର୍ତ୍ତନ ହୋଇଥିବା ଏଥରୁ ସ୍ପଷ୍ଟ ହୋଇଛି। ସେହିପରି ପୂର୍ବରୁ ଏହି ନିର୍ବାଚନ ମଣ୍ଡଳୀ କଂଗ୍ରେସ ଗଡ଼ ଥିଲା। ଏବେ ବି କଂଗ୍ରେସର ବହୁ ପୁରୁଖା ସମର୍ଥକ ରହିଥିବାରୁ କଂଗ୍ରେସ ପ୍ରାର୍ଥୀ ଏଥର ଭଲ ପ୍ରଦର୍ଶନ କରିବେ ବୋଲି ସେହି ଦଳର କର୍ମୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି।

ଆଗାମୀ ନିର୍ବାଚନ ପାଇଁ ବିଜେଡି ଓ ଭାଜପାରେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା ୨ରେ ସୀମିତ ରହିଛି। ବିଧାୟକ ପୂଜାରୀଙ୍କ ସହ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଜେଡି ଜିଲା ସଭାପତି ଡ.ପ୍ରମୋଦ ରଥ, ଡାକ୍ତର ଲଲାଟେନ୍ଦୁ ନାୟକ, ପ୍ରଦୀପ ପ୍ରଧାନ, ଜୟଲାଲ ବେହେରା ଆଶାୟୀ ତାଲିକାରେ ଅଛନ୍ତି। ଆଶାୟୀମାନେ ବହୁଦିନରୁ ବିଭିନ୍ନ ଗ୍ରାମରେ ବୈଠକ ଜାରି ରଖିଛନ୍ତି। ହେଲେ କାହାକୁ ଟିକେଟ୍ ମିଳିବ ସେ ସଂକ୍ରାନ୍ତରେ କେହି ମୁହଁ ଖୋଲୁ ନାହାନ୍ତି। ସମସ୍ତଙ୍କ ମୁହଁରୁ ଗୋଟିଏ କଥା ଦଳ ସଭାପତି ନବୀନ ପଟ୍ଟନାୟକ ଯାହାକୁ ଟିକେଟ୍ ଦେବେ ସିଏ ନିର୍ବାଚନ ଲଢ଼ିବ। ଆମେ ତାଙ୍କୁ ସମର୍ଥନ କରିବୁ। ବିଧାୟକ ରୋହିତ ପୂଜାରୀ କହିଛନ୍ତି, ଟିକେଟ ଦେବା ଦଳର ସଭାପତିଙ୍କ ହାତରେ ରହିଛି। ହେଲେ ମୋ ନିର୍ବାଚନମଣ୍ଡଳୀର ବିକାଶ ଉପରେ ମୁଁ ଗୁରୁତ୍ୱ ଦେଇ ଆସିଛି। ଲୋକସମ୍ପର୍କ ଦୃଷ୍ଟିରୁ ମୋ ପ୍ରତି ଭୋଟରଙ୍କ ସମର୍ଥନ ରହିଛି। ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଏଥର ବିଧାନସଭା ନିର୍ବାଚନ ଲଢ଼ିବା ଲାଗି ମୁଁ କୌଣସି ଆଶା ରଖି ନାହିଁ। ଏ ସମ୍ପର୍କରେ ଦଳ ସଭାପତିଙ୍କ ସହ ବି ଆଲୋଚନା କରିନାହିଁ। ହେଲେ ରେଢ଼ାଖୋଲ ନିର୍ବାଚନମଣ୍ଡଳୀରେ ମୋର ପୁରୁଣା ସଙ୍ଗଠନ ଥିବାରୁ କର୍ମୀମାନେ ଟିକେ ଉତ୍ସାହିତ ଅଛନ୍ତି।

ସେହିପରି ଭାଜପା ପକ୍ଷରୁ ପ୍ରତାପ ପ୍ରଧାନ, ସମର ପ୍ରଧାନ, ସମ୍ବଲପୁର ସହର ବାସିନ୍ଦା ଗୋବିନ୍ଦ ଅଗ୍ରୱାଲ, ଦେବେନ୍ଦ୍ର ମହାପାତ୍ର, ରାଜକୁମାର ବଡପଣ୍ଡା ଆଶାୟୀ ଥିବା ଚର୍ଚ୍ଚା ହେଉଛି। ହେଲେ ଦଳ ନିଷ୍ପତ୍ତିକୁ ସମସ୍ତେ ଅପେକ୍ଷା କରିଛନ୍ତି। ଏବେ ଦଳ ଭଲ ସ୍ଥିତିରେ ଥିବାରୁ ଆମେ ବି ରଣନୀତିକୁ ଅଧିକ କ୍ରିୟାଶୀଳ କରିବୁ ବୋଲି ଦଳୀୟ କର୍ମୀମାନେ କହିଛନ୍ତି।

ଗୋବିନ୍ଦ ପ୍ରସାଦ ଅଗ୍ରୱାଲ କହିଛନ୍ତି, ଗତ ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରିଥିଲା। ପଞ୍ଚାୟତ ନିର୍ବାଚନରେ ସେଥିରେ ଅଧିକ ଉନ୍ନତି ଆସିଥିଲା। ରାଜ୍ୟ ସରକାର ଉପରେ ଲୋକଙ୍କ ଭରସା ନାହିଁ। ତେଣୁ ଏଥର ପରିବର୍ତ୍ତନ ହେବ। ଲୋକମାନଙ୍କ ସହ ସୁସମ୍ପର୍କ ରଖିଛି। ତେଣୁ ଦଳ ନିଶ୍ଚିତ ଭାବେ ମୋତେ ନିର୍ବାଚନ ଲଢିବାର ସୁଯୋଗ ଦେବ।

ଅନ୍ୟପକ୍ଷେ ପ୍ରଦେଶ କଂଗ୍ରେସ କମିଟି ପ୍ରଥମ ପର୍ଯ୍ୟାୟରେ ଆସଫ୍ ଅଲିଖାନ୍‌ଙ୍କ ନାମ ସୁପାରିସ କରିଥିବା ଶୁଣିବାକୁ ମିଳୁଛି। ହେଲେ ଯୁଯୁମୁରାର ଯୁବନେତା ବରୁଣ ଦେହୁରୀ ଟିକେଟ ପାଇଁ ଆଶାୟୀ ଅଛନ୍ତି। ସେ ବି ଆବେଦନ କରିଥିବା ଜଣାପଡିଛି। ସେ ସ୍କ୍ରିନିଂ କମିଟି ନିକଟରେ ନିଜ ମତାମତ ଉପସ୍ଥାପନ କରିବା ସହ ଜୋରସୋରରେ ଲବି ଆରମ୍ଭ କରିଛନ୍ତି। ତେବେ କଂଗ୍ରେସ ବଡ଼ପଣ୍ଡାମାନେ କାହା ମୁଣ୍ଡରେ ସୁନାକଳସ ଢ଼ାଳିବେ ତାହା ସମୟ କହିବ ବୋଲି କର୍ମୀମାନେ କହିଛନ୍ତି। ଏ ନେଇ ଆସଫ୍ ଅଲିଖାନ୍ କହିଛନ୍ତି, ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ସେହି ସମସ୍ୟା ନେଇ କଂଗ୍ରେସ ଲଢେଇ କରିବ। ସରକାରଙ୍କ ବିଫଳତାକୁ ଆୟୁଧ କରି ଭୋଟରଙ୍କୁ ଆକୃଷ୍ଟ କରାଯିବ। ମୁଁ ଟିକେଟ୍ ପାଇଁ ଆଶାବାଦୀ। ଦଳ ମୋ ଉପରେ ଆସ୍ଥା ପ୍ରକଟ କଲେ ମୁଁ ନିର୍ବାଚନ ଲଢ଼ିବି।




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରୋହିତ ପୂଜାରୀ | ୫୩,୮୪୯ |
| କଂଗ୍ରେସ | ଆସଫ୍ ଅଲିଖାନ୍ | ୪୧,୯୪୦ |
| ଭାଜପା | ପ୍ରତାପ ପ୍ରଧାନ | ୨୯,୫୪୪ |

**ମୋଟ ଭୋଟର ସଂଖ୍ୟା**
୧,୯୧,୬୫୧

**ପୁରୁଷ ଭୋଟର**
୯୭,୨୪୯

**ମହିଳା ଭୋଟର**
୯୪,୩୮୩

**ଅନ୍ୟାନ୍ୟ ଭୋଟର**
୧୯


ରୋହିତ ପୂଜାରୀ


ଆସଫ୍ ଅଲିଖାନ୍


ପ୍ରସନ୍ନ ଆଚାର୍ଯ୍ୟ


ଗୋବିନ୍ଦ ଅଗ୍ରୱାଲ




# ନୂଆମୁହଁ ଉପରେ ନଜର

**ମନୋଜ ନନ୍ଦ**
**ତାଳଚେର,୮।୩**

ଅନୁଗୋଳ ଜିଲାର ୫ ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ତାଳଚେର ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ। ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ଏହି ନିର୍ବାଚନମଣ୍ଡଳୀରେ ଖଣି ଖାଦାନ ଭରି ରହିଥିବାରୁ ଏଠାରେ ଶ୍ରମିକ ଓ କ୍ଷତିଗ୍ରସ୍ତମାନଙ୍କ ରାଜନୀତି ବିଶେଷ ଗୁରୁତ୍ୱ ରଖେ। ୨୦୦୯ରେ କଂଗ୍ରେସ ଟିକେଟ୍ ନ ଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବ୍ରଜ କିଶୋର ପ୍ରଧାନ ଏଠାରୁ ବିଜୟୀ ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ବିଜେଡିରେ ଯୋଗଦେବା ସହ ଦଳୀୟ ପ୍ରାର୍ଥୀ ଭାବେ ୨୦୧୪ରେ ପୁନର୍ବାର କ୍ଷମତା ଦଖଲ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ମଧ ବିଜେଡି ତାଙ୍କୁ ପ୍ରାର୍ଥୀ କରିବ ବୋଲି ସେ ଆଶା ରଖିଛନ୍ତି। ହେଲେ ଦୀର୍ଘ ବର୍ଷ କ୍ଷମତାରେ ରହି ବି ବିଧାୟକ ପ୍ରଧାନ ଏଠାକାର ପ୍ରମୁଖ ସମସ୍ୟା ନିଯୁକ୍ତି, ବିସ୍ଥାପନ, ଥଇଥାନ, ପ୍ରଦୂଷଣ ଓ ପାନୀୟ ଜଳର ସମାଧାନ କରିପାରି ନାହାନ୍ତି। ଏହାଛଡ଼ା ଗୋଷ୍ଠୀ ବିବାଦ ଓ ପଞ୍ଚାୟତ ନିର୍ବାଚନରେ ବିଫଳତା ତାଙ୍କ ଦୁର୍ବଳ ସଙ୍ଗଠନର ପରିଚୟ ଦେଉଥିବା କୁହାଯାଉଛି। ଏହାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ବେଳେ ଲୋକେ ସେମାନଙ୍କ ସମସ୍ୟା ସମାଧାନ ପାଇଁ ନୂଆ ମୁହଁ ଉପରେ ଭରସା କରିବାକୁ ଆଗ୍ରହ ରଖିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏହି ଆସନ ହାତେଇବାକୁ ଭାଜପା ଆଖେଇଥିବା ବେଳେ କଂଗ୍ରେସ ମଧ ପଛରେ ପଡ଼ିବାକୁ ଚାହୁଁନାହିଁ।

ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବର୍ତ୍ତମାନର ବିଧାୟକ ବ୍ରଜ କିଶୋର ପ୍ରଧାନ, ପାଲଲହଡା ବିଧାୟକ ମହେଶ ସାହୁ ଓ ପୂର୍ବତନ ବିଧାୟକ ରବି ପାଣିଙ୍କ ନିଜ ଘର। ୨୦୦୦ ଓ ୨୦୦୪ ନିର୍ବାଚନରେ ଏହି ଆସନକୁ ଭାଜପା ହାତେଇ ନେଇଥିଲା। ସେତେବେଳେ ଭାଜପାରେ ଥିବା ମହେଶ ସାହୁ ଏଠାରୁ ଦୁଇ ଦୁଇଥର ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇ ପାଲଲହଡ଼ା ରାଜନୀତିରେ ସକ୍ରିୟ ଅଛନ୍ତି। ହେଲେ ଆଗାମୀ ସାଧାରଣ ନିର୍ବାଚନ ଉପରେ ସଭିଙ୍କ ନଜର ରହିଛି। ବର୍ତ୍ତମାନର ବିଧାୟକ ବ୍ରଜ କିଶୋର ପ୍ରଧାନ, ମହେଶ ସାହୁ ଓ ରବି ପାଣି ଗୋଟିଏ ଦଳରେ ଥିଲେ ବି ସେମାନଙ୍କ ମଧ୍ୟରେ ବିବାଦ ଲାଗିରହିଛି। ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ତାଳଚେର ଓ କଣିହାଁ ବ୍ଲକ ଅଧ୍ୟକ୍ଷ ପଦ ହାତେଇ ଥିଲା। ଏହା ବିଜେଡି କର୍ମୀଙ୍କୁ ଯେତିକି ନିରୁତ୍ସାହିତ କରିଛି ଗୋଷ୍ଠୀ କନ୍ଦଳକୁ ସେତିକି ବଳ ଯୋଗାଇଛି। ସ୍ଥାନୀୟ ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଗ୍ରୁପିଜିମ୍, ବରିଷ୍ଠ କର୍ମୀଙ୍କୁ ଅଣଦେଖା, ନିର୍ଦ୍ଦିଷ୍ଟ କେତେଜଣ ମୁଷ୍ଟିମେୟଙ୍କ ଦ୍ୱାରା ବ୍ୟବସାୟିକ କାରବାର ଯୋଗୁ ଦଳୀୟ କର୍ମୀଙ୍କ ମନରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ବ୍ଲକ ସଭାପତିଙ୍କ ସମେତ ଅନେକ ଟାଣୁଆ କର୍ମୀ ବିଧାୟକଙ୍କଠାରୁ ଦୂରେଇ ଯାଇଛନ୍ତି। ଦଳର ଅନ୍ୟତମ ନେତା ଇଂ. ମନୋଜ ପ୍ରଧାନ ତାଳଚେର ଖଣି ଖାଦାନ କ୍ଷତିଗ୍ରସ୍ତ ପ୍ରଜା ସଂଘ ନାମରେ ଦୀର୍ଘଦିନ ହେଲା ଏକ ସମାନ୍ତରାଳ ସଙ୍ଗଠନ ଚଳାଇ ବ୍ରଜଙ୍କୁ ଚେକ୍ ଦେବାକୁ ଉଦ୍ୟମ ଚଳାଇଛନ୍ତି। ଏହା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ବିଜୁ କୃଷକ ଜନତା ଦଳ ଜିଲା ସଭାପତି ଦାୟିତ୍ୱ ବ୍ରଜଙ୍କ ଉପରେ ଦେଇଥିବାରୁ ଟିକେଟ ପାଇବାକୁ ସେ ଗଭୀର ଆଶାବାଦୀ ଅଛନ୍ତି। ତାଙ୍କ ବ୍ୟତୀତ ବିଜେଡିରୁ ରବି ପାଣି, ମାନସ ଆଚାର୍ଯ୍ୟ, ବ୍ଲକ ସଭାପତି ନିରଞ୍ଜନ ପ୍ରଧାନଙ୍କ ସ୍ତ୍ରୀ ଅନୁପମା ପ୍ରଧାନ ଓ ଇଂ. ମନୋଜ ପ୍ରଧାନ ଟିକେଟ୍ ଆଶାୟୀଙ୍କ ତାଲିକାରେ ରହିଛନ୍ତି।

ଏ ସମ୍ପର୍କରେ ବ୍ରଜ କହିଛନ୍ତି, ଖଣି କ୍ଷତିଗ୍ରସ୍ତଙ୍କ ସମସ୍ୟା ସହିତ ଅଞ୍ଚଳବାସୀଙ୍କ ବିଭିନ୍ନ ଅଭାବ ଅସୁବିଧା ଦୂର କରିବାକୁ ଉଦ୍ୟମ କରିଛି। ଦଳର ରାଜ୍ୟ ସଭାପତି ଯାହା ନିର୍ଦ୍ଦେଶ ଦେବେ ତାହାକୁ କାର୍ଯ୍ୟକାରୀ କରିବି। ରବି ପାଣି କହିଛନ୍ତି, ସ୍ଥାନୀୟ ଅଧିବାସୀ ହୋଇଥିବା ବେଳେ ଦୀର୍ଘଦିନ ଧରି ଦଳରେ ଅଛି। ତେଣୁ ଟିକେଟ୍ ପାଇଁ ସେ ଆଶାୟୀ ଥିବା କହିଛନ୍ତି। ମାନସ ଆଚାର୍ଯ୍ୟ କହିଛନ୍ତି, ଦଳରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରି ଆସିଛି। ବ୍ଲକ ଅଧ୍ୟକ୍ଷ ପରେ ଏବେ ଛେଣ୍ଡିପଦାର ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଉଛି। ଟିକେଟ ପାଇଁ ଆବେଦନ କରିଛି। ଅନୁପମା ପ୍ରଧାନ କହିଛନ୍ତି, ଜିଲା ପରିଷଦ ସଭ୍ୟା ଭାବେ ତାଳଚେରରୁ ନିର୍ବାଚିତ ହୋଇଛି। ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନୀତି ମୁଖ୍ୟମନ୍ତ୍ରୀ ଲାଗୁ କରିବା ପରେ ଟିକେଟ ପାଇଁ ଆଶା ବାନ୍ଧିଛି।

ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପରି ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ତାଳଚେରକୁ କବ୍‌ଜା କରିବାକୁ ଆଶା ବାନ୍ଧିଛି। ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଥିବା ଜନ ଅସନ୍ତୋଷ, କଂଗ୍ରେସର ଦୁର୍ବଳ ସଙ୍ଗଠନ ଓ ସର୍ବୋପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳରେ ଦଳ ସଫଳତା ସାଉଣ୍ଟିବା ଯୋଜନାରେ ରହିଛି। ଭାଜପାର କାଳନ୍ଦୀ ସାମଲ ପୂରାଦମ୍‌ରେ ସଙ୍ଗଠନକୁ ଆଗକୁ ନେବାକୁ ଚେଷ୍ଟା ଜାରି ରଖିଛନ୍ତି। ଭାଜପାରୁ କାଳନ୍ଦୀଙ୍କ ନାମ ପ୍ରାର୍ଥୀ ପାଇଁ ଚୂଡ଼ାନ୍ତ ବୋଲି କୁହାଯାଉଥିଲେ ହେଁ ବିରଞ୍ଚି ସାହୁଙ୍କ ସମେତ ଅନେକ ଆଶାୟୀ ନିଜ ନିଜ ଢଙ୍ଗରେ ଅଙ୍କ କଷି ଚାଲିଛନ୍ତି। ଏ ନେଇ କାଳନ୍ଦୀ କହିଛନ୍ତି, ଗତଥର ନିର୍ବାଚନ ଲଢ଼ିଥିଲି। ଦଳ ଯାହା ଦାୟିତ୍ୱ ଦେଇଛି ତାହା ନିଷ୍ଠାର ସହ କରି ଆସିଛି। ପାର୍ଟିର ନିଷ୍ପତ୍ତି ମୋ ନିଷ୍ପତ୍ତି।

କଂଗ୍ରେସରୁ ଜିଲା କାର୍ଯ୍ୟକାରୀ ସଭାପତି ସୁରେଶ ବେହେରା, ରାଜକିଶୋର ସାହୁ, ଇଂ. ବିଷ୍ଣୁମୋହନ ରଥ, ପ୍ରଫୁଲ୍ଲ ଦାସ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗମ୍ବର ଗଡନାୟକଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଦଳର ରାଜ୍ୟ ମହିଳା ସଭାନେତ୍ରୀ ସସ୍ମିତା ବେହେରା ଗତଥର ଏଠାରୁ ପ୍ରାଥୀ ହୋଇଥିଲେ ବି ଏଥର ଛେଣ୍ଡିପଦାରୁ ଲଢ଼ିବେ ବୋଲି ଶୁଣା ଯାଉଛି। ଏ ସମ୍ପର୍କରେ ସୁରେଶ ବେହେରା କୁହନ୍ତି, ତାଳଚେରର ଅନେକ ସମସ୍ୟା ରହିଛି। ଅଞ୍ଚଳବାସୀଙ୍କ ସେବା କରିବା ପାଇଁ ସୁଯୋଗ ମିଳିବ ବୋଲି ଆଶା କରୁଛି। ଇଂ. ବିଷ୍ଣୁମୋହନ ରଥ କହିଛନ୍ତି, ତାଳଚେରର ବିଭିନ୍ନ ସମସ୍ୟା ସହ ଦୀର୍ଘଦିନ ଧରି ଜଡିତ ଅଛି। ଦଳ ଯାହା ନିଷ୍ପତ୍ତି ନେବ ତାହା ନିଶ୍ଚିତ ଭଲ ହେବ। କେଶବ ଭୂତିଆ କହିଛନ୍ତି, ୨୩ବର୍ଷ ହେଲା ଲୋକଙ୍କ ସମସ୍ୟା ନେଇ ଲଢ଼େଇ ଜାରି ରଖିଛି। ଏତେ ଦିନ ଦଳରେ ରହିବା ପରେ ଟିକେଟ ଆଶା କରିବା ସ୍ୱାଭାବିକ। ରାଜ କିଶୋର ସାହୁ କହିଛନ୍ତି, ୧୯୯୪ରୁ ଲୋକଙ୍କ ପାଇଁ କାମ କରି ଆସୁଛି। ଏଥର ଟିକେଟ ମିଳିଲେ ଲୋକଙ୍କ ଅଧିକ ସେବା କରିପାରିବି।

**ନିର୍ବାଚନମଣ୍ଡଳୀର ରୂପରେଖ**

ତାଳଚେର ମ୍ୟୁନିସିପାଲିଟିର ୨୧ ୱାର୍ଡ, ତାଳଚେର ବ୍ଲକର ୨୧ ପଞ୍ଚାୟତ ଓ କଣିହାଁ ବ୍ଲକର ୮ ପଞ୍ଚାୟତକୁ ନେଇ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଗତ ଜାନୁୟାରୀ ସୁଦ୍ଧା ଏଠାରେ ମୋଟ୍ ମତଦାତାଙ୍କ ସଂଖ୍ୟା ୧ ଲକ୍ଷ ୭୫ ହଜାର ୮୫୬। ସେଥିରୁ ମହିଳା ଭୋଟର ହେଲେ ୮୨ ହଜାର ୨୦୧ ଓ ପୁରୁଷ ଭୋଟର ସଂଖ୍ୟା ୯୩ ହଜାର ୬୨୮।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ବ୍ରଜ କିଶୋର ପ୍ରଧାନ | ୫୬,୪୬୫ |
| ଭାଜପା | କାଳନ୍ଦୀ ସାମଲ | ୪୨,୧୪୩ |
| କଂଗ୍ରେସ | ସସ୍ମିତା ବେହେରା | ୧୪,୩୯୬ |


ବ୍ରଜ କିଶୋର ପ୍ରଧାନ


କାଳନ୍ଦୀ ସାମଲ


ରବି ପାଣି


ରାଜ କିଶୋର ସାହୁ


ଇଂ. ବିଷ୍ଣୁମୋହନ ରଥ

## ସଂକ୍ଷେପରେ

### ବିଜେଡି ଛାଡ଼ି ଭାଜପା ଆସିଲେ କୋରାପୁଟର ଦୁଇ ନେତା

**ଭୁବନେଶ୍ୱର,୮।୩ (ବ୍ୟୁରୋ):** କୋରାପୁଟ ଜିଲା ବିଜେଡି ଉପସଭାପତି ଏବଂ ମ୍ୟୁନିସିପାଲିଟି ଭାଇସ୍ ଚେୟାରମ୍ୟାନ ବିଜେଡି ଛାଡି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। କୋରାପୁଟ ଜିଲା ସଭାପତି ବିଜୟ ମିଶ୍ରଙ୍କ ନେତୃତ୍ୱରେ ତ୍ରିପୁରାରୀ ଗରଡା ଏବଂ ସଞ୍ଜୁଲତା ରାଉତ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ଦଳ ନେତା କେ.ଭି. ସିଂହଦେଓ ଓ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗୀ ଦୁଇ ନେତାଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ସେମାନଙ୍କୁ ଭାଜପାରେ ସାମିଲ କରାଇଛନ୍ତି। କନକ ବର୍ଦ୍ଧନ ସମ୍ପତ୍ରାୟଙ୍କୁ ସ୍ୱାଗତ କରିବା ସହ ସାଧୁବାଦ ଜଣାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ଦଳ ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ସାମିଲ ହୋଇଛନ୍ତି ବୋଲି ମତ ରଖିଛନ୍ତି। ଏହାସହ ଭାଜପା ଏକମାତ୍ର ବିକଳ୍ପ ବୋଲି ସେମାନେ କହିବା ସହ ବିଜେଡି ଦଳର ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାର ଲିପ୍ତ ବୋଲି ଅଭିଯୋଗ କରିଛନ୍ତି।

### ଅବସରପ୍ରାପ୍ତ ଅଧିକାରୀଙ୍କୁ ଥଇଥାନ କରିବାକୁ ସରକାରଙ୍କ ମସୁଧା

**ଭୁବନେଶ୍ୱର,୮।୩(ବ୍ୟୁରୋ):** ଶାସନ ବ୍ୟବସ୍ଥା ସୁଦୃଢ଼ ଏବଂ ସଂଘୀୟ ଢାଞ୍ଚାରେ ପରିଚାଳିତ ହେବା ପାଇଁ କେତେକ ଅନୁଷ୍ଠାନ ସୃଷ୍ଟି କରାଯାଇଥାଏ। ଏହି ଅନୁଷ୍ଠାନ ନିରପେକ୍ଷତା ବଜାୟ ରଖି ସାମାଜିକ ସ୍ୱାର୍ଥକୁ ଗୁରୁତ୍ୱ ଦେବାର ନିୟମ ରହିଛି। ହେଲେ ଏପରି ସଂସ୍ଥାଗୁଡିକର ମୁଖ୍ୟ ପଦବୀ ରାଜନୈତିକ ଉଦ୍ଦେଶ୍ୟ ରଖି ନିଯୁକ୍ତି କରାଯିବାର ଅନେକ ନଜିର ରହିଛି ଯାହା ସାଧାରଣରେ ସରକାରଙ୍କୁ ସମାଲୋଚିତ କରିଥାଏ। କିଛି ବର୍ଷ ଧରି ଲୋକାୟୁକ୍ତ ନିଯୁକ୍ତି ନେଇ ରାଜନୀତି ଜୋର ଧରିଥିଲା। ନିକଟରେ ରାଜ୍ୟ ସରକାର ଏହାକୁ ପୂରଣ କରିଛନ୍ତି। ସେହିପରି ନିକଟରେ ସୂଚନା କମିଶନର ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରହିଛି। ଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସରକାର ଜଣେ ଅବସରପ୍ରାପ୍ତ ପ୍ରଶାସକଙ୍କୁ ଏହି ପଦବୀରେ ଅବସ୍ଥାପିତ କରିବାକୁ ଚାହୁଁଛନ୍ତି। ତେଣୁ ଏହି ପଦବୀ ହାତେଇବା ପାଇଁ ଏକରକମ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ସୂଚନା ଅଧିକାର ଆଇନ ମୁତାବକ ସରକାର ୧୦ ଜଣଙ୍କୁ କମିଶନର ଭାବେ ନିଯୁକ୍ତି ଦେଇପାରିବେ। ହେଲେ ଖର୍ଚ୍ଚ କାଟ ଆଳ ଦେଖାଇ ୩ ଜଣରେ କାମ ଚଳାଯାଉଛି। ଏହି ୩ ପଦବୀ ମଧ୍ୟରୁ ଗୋଟିଏ ପଦବୀ ଖାଲି ରହିଛି। ଅପରପକ୍ଷରେ ସୂଚନା କମିଶନ ନିକଟରେ ଦିନକୁ ଦିନ ମାମଲା ବୃଦ୍ଧି ପାଇବାରେ ଲାଗିଛି। ହେଲେ ସେହି ପରିମାଣରେ ନିଯୁକ୍ତି ଏବଂ ତ୍ୱରିତ ପ୍ରକ୍ରିୟା ଦେଖିବାକୁ ମିଳୁନାହିଁ। ଜନୈକ ଅଧିକାରୀଙ୍କ ସୂଚନା ଅନୁଯାୟୀ ଉକ୍ତ ପଦବୀ ପାଇଁ ଆବେଦନକାରୀଙ୍କ ତାଲିକା ମଧ୍ୟରୁ କିଛି ନାମ ବଛାଯାଇ ସାରିଛି। କେତେଜଣଙ୍କୁ ଶେଷ ପର୍ଯ୍ୟାୟରେ ତାଲିକାଭୁକ୍ତ କରାଯାଇଛି। ଏହି ତାଲିକାରେ ୫ଜଣ ଅବସରପ୍ରାପ୍ତ ପ୍ରଶାସକ ରହିଥିବା ଜଣାପଡିଛି।

# ଏସ୍‌ସିବି ପାଥୋଲୋଜି ବିଭାଗରେ ଅଗ୍ନିକାଣ୍ଡ

■ ସାଇଟୋଲୋଜି ୟୁନିଟ୍ ପୋଡ଼ି ପାଉଁଶ
■ ତଦନ୍ତ ପାଇଁ ୭ ଜଣିଆ କମିଟି

**କଟକ ଅଫିସ, ୮।୩**

ଏସ୍‌ସିବି ମେଡିକାଲ ପାଥୋଲୋଜି ବିଭାଗର ସାଇଟୋଲୋଜି ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଛି। ୟୁନିଟ୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ତେବେ ଅଗ୍ନିକାଣ୍ଡ କେଉଁ ସମୟରେ ଓ କେମିତି ଘଟିଲା ତାହା ଜଣାପଡ଼ିନାହିଁ। ଶୁକ୍ରବାର ସକାଳ ୯ଟାରେ ସାଇଟୋଲୋଜି ୟୁନିଟ୍ ଖୋଲିବା ବେଳକୁ ନିଆଁ ଲାଗିଥିବା କର୍ମଚାରୀମାନେ ଦେଖିଥିଲେ। ସେତେବେଳକୁ ଉକ୍ତ ଘରଟି ଧୂଆଁରେ ଭର୍ତ୍ତି ହୋଇଯାଇଥିବା ବେଳେ ୟୁନିଟ୍ ଭିତରେ ଥିବା ଯନ୍ତ୍ରାଂଶ, ଟେବୁଲ, ଚେୟାର ଆଦି ଜଳିଯାଇଛି। କର୍ମଚାରୀମାନେ ତୁରନ୍ତ ଏ ସମ୍ପର୍କରେ ମେଡିକାଲ ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟକୁ ଫୋନ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଶନିବାରଠାରୁ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ତଦନ୍ତ କରାଯିବ ବୋଲି ଏସ୍‌ସିବି ଅଗ୍ନିଶମ କେନ୍ଦ୍ରର ଷ୍ଟେଶନ ଅଫିସର ନଟବର ନାୟକ କହିଛନ୍ତି। ଏସିରୁ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଥିବା ଜିଇଡି କନିଷ୍ଠ ଯନ୍ତ୍ରୀ ଶିଖା ଦାସ କହିଛନ୍ତି। କାରଣ ଗୁରୁବାର ରାତିସାରା ଉକ୍ତ ୟୁନିଟ୍‌ରେ ଏସି ଚାଲିଥିବାରୁ ଏଭଳି ଘଟଣା ଘଟିଥିବା ଦାସ କହିଛନ୍ତି। ଉକ୍ତ ୟୁନିଟ୍‌ରେ ୫ଟି ସ୍ପ୍ଲିଟ୍ ଓ ଗୋଟିଏ ଉଇଣ୍ଡୋ ଏସି ରହିଛି। ଯେହେତୁ ସମସ୍ତ ଏସିର ଇନ୍‌ଡୋର ୟୁନିଟ୍‌ଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି। ତେଣୁ ଏସିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।


ଜଳିଯାଇଥିବା ଯନ୍ତ୍ରପାତି ଓ ଆସବାବପତ୍ର।

ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବିଭାଗର ଏମ୍‌ସିବି (ମିନିଏଚର ସର୍କିଟ ବ୍ରେକର) ଟ୍ରିପ କରିଯିବାରୁ ବାକି ୟୁନିଟ୍‌ଗୁଡ଼ିକ ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ସେହିପରି ସାଇଟୋଲୋଜି ୟୁନିଟ୍ ଭିତରେ ପରୀକ୍ଷା ନିରୀକ୍ଷା ନିମନ୍ତେ ୨୦ ଲିଟର ପାଖାପାଖି ଜ୍ୱଳନ ଲିକ୍ୱିଡି ଥିବାବେଳେ ଏକ କାଠ ଟେବୁଲ ଉପରେ ଗୋଟିଏ ହିଟର ମଧ୍ୟ ରହିଥିଲା। ସୌଭାଗ୍ୟବଶତଃ ଉକ୍ତ ଜ୍ୱଳନ ଲିକ୍ୱିଡ ସହିତ ଅଗ୍ନି ସଂଯୋଗ ହୋଇନାହିଁ। ନଚେତ୍ ପରିଣାମ ଅଧିକ ଭୟାବହ ହୋଇଥାନ୍ତା।

ଉକ୍ତ ୟୁନିଟ୍‌ରେ କେତେ ପରିମାଣର ଯନ୍ତ୍ରାଂଶ ଥିଲା ଓ ସେଥିରୁ କେତେ ନଷ୍ଟ ହୋଇଛି ତାହାର କୌଣସି ତଥ୍ୟ ଅଦ୍ୟାବଧି ମିଳି ନ ଥିବା ଏସ୍‌ସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ଘଟଣାର ତଦନ୍ତ ନିମନ୍ତେ ମେଡିକାଲ ପକ୍ଷରୁ ଏକ ୭ ଜଣିଆ କମିଟି ଗଠନ କରାଯାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପ୍ରଶାସନିକ ଅଧିକାରୀ ବେହେରା, ଅଣୁଜୀବ ବିଜ୍ଞାନର ମୁଖ୍ୟ ପ୍ରଫେସର ନିରୁପମା ଚୟନୀ, ସାମାଜିକ ପ୍ରତିଷେଧକ ଭେଷଜ ବିଭାଗର ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ଗିରି, ପାଥୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଅସରନ୍ତି କର, ମେଡିକାଲ ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ଓ ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସଦସ୍ୟ ରହିଛନ୍ତି। ୭ ଦିନ ମଧ୍ୟରେ ଉକ୍ତ କମିଟି ଅଗ୍ନିକାଣ୍ଡର କାରଣ ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦେବ ବୋଲି ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି। ରିପୋର୍ଟକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏସ୍‌ସିବିରେ ଅଗ୍ନିକାଣ୍ଡ କିଛି ନୂଆ କଥା ନୁହେଁ। ଏଥିପୂର୍ବରୁ ପ୍ଲାଷ୍ଟିକ୍ ସର୍ଜରି, କାର୍ଡିଓଲୋଜି ବିଭାଗ ସମେତ ସେଣ୍ଟ୍ରାଲ ଆଇସିୟୁରେ ମଧ୍ୟ ଅଗ୍ନିକାଣ୍ଡ ଭଳି ଘଟଣା ଘଟିଛି। ପ୍ରତ୍ୟେକ ଅଗ୍ନିକାଣ୍ଡର କାରଣ ଶର୍ଟସର୍କିଟ ଜନିତ ବୋଲି ପରବର୍ତ୍ତୀ ଅବସ୍ଥାରେ କୁହାଯାଇଥାଏ। ତେବେ ମେଡିକାଲ ଭଳି ଏକ ସମ୍ବେଦନଶୀଳ ଜାଗାରେ ବାରମ୍ବାର ଶର୍ଟସର୍କିଟ ଘଟିବା ଓ ଏଥିପାଇଁ ବହୁ ମୂଲ୍ୟର ସମ୍ପତ୍ତି ନଷ୍ଟ ହେବା ନେଇ କାହାରିକୁ ଦୋଷାରୋପ କରାଯାଉନାହିଁ କିମ୍ବା ସ୍ଥାୟୀ ପ୍ରତିକାର ମଧ୍ୟ କରାଯାଉ ନାହିଁ।

## 'କଳଙ୍କ'ରେ ଆଲିଆଙ୍କ ନୂଆ ଚାହାଣି

**ମୁମ୍ବାଇ:** ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଫିଲ୍ମ ନିର୍ମାତା କରନ୍ ଜୋହର ଆଗାମୀ ପିରିୟଡ ଡ୍ରାମା 'କଳଙ୍କ'ରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ନୂଆ ଚାହାଣି ଅନାବରଣ କରିଛନ୍ତି। ଏହି ଫିଲ୍ମରେ ଆଲିଆଙ୍କ ଚରିତ୍ର (ରୂପ୍) ଉପରେ ବର୍ଣ୍ଣନା କରି ସହ-ପ୍ରଯୋଜକ କରନ୍ ସୋସିଆଲ ମିଡିଆରେ ଲେଖିଛନ୍ତି, ତାଙ୍କୁ ଭଲ ପାଇବା ଅର୍ଥ ନିଆଁକୁ ଭଲ ପାଇବା। ଏଥିସହିତ ସେ ଏକ ପୋଷ୍ଟର ମଧ୍ୟ ଶେୟାର କରିଛନ୍ତି। ଯେଉଁଥିରେ ଆଲିଆ ନାଲି ଓଢ଼ଣା ତଳେ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାର ପିନ୍ଧି ଏକ ରାଜକୀୟ ଠାଣିରେ ପୋଜ୍ ଦେଉଛନ୍ତି। ଏହି ଫିଲ୍ମର ଅନ୍ୟତମ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ନେନେ ଆଲିଆଙ୍କ ଚାହାଣି ଶେୟାର କରିବା ସହିତ ତାଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। କେବଳ ମାଧୁରୀ ନୁହନ୍ତି, ଅନ୍ୟ ସହ-ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଏବଂ ଆଦିତ୍ୟ ରଏ କପୁର ଆଲିଆଙ୍କ ଚରିତ୍ର ସମ୍ପର୍କରେ ଚର୍ଚ୍ଚା କରିଛନ୍ତି। ସୋନାକ୍ଷୀ କହନ୍ତି, 'ରୂପ୍ ହେଉଛନ୍ତି



ମୁକ୍ତ, କେବଳ ପ୍ରେମରେ ବନ୍ଧା।' ଗୁରୁବାର ଉକ୍ତ ଟିମ୍ ଫିଲ୍ମର ପୁରୁଷ ଅଭିନେତା ବରୁଣ ଧାୱନ (ଜାଫର), ଆଦିତ୍ୟ(ଦେବ୍ ଚୌଧୁରୀ) ଏବଂ ସଞ୍ଜୟ ଦତ୍ତ (ବାଲ୍‌ରାଜ ଚୌଧୁରୀ)ଙ୍କ ଚରିତ୍ର ଅନାବରଣ କରିଥିଲା। ଅଭିଷେକ ବର୍ମନଙ୍କ ନିର୍ଦ୍ଦେଶିତ 'କଳଙ୍କ' ଏପ୍ରିଲ ୧୯ରେ ରିଲିଜ ହେବାର ଅଛି।

# ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ବଢ଼ିଲା

**ଫେବୃୟାରୀରୁ ଲାଗୁ**
■ ପେନ୍‌ସନ ୩୦୦ରୁ ୫୦୦
■ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫୦୦ରୁ ୭୦୦
■ ଝିଅ ବାହାଘର ପାଇଁ ୫୦ ହଜାର
■ ସ୍ୱାଭାବିକ ମୃତ୍ୟୁ ୨ ଲକ୍ଷ, ଦୁର୍ଘଟଣା ମୃତ୍ୟୁ ପାଇଁ ୪ ଲକ୍ଷ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ପାଚିକା, ସରକାରୀ କର୍ମଚାରୀ, ଶିକ୍ଷକ, କେନ୍ଦୁପତ୍ର ତୋଳାଳି, ପୌର କର୍ମଚାରୀଙ୍କ ଭଳି ନିର୍ମାଣ ଶ୍ରମିକମାନଙ୍କୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ଶ୍ରମିକମାନଙ୍କ ପାଇଁ ପେନସନ ଓ ବିଭିନ୍ନ ସହାୟତା ରାଶି ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକ ଯୋଜନାରେ ହିତାଧିକାରୀମାନେ ପୂର୍ବରୁ ମାସିକ ୩୦୦ ଟଙ୍କା ପେନସନ ପାଉଥିବା ବେଳେ ଏହାକୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ପେନସନ ପରିମାଣ ୫୦୦ ଟଙ୍କାରୁ ୭୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ପେନସନ ୨୦୧୯ ଫେବୃୟାରୀରୁ ଲାଗୁ ହେବ।

ସେହିପରି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକମାନଙ୍କ ପାଇଁ ବିବାହ ଓ ମୃତ୍ୟୁ ସହାୟତାରେ ମଧ୍ୟ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକମାନେ ସେମାନଙ୍କ ଝିଅ ବାହାଘର ପାଇଁ (ସର୍ବାଧିକ ୨ଟି ଝିଅ) ପୂର୍ବରୁ ସହାୟତା ରାଶି ୨୫ ହଜାର ଟଙ୍କା ଥିବା ବେଳେ ଏହି ପରିମାଣକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ସ୍ୱାଭାବିକ ଭାବେ ମୃତ୍ୟୁ ହେଲେ ସହାୟତା ପରିମାଣକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପୂର୍ବରୁ ଦିଆଯାଉଥିବା ସହାୟତା ପରିମାଣ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟରେ କେତେ ନିର୍ମାଣ ଶ୍ରମିକ ଅଛନ୍ତି ତାହାର ତାଲିକା ସରକାରଙ୍କ ପାଖରେ ନାହିଁ। ଶ୍ରମିକମାନଙ୍କର ଗଣନା ମଧ୍ୟ ଏ ପର୍ଯ୍ୟନ୍ତ ହୋଇ ନାହିଁ। ଯେଉଁମାନେ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକୃତ କରିଛନ୍ତି ସେମାନଙ୍କୁ ଏହି ସୁବିଧା ସୁଯୋଗ ମିଳିବ।

## ଯୁକ୍ତ୨ ପରୀକ୍ଷା
### ଓଡ଼ିଆରେ କପିକରି ଧରାପଡ଼ିଲେ ୩୦

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ଯୁକ୍ତ୨ ପରୀକ୍ଷାର ଦ୍ୱିତୀୟ ଦିନରେ ୩୦ଜଣ ପରୀକ୍ଷାର୍ଥୀ କପିକରି ଧରାପଡ଼ିଛନ୍ତି। ଶୁକ୍ରବାର ଯୁକ୍ତ୨ କଳାର ମାତୃଭାଷା (ଓଡ଼ିଆ) ପରୀକ୍ଷା ଥିଲା। ଏଥିରେ କପିକରି ଧରାପଡ଼ିଥିବା ୩୦ଜଣଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ମାଲ୍‌ପ୍ରାକ୍ଟିସ୍ (ଏମ୍‌ପି) କରାଯାଇଛି ବୋଲି ପରିଷଦ ଉପାଧ୍ୟକ୍ଷ ପ୍ରବୋଧ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ଚଳିତବର୍ଷ ପରୀକ୍ଷା ସୁପରିଚାଳନା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରଥମ ଦିନ ପରେ ଦ୍ୱିତୀୟ ଦିନରେ ବି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଭୁବନେଶ୍ୱର ଓ ଏହାର ନିକଟବର୍ତ୍ତୀ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ବୁଲି ଦେଖିଛନ୍ତି। ଶନିବାର ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟର ଇଂଲିଶ ବିଷୟ ପରୀକ୍ଷା ରହିଛି।

## ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା: ଏନ୍‌ଜିଟିଙ୍କ ଉଦ୍‌ବେଗ
# କ'ଣ ପଦକ୍ଷେପ ନେଇଛ ଜଣାଅ

■ ୨୬ରେ ଆକ୍ସନ ଟେକେନ୍ ରିପୋର୍ଟ ଦେବେ ରାଜ୍ୟ ସରକାର
■ ୨୬ ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ
■ ବ୍ରହ୍ମପୁର ସହର ସ୍ୱେରେଜ ପାଇଁ ୬୮୦ କୋଟିର ବ୍ୟୟ ବରାଦ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ସହରାଞ୍ଚଳରେ ପାଇଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ସିଧା ନଦୀ, ନାଳ କିମ୍ବା ହ୍ରଦକୁ ଖୋଲାରେ ଛାଡ଼ି ଦିଆଯାଉଛି। ଫଳରେ ଜଳାଶୟଗୁଡିକ ଅତିମାତ୍ରାରେ ପ୍ରଦୂଷିତ ହେଉଛି। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷ କରି ସହରାଞ୍ଚଳରେ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ଆସନ୍ତା ୨୬ ତାରିଖ ସୁଦ୍ଧା ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟ ଶାସନ ସଚିବ ଏନ୍‌ଜିଟିରେ ସହରାଞ୍ଚଳ ନଦୀ ଜଳ ପ୍ରଦୂଷଣ ରୋକିବାକୁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବେ।

ଏନ୍‌ଜିଟି ନିର୍ଦ୍ଦେଶ ପରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ସଚିବାଳୟଠାରେ ଶୁକ୍ରବାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ନେଇ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏନ୍‌ଜିଟିରେ ହାଜର ହେବା ପୂର୍ବରୁ ପାଇଖାନା ବର୍ଜ୍ୟବସ୍ତୁ ପରିଚାଳନା ନେଇ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ତର୍ଜମା କରାଯାଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଅମୃତ ଯୋଜନାରେ କଟକ, ଭୁବନେଶ୍ୱର, ସମ୍ବଲପୁର ଏବଂ ରାଉରକେଲାରେ ସ୍ୱେରେଜ କାର୍ଯ୍ୟ ଚାଲୁରହିଛି। ବ୍ରହ୍ମପୁର ମହାନଗରରେ ସ୍ୱେରେଜ କାର୍ଯ୍ୟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୬୮୦ କୋଟି ଟଙ୍କର ବ୍ୟୟ ବରାଦ କରାଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ଡକାଯିବ। ଭୁବନେଶ୍ୱରରେ ନିର୍ମାଣାଧୀନ ସ୍ୱେରେଜ କାର୍ଯ୍ୟ ଆସନ୍ତା ୨୦୨୨ ସୁଦ୍ଧା ଶେଷ ହେବ। ଟେଣ୍ଡର ନେଉଥିବା ସଂସ୍ଥାଗୁଡିକ ଅଧାରୁ କାର୍ଯ୍ୟ ଛାଡି ଦେଉଥିବାରୁ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଛି ବୋଲି ସ୍ୱେରେଜ ବୋର୍ଡର ଜଣେ ଅଧିକାରୀ କହିଛନ୍ତି।

ଅନ୍ୟପକ୍ଷରେ ୫ ମହାନଗର ନିଗମ ବ୍ୟତୀତ ଅନ୍ୟ ସହରରେ ପାଇଖାନା ବର୍ଜ୍ୟଜଳକୁ ପରିଚାଳନା କରି ବ୍ୟବହାର ଉପଯୋଗୀ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ୨୬ଟି ସହରାଞ୍ଚଳରେ ନିର୍ମାଣ ହେବ ସେପ୍ଟି ଟ୍ୟାଙ୍କ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ। ଏଥିପାଇଁ ପ୍ରତ୍ୟେକ ପ୍ଲାଣ୍ଟ ପିଛା ୨ରୁ ୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ। ପର୍ଯ୍ୟାୟ କ୍ରମେ ୧୧୪ଟି ସହରାଞ୍ଚଳରେ ଏହି ଟାଙ୍କି ନିର୍ମାଣ କରାଯିବ ବୋଲି ନଗର ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ବୈଜୟନ୍ତଙ୍କୁ ଭାଜପାର ରାଷ୍ଟ୍ରୀୟ ଉପସଭାପତି, ମୁଖପାତ୍ର ଦାୟିତ୍ୱ

**ଭୁବନେଶ୍ୱର, ୮।୩ (ବ୍ୟୁରୋ)**

କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ତଥା ବିଜେଡିରୁ ବହିଷ୍କୃତ ନେତା ବୈଜୟନ୍ତ ପଣ୍ଡାଙ୍କୁ ଭାଜପା କେନ୍ଦ୍ରୀୟ ନେତା ଅଧିକ ବିଶ୍ୱାସକୁ ନେଇଛନ୍ତି। ଶୁକ୍ରବାର ବୈଜୟନ୍ତଙ୍କୁ ଭାଜପା ରାଷ୍ଟ୍ରୀୟ ଉପସଭାପତି ଦାୟିତ୍ୱ ସହ ଦଳର ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ତାଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି। ଗତ ସୋମବାର ବୈଜୟନ୍ତ ଦିଲ୍ଲୀଠାରେ ଭାଜପାରେ ଯୋଗଦେଲେ। ଗତ ବୁଧବାର ବୈଜୟନ୍ତ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବାପରେ ଏକ ବାଇକ ରାଲିରେ ଆସି ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଜଣାଯାଇଥିଲା। ତେବେ ବୈଜୟନ୍ତ ଓଡ଼ିଶାରେ ପହଞ୍ଚିବାର ଦିନକ ପରେ ତାଙ୍କୁ ଦୁଇଟି ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ କେନ୍ଦ୍ରୀୟ ଦାୟିତ୍ୱ ପାଇବା ପରେ ବୈଜୟନ୍ତ ଟୁଇଟ୍ କରି ଶାହଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ ରାଜ୍ୟ ନେତୃବୃନ୍ଦଙ୍କୁ ସହଯୋଗ କରିବେ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଭାରତ ଗଠନ ସ୍ୱପ୍ନ ସାକାର କରିବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଜଣାଇଛନ୍ତି। ବୈଜୟନ୍ତଙ୍କ ଅଭିଜ୍ଞତାକୁ ଦେଖି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହ ଓଡ଼ିଶାକୁ ପ୍ରାଧାନ୍ୟ ଦେବାର ଏହା ଏକ ନିଦର୍ଶନ ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଅପରପକ୍ଷରେ ବୈଜୟନ୍ତଙ୍କୁ ମିଳିଥିବା ଦାୟିତ୍ୱ ସମ୍ପର୍କରେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ବୈଜୟନ୍ତ ବାବୁ ବହୁ ପୂର୍ବରୁ ଭାଜପା ମୁଖପାତ୍ର ଥିଲେ, ଏବେ ବିଧିବଦ୍ଧ ଭାବେ ଦାୟିତ୍ୱ ନେଲେ।

# ବନ୍ଦ ଦ୍ୱାରଦେଶରେ ଜିନ୍ଦଲ କାରଖାନା

**ଯାଜପୁର ଅଫିସ,୮।୩:** ଶିଳ୍ପ କାରଖାନା ପ୍ରତିଷ୍ଠା ଯୋଗୁ ଲୋକଙ୍କ ଆର୍ଥିକ ସ୍ଥିତିରେ ସ୍ୱଚ୍ଛଳତା ଆସିଥିବା ସହ ବେକାରି ସମସ୍ୟା ଦୂର ହେଉଥିବା ସରକାର ଦାବି କରୁଛନ୍ତି। କିନ୍ତୁ ବାସ୍ତବରେ କଳିଙ୍ଗନଗର ଶିଳ୍ପ ଏବେ ସଙ୍କଟରେ ଗତି କରୁଛି । ୨୦୧୭ ଅଗଷ୍ଟରେ ଅଧିକ ଖଣି ଉତ୍ତୋଳନ ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ଜରିମାନା ଆଦାୟ ନିର୍ଦ୍ଦେଶ ପରେ ଖିଲାପି ଖଣି କମ୍ପାନୀଗୁଡିକ ବନ୍ଦ ହୋଇଯିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ କଞ୍ଚାମାଲ ଅଭାବରୁ ମେସ୍କୋ ଗ୍ରୁପ ପରିଚାଳିତ ମଇଥାନ ଇସ୍ପାତ ଗତ ୨୦ ଦିନ ହେଲା ବନ୍ଦ ପଡିଥିବାବେଳେ ପୁଣି ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ବନ୍ଦ ହେବା ଦ୍ୱାରଦେଶରେ ପହଞ୍ଚିଛି। ଏଥିଯୋଗୁ ହଜାର ହଜାର କର୍ମଚାରୀ ଓ ଶ୍ରମିକଙ୍କ ଜୀବିକାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ବାଚନ ସମୟରେ ଏଭଳି ପରିସ୍ଥିତି ସରକାରଙ୍କୁ ଅଡୁଆରେ ପକାଇଛି।

ଖଣି ଦୁର୍ନୀତି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଶତପ୍ରତିଶତ ଜରିମାନା ଆଦାୟ କରାଯିବ ବୋଲି ରାୟ ପ୍ରକାଶ କରିଥିଲେ। ଏଥିରେ ଯାଜପୁର ଜିଲାର ୧୩ଟି ଖଣି ଲିଜଧାରୀଙ୍କଠାରୁ ୪, ୭୯୮ କୋଟି ୩୬ ଲକ୍ଷ ୫ ହଜାର ୩୫୮ ଟଙ୍କା ଜରିମାନା ଆଦାୟ ହେବ ବୋଲି ଜିଲା ମାଇନିଂ ବିଭାଗରୁ ସୂଚନା ମିଳିଥିଲା। ସେଥିରୁ ଓଏମ୍‌ସିର ସାଉଥ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ସର୍ବାଧିକ ୩, ୨୫୬ କୋଟି ୭୪ ଲକ୍ଷ ୮୩ ହଜାର ୧୩୯ ଟଙ୍କା ଜରିମାନା ରହିଥିଲା। ଏଥିରେ ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ୮୯ ହେକ୍ଟର ବିଶିଷ୍ଟ କାଳିଆପାଣି କ୍ରୋମାଇଟ ମାଇନ୍ସ ଉପରେ ୮୫.୪୦ କୋଟି ଟଙ୍କା ଜରିମାନା ହୋଇଥିଲା। ତେବେ ଏନେଇ ଖଣି କମ୍ପାନୀଗୁଡ଼ିକ ସୁପ୍ରିମକୋର୍ଟରେ ରହିତାଦେଶ ଆଣିଥିଲେ। ତେବେ ସମ୍ପୃକ୍ତ ଖିଲାପି ଖଣି କମ୍ପାନୀଗୁଡିକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପରିବେଶଗତ ଅନୁମତି(ଇସି) ଆଉ ମିଳି ନ ଥିଲା। ଫଳରେ ଯେଉଁ କମ୍ପାନୀଗୁଡ଼ିକର ଅବଧି ଶେଷ ହୋଇଯାଇଥିଲା ସେମାନଙ୍କୁ ଆଉ ପରିବେଶ ଅନୁମତି ନ ମିଳିବାରୁ ଖଣି ଉତ୍ତୋଳନ ବନ୍ଦ ରହିଛି। କାଳିଆପାଣିରେ ଥିବା ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର କାଳିଆପାଣି କ୍ରୋମାଇଟ ମାଇନ୍ସରେ ଗତ ଫେବୃୟାରୀରୁ ଉତ୍ତୋଳନ ହେଉନାହିଁ। ଅନ୍ୟପକ୍ଷେ ସରକାରୀ ଖଣି ସଂସ୍ଥା ଓଏମ୍‌ସି ଚଢାଦରରେ କ୍ରୋମାଇଟ ବିକ୍ରି କରୁଛି। ଓଏମ୍‌ସି ଲଙ୍ଗ୍ ଟର୍ମ ଲିଙ୍କେଜ୍ ସୁବିଧା ଦେଇ ନ ଥିବାରୁ ଜିନ୍ଦଲ କମ୍ପାନୀ ନିଲାମରେ ଚଢାଦରରେ କ୍ରୋମାଇଟ କିଣି କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ସାରା ଦେଶରେ ଇସ୍ପାତ ରାଜଧାନୀ ଭାବେ ପରିଚିତ କଳିଙ୍ଗନଗର ଇତିହାସ ହୋଇଯିବ ବୋଲି ମତପ୍ରକାଶ ପାଇଲାଣି। ପରିବେଶ ମଞ୍ଜୁରୀ ଆଇନ, ୧୯୮୦ ମସିହା ଜଙ୍ଗଲ ସଂରକ୍ଷଣ ଆଇନ, ୨୧(୫) ମାଇନିଂ ରୁଲ ଏମଏମଡିଆର ଓ ଏମ୍‌ସିଆର ନିୟମର ଉଲ୍ଲଂଘନ କରିଥିବା ଖଣି ଲିଜଧାରୀଙ୍କ ପାଇଁ ଏବେ ମୁଣ୍ଡବ୍ୟଥାର କାରଣ ହୋଇଛି। ଚଢାଦରରେ କ୍ରୋମାଇଟ ଓ ଲୁହାପଥର କିଣିବାକୁ ପଡୁଥିବାରୁ ଲାଭରେ ହ୍ରାସ ଘଟିଛି। ଫଳରେ ଶିଳ୍ପ କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରିବାରେ ଲାଗିଛନ୍ତି। ଜଣାପଡିଛି ଯେ, କଳିଙ୍ଗନଗରର ନିକଟରେ ବନ୍ଦ ପଡିଥିବା ମଇଥାନ କାରଖାନାର କର୍ମଚାରୀ ଓ ଠିକାଶ୍ରମିକଙ୍କୁ ଗତ ୨/୩ ମାସ ହେବ ପାଉଣା ମିଳିନାହିଁ। ସମସ୍ୟା ବଢିଲାଣି, କର୍ମଚାରୀମାନେ ଏହିପରି ବିଦା ହେଲେ ଅର୍ଥନୀତି ରୁଗ୍‌ଣ ହେବ ଏଥିରେ ସନ୍ଦେହ ନାହିଁ। ତେବେ ସରକାର ନୀରବ ରହିଲେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି ମତପ୍ରକାଶ ପାଉଛି । ସରକାର ମେକ୍ ଇନ୍ ଓଡିଶା ମାଧ୍ୟମରେ ଅନେକ ଶିଳ୍ପ ସଂସ୍ଥାକୁ ପୁଞ୍ଜି ବିନିଯୋଗ କରିବାକୁ ଆହ୍ୱାନ ଦେଉଥିଲେ ହେଁ ଏହି କାରଣରୁ ସେମାନେ ପଛଘୁଞ୍ଚା ଦେଉଛନ୍ତି । ଏହାକୁ ନେଇ ଉପରୋକ୍ତ କାରଖାନାଗୁଡିକରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରାଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଗତ ୧ ବର୍ଷ ହେଲା ପରିବେଶଗତ ଅନୁମତି ନ ମିଳିବାରୁ ନିଜସ୍ୱ ଖଣିରୁ କଞ୍ଚାମାଲ ଉତ୍ତୋଳନ ବନ୍ଦ ରହିଛି । ତଥାପି ମାନବିକ ଦୃଷ୍ଟିକୋଣରୁ ବିନା କାର୍ଯ୍ୟରେ କର୍ମଚାରୀ ଓ ଶ୍ରମିକଙ୍କୁ ଦରମା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯାଉଛି। ଏବେ କମ୍ପାନୀର ଆର୍ଥିକ ସ୍ଥିତି ଭଲ ନାହିଁ। ତେଣୁ ନିକଟ ଭବିଷ୍ୟତରେ କମ୍ପାନୀକୁ ବନ୍ଦ କରାଯିବା ପାଇଁ ବାଧ୍ୟ ହେଉଛୁ ବୋଲି ସେ କହିଛନ୍ତି ।

## ■ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହ
# ମିଶନ ଶକ୍ତି ଏକ ନୀରବ ବିପ୍ଳବ

**ଭୁବନେଶ୍ୱର,୮।୩(ବ୍ୟୁରୋ)**

ମହିଳାମାନଙ୍କ ସଫଳତାର ଜୟଗାନ ସହିତ ସେମାନଙ୍କୁ ନ୍ୟାଯ୍ୟ ଅଧିକାର ଦେବା ଓ ସଶକ୍ତ କରିବା ଆନ୍ତର୍ଜାତିକ ମହିଳା ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମହିଳାମାନେ ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ତା'ର ବିକାଶ କଲେ, ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ କହିଛନ୍ତି।


ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଜଣେ ମହିଳାଙ୍କୁ ସମ୍ମାନିତ କରାଯାଉଛି।

ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାମଲ ଏହା କହିଛନ୍ତି। ବିଭାଗୀୟ କମିଶନର ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍. କାର୍ତ୍ତିକେୟନ ଯୋଗଦେଇ କହିଥିଲେ, ଏକ କ୍ଷୁଦ୍ର ଉଦ୍ୟମରୁ ଆରମ୍ଭ ହୋଇଥିବା ମିଶନ ଶକ୍ତି ଆନ୍ଦୋଳନ ଆଜି ୧୮ ବର୍ଷରେ ପଦାର୍ପଣ କରିଛି। ୬ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଲକ୍ଷ ମହିଳାଙ୍କ ଯୋଗଦାନ ଦ୍ୱାରା ମିଶନ ଶକ୍ତି ବ୍ୟାପକ ରୂପ ଧାରଣ କରି ଏକ ନିରବ ବିପ୍ଳବରେ ପରିଣତ ହୋଇଛି। ମହିଳା ବିକାଶ ସମବାୟ ନିଗମ ଅଧ୍ୟକ୍ଷା ଶ୍ୱେତାସ୍ନିଗ୍ଧା ମିଶ୍ର, ଶିଶୁ ସୁରକ୍ଷା ଅଧିକାର କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ, ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା ଲତିକା ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ରେଘୁ ଜି. ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଭଲ ପ୍ରଦର୍ଶନ ପାଇଁ ଗଞ୍ଜାମ, ଗଜପତି ଓ ବାଲେଶ୍ୱର ଜିଲାକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଢେଙ୍କାନାଳର ମହର୍ଷି ଦୟାନନ୍ଦ ସର୍ଭିସେସ୍ ମିଶନ, କେନ୍ଦ୍ରାପଡ଼ାର ଲୁଥେରାନ୍ ମହିଳା ସମିତି, କନ୍ଧମାଳର ବନବାସୀ ସେବା ସମିତିକୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଦିଆଯାଇଥିଲା। ସେହିପରି ଶିଶୁଯତ୍ନ ଅନୁଷ୍ଠାନ ବର୍ଗରେ ସମ୍ବଲପୁରର ଧନକଉଡ଼ାସ୍ଥିତ ଶିଶୁ ଗୃହ, ଭୁବନେଶ୍ୱରର ଏସ୍‌ଓଏସ୍ ଚିଲ୍‌ଡ୍ରେନ ଭିଲେଜ୍, ଭଦ୍ରକର ଯୋଗୀରଷୀ ଲକ୍ଷ୍ମଣ ଦାସ ଶିଶୁ ଆଶ୍ରମକୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ବରଗଡ଼ର ବନ୍ଧପାଲିସ୍ଥିତ ଜଗଦମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ, ଗଞ୍ଜାମର ଯୋଗେନ୍ଦ୍ର ପ୍ରସାଦସ୍ଥିତ ସତ୍ୟସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଭଦ୍ରକର ଗେଲ୍‌ଟୁଆସ୍ଥିତ ଜୟ ମା'ଦୁର୍ଗା ହସ୍ତଶିଳ୍ପ ସ୍ୱୟଂ ସହାୟକ ଗୋଷ୍ଠୀକୁ ୫୦ ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ମିଶନ ଶକ୍ତି ଋଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# GOVERNMENT OF ODISHA

'e'-PROCUREMENT NOTICE

E-mail : ceroads.bbsr@gmail.com

No.1384-B

## WORKS DEPARTMENT

**Bid Identification No. CE-DPI & R-94/2018-19**

| | | | |
|---|---|---|---|
| 1 | The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/Bridge works as mentioned below : | | |
| 2 | Nature of Work | : | Road / Bridge works |
| 3 | No. of Work | : | 03 Nos |
| 4 | Tender Paper Cost | : | Rs. 10,000.00 |
| 5 | Class of Contractor | : | 'A' Class / Speical Class as noted against each work |
| 6 | Available of bid document in the Website | : | From 10.00 A.M. of 20.03.2019 to 5.00 PM of 10.04.2019 |
| 7 | Date of opening of Bid | : | Dt. 11.04.2019 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum/ corrigendum / cancellation of tender can also be seen in the said website. | | |

**Sd./- Chief Engineer,**
**(DPI & Roads), Odisha**
**OFFICE OF THE ENGINEER-IN-CHIEF (CIVIL),**
34117/11/0238/1819 **ODISHA, BHUBANESWAR**

## ODISHA STATE MEDICAL CORPORATION LTD.

**(A Govt. of Odisha Undertaking)**
***(Assuring Quality, Saving lives)***
Phone No. : (0674) 2380660,2380950
Website: www.osmcl.nic.in, E-mail: admn.osmcl@nic.in

**No. OSMC/2018-19/SER-HR/05 Date: 09.03.2019**

**NOTICE INVITING TENDER FOR HIRING OF VEHICLES**

No. CAD-1572: Sealed Bids are invited from registered Travel Agencies for providing commercial light diesel vehicles on hire on monthly and call basis. The bid document with all information relating to the bidding process such as Eligibility Criteria, Terms & Conditions, etc. are available on the website www.osmcl.nic.in, which may be downloaded for reference. Interested parties may submit their bids superscribing as "Tender for Hiring of Vehicles on Monthly & Call Basis in reference to Advertisement No.---------dt.----------" to the undersigned through registered post/speed post/ courier only, which should reach on or before 4 P.M. of 30.03.2019 positively and the same will be opened by a Committee in presence of the Participants, who wish to attend the Bid Opening Meeting at 4.30 P.M. on the same day. The undersigned reserves the right to reject any or all the bids without assigning any reason thereof.

**Sd./- Managing Director**
**Regd. Office: Odisha State Medical Corporation Ltd.,**
10112/11/0068/1819 **Convent Square, Bhubaneswar – 751007, Odisha**

idco Your power to grow ISO 9001 & 14001 CORPORATION | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
**IDCO Towers, Janpath, Bhubaneswar - 751022**

**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
**RFP Notice No. IDCO/HO/P&C/EST-E/1324/03/2017/4659 Date: 05.03.2019**

**NOTICE INVITING REQUEST FOR PROPOSAL THROUGH E-PROCUREMENT PORTAL**

**1. Name of the Work** : Operation, Maintenance & Management of packaging Unit at Sea Food Park, Deras, Khurda, Odisha.
**2. Period of engagement** : 05(Five) Years.
**3. Other details**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id. No.PC-EST-E-92/2018-19 | 14.03.2019 at 17.00 Hrs. | 09.04.2019 up to 17.00 Hrs. |

**Further details can be seen from the e - Procurement Portal. www.tendersorissa.gov.in** and Corrigendum if any will not be published in news papers and can only be seen in e-procurement portal **www.tenderorissa.gov.in**

Sd/-
Chief General Manager (P&C), I/C
IDCO, Bhubaneswar

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

## ODISHA POWER TRANSMISSION CORPORATION LTD.

OPTCL Lifeline of Odisha
(A Government of Odisha Undertaking)
Regd. Office : Janpath, Bhubaneswar - 751 022, Odisha
Tel : 0674-2540051(EPABX), Website : www.optcl.co.in, **CIN : U40102OR2004SGC007553**

**e-TENDER NOTICE NO.TW-IT/OT/08/522/2018-19**

Senior General Manager (IT), OPTCL, 3rd Floor, OPTCL, Janpath, Bhubaneswar on behalf of OPTCL invites bids in e-tender mode from reputed eligible bidders for **"Implementation of Video Conferencing System at OERC, Odisha Secretariat, CESU, NESCO Utility, WESCO Utility, SOUTHCO Utility & Office of the E.I.C (07 locations)"** conforming to the terms and conditions mentioned in the e-Tender document.

The interested eligible bidders may visit our website **www.optcl.co.in** on or after **11.03.2019 (17:00 Hrs.)** to go through / download the scope of work and terms and conditions in detail. The techno-commercial bid shall be due for submission on **dated 03.04.2019 (13.30 Hrs.)**

The interested bidders would be required to enrol themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL from 11.03.2019 (17.00 Hrs.) up to 03.04.2019 (11.00 Hrs.)**

**N.B. :** All subsequent addendums / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.

*CR. Advt. No.92/18-19* **Sr. General Manager (IT)**

**Please connect us :** optcl.odisha optcl_odisha energyodisha

## OFFICE OF THE MUNICIPAL COUNCIL, SUNDARGARH

**No.1563 Dt.08.03.2019**

**COMPETITIVE BIDDING THROUGH e-procurement**
**NOTICE INVITING TENDER**

**Bid reference No. SNGM-26/2018-19/ Dt.08.03.2019**

On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class / category of bidders in conformity with the Detailed Tender Call Notice for execution of the works mentioned in the DTCN. Contractors validly registered / empanelled under Sundargarh Municipality are also eligible to participate for the works.

1. Total No. of works for whichTenders invited : 07 Nos.
2. Place of Execution : Inside of Sundargarh Municipality
3. Estimated Cost of Works : 2,23,300/- to Rs.36,70,000/-
4. Eligible Class of Contractors : Registered Contractors of Class-'D' to Class- 'B' as indicated against each work mentioned in the Tender Call Notice.
5. Intending bidders have to participate through "On-Line" bidding only. The website for online bidding is **https://www.tendersodisha.gov.in.**
6. The bid documents will be available in the above website from 11 AM, on 11.03.2019 to 5 PM, on 20.03.2019 for online bidding.
7. Bids received online will be opened at 11 AM. on 26.03.2019.
8. The bidder must possess valid and compatible Digital Signature Certificate (DSC)
9. The DTCN for 07 Nos. of work shall be available in the e-procurement portal **https://www.tendersodisha.gov.in** for on-line bidding.

**Sd./- Executive Officer**
**Sundargarh Municipality**

## OFFICE OF THE CDM & PHO CUM DISTRICT MISSION DIRECTOR, KANDHAMAL

**No.3077/NHM/19 Dt.08.03.2019**

**TENDER CALL NOTICE**

**FOR EQUIPMENT, AIDS & DRUGS FOR DEIC (RBSK) O/O CDM & PHO, KANDHAMAL**

Bids are invited from eligible firms / company / agency / suppliers / distributors to supply the equipments, Aids & Drugs to DEIC, RBSK Kandhamal. The bid document with all information relating to the bidding process including the cost of bid document, EMD, Eligibility criteria and terms & conditions are available in the District website: www.kandhamal.nic.in. The last date of submission of bid is on or before 25.03.2019 by 04 PM. to the O/o-CDM&PHO, Kandhamal through Speed Post / Regd. Post / Courier only. The undersigned reserves the right to cancel any or all the bids without assigning any reason thereof.

**Sd./- CDMO cum District Mission Director NHM, Kandhamal**

OHPC

## ODISHA HYDRO POWER CORPORATION LIMITED

**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581(O)/ 232641 (R), Fax: 06861-232541,**
No.CAD-1575:- **E-Mail: unit.head_balimela@yahoo.com**

**No. BHEP: CW-126/ 1391 Dated 08.03.19**

**1st CORRIGENDUM TO E-TENDER CALL NOTICE NO. 41/2018-19 (Group-A) DTD. 19.02.2019 OF BHEP, BALIMELA**

**Name of work:- Construction of 11K.V. Switchgear building inside switchyard, BHEP.**

1) The last date and time of availability of bids of the above tender call notice is extended up-to 16.00 hrs of Dtd. 18.03.2019.
2) The last date and time of submission of bids of the above tender call notice is extended upto-16.00 hrs of Dtd. 18.03.2019.
3) The date and time of opening of the above tender is at 12.30 PM of Dtd. 20.03.2019.

All other terms and conditions of the above Tender Notice remain unchanged.

For further detail please visit the website https://tendersodisha.gov.in.

**Sd./- Senior General Manager (EL),**
04019/11/0124/1819 **Balimela Hydro Electric Project, Balimela**

## MUNICIPAL OFFICE : JEYPORE

**Ph. No. 06854-231098, Fax No. :06854-230104, Email : jeyporem.hud@nic.in**
**No. 929 E-TENDER NOTICE Date : 07.03.2019**

Bid documents consisting of specification the Bill of Quantity and the Tender Call notice can be seen in the Govt. website https://tendersorissa.gov.in/nicgep/app.

| | | |
|---|---|---|
| 1 | Nature of Work | As per DTCN |
| 2 | No. of Works | 77 |
| 3 | Estimated Cost | As per DTCN |
| 4. | Date & Time of availability and submission of bid in the portal | 11.00 HRS of 15.03.2019 to 16.00 HRS of 05.04.2019 |
| 5. | Received Bid | After 16.00 HRS of 05.04.2019 upto 11.00 HRS of 08.04.2019. |
| 6. | Opening date | 11.00 HRS of 08.04.2019 |

**Sd./- Executive Officer, Jeypore Municipality**

## OFFICE OF THE EXECUTIVE ENGINEER, R.W.S.&.S. DIVISION, JAJPUR AT: CHANDIKHOL

No. 1938-O

**Po- Dhanmandal, Dist- Jajpur, PIN-754024**
**Phone- 06725-221454, E-mail-eerwss_jpr@ori.nic.in**

**E-PROCUREMENT NOTICE**

Bid Identification No. rwssjajpur 63 / 2018-19 dt. 07.03.2019

The Executive Engineer, RWS&S Division, Jajpur at Chandikhol on behalf of Governor of Odisha, invites bids through e-procurement in double cover system according to norm of eprocurement system in on-line mode from eligible contractors.

| | | |
|---|---|---|
| 1. | Nature of work: | Supplying all construction materials, HDPE / GI pipes, valves, specials etc. and laying the pipeline, Constructing the pump house with compound wall, fitting and fixing of suitable motor and pump set in the production well, supplying, fitting and fixing of chlorine dozing system of approved make and specification, constructing RCC Elevated Storage Reservoirs of specified capacity, providing household connections etc. along with five years maintenance after one year of defect liability period etc. complete for the following PWS Schemes of Jajpur district. |
| 2. | No. of works: | 13 (Thirteen) |
| 3. | Estimated Cost: | Rs 64.00 lakhs to Rs 188.00 lakhs |
| 4. | Time for completion: | 9(nine) months |
| 5. | Cost of bidding document: | Rs.10000/- |
| 6. | Class of Contractors eligible: | 'B' & 'A' |
| 7. | Availability of bids on-line: | 11.00 hour of 20.03.2019 to 17.00 hours of 30.03.2019. |
| 8. | Last date and time for seeking clarification: | up to 17.00 hours of 30.03.2019 |
| 9. | Date & time of opening of Technical Bid online: | 11.00 hour of 02.04.2019 |
| 10. | Date & time of opening of Financial Bid | To be announced latter |

Further details can be seen in the website https://www.tendersorissa.gov.in.

**Sd./- Executive Engineer**
25027/11/0061/1819 **R.W.S & S Division, Jajpur, (at: Chandikhol)**

## GOVT. OF ODISHA

**OFFICE OF THE SUPERINTENDING ENGINEER, NORTH EASTERN RURAL WORKS CIRCLE, KEONJHAR**
**Tel. 06766-258301(O), E-Mail: se_nerwkjr@rediffmail.com**
**"e" Procurement Notice for PMGSY-II Batch-I**
**Identification No. PMGSY Online NCB No. 264**
**No. 1062 / Date: 07-03-2019**

No.1943-O

| | | |
|---|---|---|
| 1. | Name of the Work | Road Works under PMGSY-II Batch-I 2018-19 as per Annexure. |
| 2. | Total No. of Works | 01 (One) No. |
| 3. | Estimated Cost | As per annexure in NIT. |
| 4. | Class of Contractor | As per annexure in NIT. |
| 5. | Period of Completion | As per annexure in NIT. |
| 6. | Other details | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification. | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 264 | Dt.12.03.19 at 11.00 A.M. | Dt.26.03.19 up To 5.00 P.M. | Dt.25.03.19 up To 5.00 P.M. | Dt.27.03.19 at 11.00 A.M. | Dt.30.03.19 at 11.00 A.M. |

Further details can be seen from the website: www.pmgsytenders.gov.in
25048/11/0065/1819 **Sd./- Superintending Engineer, N.E.R.W. Circle, Keonjhar.**

See Career Appointment on every **Wednesday & Saturday**

## OFFICE OF THE ANGUL MUNICIPALITY, ANGUL

**No.201/ Date:07.03.2019**

**TENDER CALL NOTICE**

Sealed tenders in prescribed from are invited from the specified class of Contractors registered with Govt. of Orissa and enlisted Contractors of Angul Municipality for the following works. The tender document for the work will be available from the office of the Executive Officer, Angul Municipality during the office hours in the working-day in shape of cash of required amount as mentioned against the work (Non-refundable) from dt.08.03.2019 to 14.03.2019 up to 5.00 PM. The tender will be received up to 11.00 AM. on dt.15.03.2019 in the office of the Executive Officer, Angul Municipality. The tender will be opened on 15.03.2019 at 11.30 AM. in the presence of the tenderers or their authorized agents of they present. The tender should deposited the E.M.D. at the rate of 1% of the estimated cost as indicated in shape of cash /N.S.C./K.V.P/T.D/Postal saving pass book duly pledged in favour of Executive Officer, Angul Municipality along with the tenders documents. The valid RC, PAN Card & GSTIN should be accompanied with the tender documents. The authority reserves the right to reject any or all tenders without assigning any reason thereof.

| Sl No. | Name of the work | Estimated amount | Cost of tender paper | E.M.D. to be deposited | Time of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Completion of Puja Mandap near Sani Mandap in ward No.15 | Rs.1,00,000.00 | Rs.600.00 | 1% to the estimated cost | One month |
| 02 | Const. of Bhagabat Tungi in ward No.15 | Rs.1,00,000.00 | Rs.600.00 | -do- | -do- |
| 03 | Repair of road and drain from Paramananda Mishar house to syphone in ward No.18 | Rs.1,00,000.00 | Rs.600.00 | -do- | -do- |

**Sd./- Executive Officer, Angul Municipality**

## THE ODISHA MINING CORPORATION LIMITED

OMC | ODISHA NEW OPPORTUNITIES

OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

No. CAD-1568

**NOTICE INVITING TENDER NO.05/OMC/C/CT/2019**

Tender from the registered Civil contractors are invited having registration of PF, PAN and GST for the below noted works.

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ବରିଷ୍ଠ ନାଗରିକ ବିନାୟକ ପାଢୀ ଓ ତାଙ୍କ ଭାଇ ଗୌରଚନ୍ଦ୍ର ପାଢୀଙ୍କ ପରିବାର ପକ୍ଷରୁ ଶୁକ୍ରବାର ଜିଲା ରେଡକ୍ରସ ପାଣ୍ଠିକୁ ୨ଲକ୍ଷ ୭୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଭ୍ରାତା ଦ୍ୱୟ ଜିଲାପାଳ ଅନୁପମ ଶାହାଙ୍କୁ ଭେଟି ଉକ୍ତ ରାଶିର ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଏଡିଏମ୍‌ଓ (ମେଡିକାଲ) ପ୍ରଦୀପ କୁମାର ପାଢୀ, ଜ୍ୟୋତିର୍ମୟୀ ପାଢୀ ଏବଂ ଖବରଦାତା ଡିଜେନ ପାଢଇ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଚେକ୍ ପ୍ରଦାନ କରାଯାଉଛି।

## ନିଷ୍କ୍ରିୟ କରାଗଲା ୪ ବୋମା

ଛତ୍ରପୁର,୮।୩(ଡି.ଏନ.ଏ.):

ଚମାଖଣ୍ଡି ଥାନା ନରେନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଥିବା ୪ଟି ବୋମାକୁ ଶୁକ୍ରବାର ସକାଳେ ପୋଲିସ ନିଷ୍କ୍ରିୟ କରିଛି । ଗୁରୁବାର ରାତିରେ ସ୍ୱାସ୍ଥ୍ୟକେନ୍ଦ୍ର ପାର୍ଶ୍ୱରେ ଏକ ଜରିଅଖାରେ ବୋମା ଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚିଥିଲା। ଛତ୍ରପୁରରୁ ବୋମା ନିଷ୍କ୍ରିୟକାରୀ ଦଳ ସେଠାକୁ ଯାଇ ଶୁକ୍ରବାର ବୋମା ଗୁଡିକୁ ନିଷ୍କ୍ରିୟ କରିଥିଲେ। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ.୨୨/୧୯) ରୁଜୁ କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କେହି ଦୁର୍ବୃତ୍ତ ଉକ୍ତ ବୋମାଗୁଡିକୁ ରଖିଥାଇ ପରେ ବୋଲି ଅନୁମାନ କରାଯାଉଛି ।

## ମଦ ଜବତ, ଜଣେ ଗିରଫ

ଗୋପାଳପୁର,୮।୩

ଚୋରା ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଗୋପାଳପୁର ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗୋଲାବନ୍ଧ ଗ୍ରାମର ମିଟୁ ଦାସ (୪୨)। ଶୁକ୍ରବାର ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଗୋଲାବନ୍ଧ ଗ୍ରାମରେ ଚଢାଉ କରି ୨୮ ଲିଟର ଦେଶୀ ମଦ ଜବତ କରିବା ସହ ମିଟୁଙ୍କୁ କାବୁ କରିଥିଲେ।

## ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ସ୍କୋରବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**
ଫିଞ୍ଚ୍-ଏଲ୍‌ବିଡବ୍ଲ୍ୟୁ-କୁଲ୍‌ଦୀପ-୯୩
ଖ୍ୱାଜା-କ-ବୁମ୍‌ରା-ବୋ-ସାମି-୧୦୪
ମାକ୍ସୱେଲ-ରନ୍‌ଆଉଟ(ଜାଡେଜା/ଧୋନୀ)-୪୭
ମାର୍ଶ-କ-ଶଙ୍କର-ବୋ-କୁଲ୍‌ଦୀପ-୭
ଷ୍ଟୋଇନିସ୍-ନଟ ଆଉଟ୍-୩୧
ହ୍ୟାଣ୍ଡ୍ସକମ୍ବ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୦
ଆଲେକ୍ସ କାରେ-ନଟ୍ ଆଉଟ-୨୧
ଅତିରିକ୍ତ-୧୦
ମୋଟ : (୫୦ ଓଭର, ୫ ଉଇକେଟ) ୩୧୩।
ଉଇକେଟ ପତନ: ୧/୧୯୩, ୨/୨୩୯, ୩/୨୫୮, ୪/୨୬୩, ୫/୨୬୩)।
ବୋଲିଂ (ଭାରତ)
ସାମି ୧୦-୦-୫୨-୧
ବୁମ୍‌ରା ୧୦-୦-୫୩-୦
ଜାଡେଜା ୧୦-୦-୬୪-୦
କୁଲ୍‌ଦୀପ ୧୦-୦-୬୪-୩
ଶଙ୍କର ୮-୦-୪୪-୦
କେଦାର ୨-୦-୩୨-୦।

**ଭାରତ ଇନିଂସ**
ଧାୱନ-କ-ମାକ୍ସୱେଲ-ବୋ-ରିଚାର୍ଡସନ-୧
ରୋହିତ-ଏଲ୍‌ବିଡବ୍ଲ୍ୟୁ- କୁମିନ୍ସ-୧୪
କୋହଲି-ବୋ-ଜାମ୍ପା-୧୨୩
ରାୟୁଡୁ-ବୋ-କୁମିନ୍ସ-୨
ଧୋନୀ-ବୋ-ଜାମ୍ପା-୨୬
କେଦାର-ଏଲ୍‌ବିଡବଲ୍ୟୁ-ଜାମ୍ପା-୨୬
ଶଙ୍କର-କ-ରିଚାର୍ଡସନ-ବୋ-ଲିଅନ-୩୨
ଜାଡେଜା-କ-ମାକ୍ସୱେଲ-ବୋ-ରିଚାର୍ଡସନ-୨୪
କୁଲଦୀପ୍-କ-ଫିଞ୍ଚ୍-ବୋ-କୁମିନ୍ସ-୧୦
ସାମି-କ-କୁମିନ୍ସ-ବୋ-ରିଚାର୍ଡସନ-୮
ବୁମ୍‌ରା-ନଟ୍ ଆଉଟ୍-୦
ଅତିରିକ୍ତ-୧୫
ମୋଟ : (୪୮.୨ ଓଭର, ଅଲ୍‌ଆଉଟ୍) ୨୮୧।
ଉଇକେଟ ପତନ: ୧/୧୧, ୨/୧୫, ୩/୨୭, ୪/୮୬, ୫/୧୭୪, ୬/୨୧୯, ୭/୨୫୧, ୮/୨୭୩, ୯/୨୮୧, ୧୦/୨୮୧।
ବୋଲିଂ (ଅଷ୍ଟ୍ରେଲିଆ)
କୁମିନ୍ସ ୮.୨-୧-୩୭-୩
ରିଚାର୍ଡସନ ୯-୨-୩୭-୩
ଷ୍ଟୋଇନିସ୍ ୬-୦-୩୯-୦
ଲିଅନ ୧୦-୦-୫୭-୧
ଜାମ୍ପା ୧୦-୦-୭୦-୩
ମାକ୍ସୱେଲ ୫-୦-୩୦-୦ ।



> ଅନ୍ତର୍ଜାତୀୟ ସ୍ତରରେ ଉନ୍ନତି କରିବାକୁ ହେଲେ ଆମକୁ ଘରୋଇ ସର୍କିଟରେ ଅଧିକ ନିର୍ଭୟର ସହିତ ବ୍ୟାଟିଂ କରିବାକୁ ପଡ଼ିବ ।
> – ସ୍ମୃତି ମନ୍ଧାନା, ଭାରତୀୟ ମହିଳା ଟି୨୦ ଅଧିନାୟିକା



> ଭେନିଜୁଏଲା ଓ ମରକ୍କୋ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆର୍ଜେଣ୍ଟିନା ଦଳ ପାଇଁ ଲିଓନେଲ ମେସିଙ୍କ ଆବଶ୍ୟକତାକୁ ମୁଁ ପରଖିନେବାକୁ ଚାହେଁ ।
> – ଲିଓନେଲ ସାଲୋନି, ଆର୍ଜେଣ୍ଟିନା ଫୁଟ୍‌ବଲ କୋଚ୍

# କୋହଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

**ରାଞ୍ଚି, ୮।୩(ପି.ଟି.)**

ଅଧିନାୟକ ବିରାଟ କୋହଲିଙ୍କ ୧୨୩ ରନର ଶତକୀୟ ପାଳି (୯୫ ବଲ, ୧୬ ଚୌକା, ୧ ଛକା) ସତ୍ତ୍ୱେ ଭାରତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆଠାରୁ ୩୨ ରନରେ ପରାସ୍ତ ହୋଇଛି। ସ୍ଥାନୀୟ ଜେଏସ୍‌ସିଏ ଆନ୍ତର୍ଜାତିକ ଷ୍ଟାଡିୟମ କମ୍ପ୍ଲେକ୍ସରେ ଶୁକ୍ରବାର ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ଓ ଅଧିନାୟକ ଆରୋନ ଫିଞ୍ଚ୍‌ଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ୫ ଉଇକେଟ ହରାଇ ୩୧୩ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮.୨ ଓଭରରେ ୨୮୧ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨–୧ରେ ଅଗ୍ରଣୀ ବଜାୟ ରଖିଛି। ୧୦୪ ରନର ଶତକୀୟ ପାଳି ଖେଳିଥିବା ଖ୍ୱାଜା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚତୁର୍ଥ ଦିନିକିଆ ରବିବାର ମୋହାଲି ଷ୍ଟାଡିୟମରେ ଖେଳାଯିବ।

୩୧୪ ରନ କଷ୍ଟସାଧ ଟାର୍ଗେଟର ପିଛା କରି ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। କୋହଲି ଏକା ଲଢିଥିଲେ ମଧ୍ୟ ଅନ୍ୟ ବ୍ୟାଟ୍ସମ୍ୟାନ ତାଙ୍କୁ ସହାୟତା ପ୍ରଦାନ କରି ନ ଥିଲେ। ବିଜୟ ପାଇଁ କୋହଲିଙ୍କ ଶତକୀୟ ଇନିଂସ ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଲରାଉଣ୍ଡର ବିଜୟ ଶଙ୍କର ୩୨, ମହେନ୍ଦ୍ର ସିଂ ଧୋନୀ ୨୬, କେଦାର ଯାଦବ ୨୬, ରବୀନ୍ଦ୍ର ଜାଡେଜା ୨୪, ରୋହିତ ଶର୍ମା ୧୪, କୁଲଦୀପ ଯାଦବ ୧୦ ରନ କରି ଆଉଟ ହୋଇଥିଲେ। ଦୁଇ ଓପନର ଶିଖର ଧାୱନ ଓ ରୋହିତ ଶର୍ମା ପୁଣି ବିଫଳ ହେବା ସହ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଧାୱନ ୧ ଓ ରୋହିତ ୧୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କୁମିନ୍ସ, ଝେ ରିଚାର୍ଡଶନ ଓ ଆଡାମ ଜାମ୍ପା ୩ଟି ଲେଖାଏ, ଅଭିଜ୍ଞ ସ୍ପିନର ନାଥନ ଲିୟନ ଗୋଟିଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର ଘରୋଇ ବୋଲରଙ୍କୁ ନିରାଶ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ଆରୋନ ଫିଞ୍ଚ୍ ଓ ଉସ୍‌ମାନ ଖ୍ୱାଜା ଓପନିଂ ଯୋଡିରେ ୩୩ ଓଭର ପୂର୍ବରୁ ୧୯୩ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ ସତ୍ତ୍ୱେ ଅଷ୍ଟ୍ରେଲିଆ ୩୧୩ ରନରେ ସୀମିତ ରହିଥିଲା। ଫିଞ୍ଚ୍ ୯୩ ରନ (୯୯ ବଲ, ୧୦ ଚୌକା, ୩ ଛକା) କରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଖ୍ୱାଜା ୧୦୪ ରନ (୧୧୩ ବଲ, ୧୧ ଚୌକା , ୧ ଛକା)ର ଶତକୀୟ ପାଳି ଖେଳି ମହମ୍ମଦ ସାମିଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଶଟ୍ ମିଡ୍ ଉଇକେଟରେ ଯଶପ୍ରୀତ ବୁମ୍‌ରାଙ୍କ ହାତରେ ଧରା ପଡିଥିଲେ। ଏଥିସହ ଖ୍ୱାଜା ୩୩ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଦିନିକିଆ ଶତକ ହାସଲ କରିଛନ୍ତି। ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଚିରାଚରିତ ଢଙ୍ଗରେ ଧୂଆଁଧାର ବ୍ୟାଟିଂ କରି ୩୧ ବଲରୁ ୩ ଚୌକା ଓ ୩ ଛକା ସହ ୪୭ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ଥ୍ରୋରେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଅଷ୍ଟ୍ରେଲିଆର ରନ୍ ସଂଗ୍ରହ ହାର କମିଥିଲା। ଶନ୍ ମାର୍ଶ ୭ ରନ କରି କୁଲଦୀପଙ୍କ ବଲ୍‌ରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ପିଟର ହ୍ୟାଣ୍ଡ୍ସକମ୍ବ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ହୋଇ କୁଲଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ମାର୍କସ ଷ୍ଟୋଇନିସ୍ ୨୬ ବଲରୁ ୪ ଚୌକା ସହ ୩୧ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୧୭ ବଲରୁ ୩ ଚୌକା ସହ ୨୧ ରନ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟ୍ସମ୍ୟାନ ଷଷ୍ଠ ଉଇକେଟ ଯୋଡିରେ ୩୮ ବଲରୁ ଅପରାଜିତ ୫୦ ରନ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଅନ୍ତିମ ୧୦ ଓଭରରେ ଅଷ୍ଟ୍ରେଲିଆ ୬୯ ରନ ସଂଗ୍ରହ କରିଥିଲା। ବୋଲିଂରେ ଭାରତ ତରଫରୁ କୁଲଦୀପ ୩ ଓ ସାମି ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।









ଶତକ ହାସଲ ପରେ ଉସମାନ ଖ୍ୱାଜା ଓ ବିରାଟ କୋହଲି।

### ୪ ହଜାର ରନ କରିବାରେ ଦ୍ରୁତତମ ଅଧିନାୟକ

ଭାରତୀୟ ଅଧିନାୟକ ବିରାଟ କୋହଲି ଆଉ ଏକ ସଫଳତାର ପାହାଚ ଅତିକ୍ରମ କରିଛନ୍ତି। ଚଳିତ ସିରିଜରେ ସେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଏଥିସହିତ ସେ କ୍ୟାରିୟରର ୪୧ତମ ଶତକ ହାସଲ କରିଛନ୍ତି। ଆଉ ୮ଟି ଶତକ ଅର୍ଜନ କଲେ ସେ କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକରଙ୍କ ସର୍ବାଧିକ ଦିନିକିଆ ଶତକ ହାସଲ ରେକର୍ଡର ସମକକ୍ଷ ହେବେ। ଏଥି ସହିତ ସେ ୪୦୦୦ ରନ୍ ସଂଗ୍ରହରେ ଦ୍ରୁତତମ ଅଧିନାୟକ ସାବ୍ୟସ୍ତ ହୋଇଛନ୍ତି। ସେ ଅଧିନାୟକ ହିସାବରେ ୬୬ଟି ମ୍ୟାଚ୍ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଚତୁର୍ଥ ଭାରତୀୟ ଅଧିନାୟକ ଭାବେ ସେ ଏହି ସଫଳତା ପାଇଛନ୍ତି। ଏହାପୂର୍ବରୁ ମହେନ୍ଦ୍ର ସିଂ ଧୋନୀ, ମହମ୍ମଦ ଆଝାରୁଦ୍ଦିନ ଓ ସୌରଭ ଗାଙ୍ଗୁଲି ଅଧିନାୟକ ହିସାବରେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏଥିପାଇଁ ସେ ୨୭ ରନ ଅବଶ୍ୟକ କରୁଥିଲେ। ତେବେ ସେ ୯୫ଟି ବଲର ସମ୍ମୁଖୀନ ହୋଇ ୧୬ ଚୌକା ଓ ୧ ଛକା ସହ ଦ୍ରୁତ ୧୨୩ ରନର ଶତକୀୟ ପାଳି ଖେଳି ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ୬୩ଟି ଇନିଂସରେ କୋହଲି ୪ ହଜାର ରନ ସଂଗ୍ରହ କରି ଏବି ଡିଭିଲର୍ସ (୭୭ ଇନିଂସ)ଙ୍କୁ ପଛରେ ପକାଇ ଦ୍ରୁତତମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି।

### ପ୍ରଥମ ଶତକ ହାସଲ କରିବାରେ ବୟସ୍କ ଅଷ୍ଟ୍ରେଲୀୟ ଖେଳାଳି

- ୩୩ ବର୍ଷ ୧୨୯ ଦିନ ଆଡାମ ଭୋଗସ୍ ୧୧୨* ବନାମ ୱେଷ୍ଟଇଣ୍ଡିଜ,ଏମ୍‌ସିଜି, ୨୦୧୩
- ୩୨ ବର୍ଷ ୮୦ ଦିନ ଉସ୍‌ମାନ ଖ୍ୱାଜା ୧୦୪ ବନାମ ଭାରତ, ରାଞ୍ଚି, ୨୦୧୯
- ୩୨ ବର୍ଷ ୭୯ ଦିନ ବ୍ରାଡ ହଜ ୧୨୩ ବନାମ ନେଦରଲାଣ୍ଡ୍ସ ବାସେଟେର, ୨୦୦୭
- ୩୨ ବର୍ଷ ୪୪ଦିନ ଡେଭିଡ ହସି ୧୧୧ ବନାମ ସ୍କଟଲାଣ୍ଡ, ଏଡିନବର୍ଗ, ୨୦୦୯

### ଭାରତ ବିପକ୍ଷରେ ଭାରତରେ ସର୍ବାଧିକ ଓପନିଂ ପାର୍ଟନରଶିପ୍

- ୨୩୫ ଗ୍ୟାରୀ କର୍ଷ୍ଟେନ-ହର୍ଶେଲ ଗିବ୍ସ, କୋଚି, ୨୦୦୦
- ୨୩୧ ଆରୋନ ଫିଞ୍ଚ୍-ଡେଭିଡ ୱାର୍ନର, ବେଙ୍ଗାଲୁରୁ, ୨୦୧୭
- ୨୧୨ ଜେଫ୍ ମାର୍ଶ- ଡେଭିଡ ବୁନ୍, ଜୟପୁର, ୧୯୮୬
- ୧୯୩ ଆରୋନ ଫିଞ୍ଚ୍-ଉସ୍‌ମାନ ଖ୍ୱାଜା, ରାଞ୍ଚି, ୨୦୧୯

### ରାଞ୍ଚିରେ ଉଚ୍ଚତମ ସ୍କୋର

- ୩୧୩/୫ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୯
- ୨୯୫/୮ ଅଷ୍ଟ୍ରେଲିଆ ବନାମ ଭାରତ, ୨୦୧୩

## ରାଜୀବ, ସେଚ୍ଛିଲଙ୍କ ପ୍ରଭାବୀ ପ୍ରଦର୍ଶନ



**ଚେନ୍ନାଇ, ୮।୩(ପି.ଟି.):** ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟରେ ଏସିଆ ରୋଡ୍ ରେସିଂ ଚାମ୍ପିୟନଶିପ୍ (ଏଆର୍‌ଆର୍‌ସି)ର ପ୍ରଥମ ରାଉଣ୍ଡ ଶନିବାର ଆରମ୍ଭ ହେବ। ୨୦୧୯ ସିଜନର ଏହି ପ୍ରଥମ ରାଉଣ୍ଡରେ ୭ ଦେଶର ୨୫ ରାଇଡର ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମାନଜନକ ରେସ୍ ପାଇଁ ଇଦିମିତ୍‌ସୁ ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍ ନିଜକୁ ପ୍ରସ୍ତୁତ କରିଛି। ଦଳର ୨ ଦିନିଆ ପ୍ରି-ସିଜନ ଟେଷ୍ଟ ଗୁରୁବାର ସଫଳତାର ସହ ଶେଷ ହୋଇଛି। ହୋଣ୍ଡା ରେସିଂ ଇଣ୍ଡିଆ ଟିମ୍‌ର ଅଭିଜ୍ଞ ରାଜୀବ ସେଥୁ ଓ ଯୁବ ରାଇଡର ସେଚ୍ଛିଲ କୁମାର ପ୍ରି-ସିଜନ ଟେଷ୍ଟରେ ସେମାନଙ୍କ ଟାଇମିଂରେ ଉନ୍ନତି ଆଣିଛନ୍ତି।

## ରାଜ୍ୟ ବାହୁକୁସ୍ତି ୧୭ରେ

**ଭୁବନେଶ୍ୱର, ୮।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ବାହୁକୁସ୍ତି ସଂଘ(ଅଲ୍ ଓଡ଼ିଶା ଆର୍ମ ରେସଲିଂ ଆସୋସିଏଶନ) ଆନୁକୂଲ୍ୟରେ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତାର ୪୦ତମ ସଂସ୍କରଣ ଚଳିତମାସ ୧୭ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ୧୯୭୭ରୁ ପ୍ରତିଷ୍ଠା ହୋଇଥିବା ଓଡ଼ିଶାର ଏକମାତ୍ର ବାହୁକୁସ୍ତି ସଂଘ ଆଗାମୀ ରାଜ୍ୟ ପ୍ରତିଯୋଗିତାରୁ ଜାତୀୟ ପ୍ରତିଯୋଗିତା ପାଇଁ ଦଳ ମନୋନୟନ କରିବ। ରାଜ୍ୟର ଯେକୌଣସି ବ୍ୟାୟାମଶାଳାର କ୍ରୀଡ଼ାବିତ୍(ମହିଳା/ପୁରୁଷ) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ୧୭ ତାରିଖ ସକାଳ ୯ଟାରୁ ୧୦ଟା ମଧ୍ୟରେ ପ୍ରତିଯୋଗୀମାନେ ଉତ୍କଳ କରାଟେ ସ୍କୁଲଠାରେ ୫୦ ଟଙ୍କା ଦେଇ ନାମ ପଞ୍ଜୀକରଣ କରିବାପରେ ପ୍ରତିଯୋଗିତାରେ ଭାଗନେଇପାରିବେ ବୋଲି ରାଜ୍ୟ ବାହୁକୁସ୍ତି ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ପାର୍ବତୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଟକ ଅଫିସ,୮।୩**

ପଞ୍ଜାବର ସଙ୍ଗରୁସ୍ଥିତ ୱାର ହିରୋଜ ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପି ଟ୍ରାକ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ୨ଟି ପଦକ ଜିତିଥିବା ଓଡ଼ିଶାର ପାର୍ବତୀ ସେଠୀ ଶୁକ୍ରବାର ପ୍ରତ୍ୟାବର୍ତ୍ତନ କରିଛନ୍ତି । କଟକ ରେଳଷ୍ଟେସନରେ ପାର୍ବତୀଙ୍କୁ ଭବ୍ୟ ସ୍ୱାଗତ ଜଣାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତିଯୋଗିତାର ଡିସକସ ବିଭାଗରେ ପାର୍ବତୀ ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ । ସମ୍ବର୍ଦ୍ଧନା ଅବସରରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ରାଜା କୁମାର, ସୁରେଶ ବେହେରା, ସେଖ ରହିମତୁଲ୍ଲା ଉପସ୍ଥିତ ଥିଲେ । ଏହାଛଡ଼ା ଅନ୍ୟ ଆଥଲେଟ ଶିବାନୀ ଓରାମ, ଶୁଭ୍ରଦୀପା ବିଶ୍ୱାଳ, ମଲି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଧାସଳଖ ବିଶ୍ୱକପ୍ ଖେଳିବେ ସ୍ମିଥ, ୱାର୍ନର

**ମେଲବୋର୍ନ,୮।୩**

ପୂର୍ବତନ ଅଷ୍ଟ୍ରେଲିଆନ ଅଧିନାୟକ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନର କୌଣସି ଅନ୍ତର୍ଜାତୀୟ ମ୍ୟାଚ୍ ନ ଖେଳି ସିଧାସଳଖ ବିଶ୍ୱକପ୍ ଖେଳିବେ। ବିଶ୍ୱକପ୍ ପୂର୍ବରୁ ବାସନ୍ଦାଦେଶ ଶେଷ ହେଲା ପରେ ମଧ୍ୟ ସେମାନଙ୍କୁ ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ୍‌ରେ ଖେଳିବାକୁ ସୁଯୋଗ ମିଳିବ ନାହିଁ। ଦୁଇ ଖେଳାଳିଙ୍କ ଉପରୁ ବାସନ୍ଦ ହଟିବା ପରେ ଅଷ୍ଟ୍ରେଲିଆ ୟୁଏଇଠାରେ ପାକିସ୍ତାନ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ଅଛି। ହେଲେ ସ୍ମିଥ ଓ ୱାର୍ନରଙ୍କୁ ପାକିସ୍ତାନ ସିରିଜ୍ ଲାଗି ଘୋଷିତ ୧୫ ଜଣିଆ ଅଷ୍ଟ୍ରେଲିଆ ଦଳରୁ ସାମିଲ କରାଯାଇନାହିଁ। ଏହାର ଅର୍ଥ ଉଭୟ ଅଷ୍ଟ୍ରେଲିଆନ୍ ଖେଳାଳିଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଫର୍ମ ଫେରିପାଇବାକୁ ଉଦ୍ୟମ କରିବାକୁ ପଡ଼ିବ। ଅଷ୍ଟ୍ରେଲିଆର ମୁଖ୍ୟ ଚୟନକର୍ତ୍ତା ଟ୍ରେଭର ହନ୍ସ କହିଛନ୍ତି ସ୍ମିଥ ଓ ୱାର୍ନରଙ୍କ ଉପରୁ ଚଳିତ ମାସ ୨୮ ତାରିଖରେ ବାସନ୍ଦ ହଟିବ। କିନ୍ତୁ କହୁଣି ଜନିତ ଆହତ ସମସ୍ୟା ଯୋଗୁ ତାଙ୍କୁ ବିଶ୍ରାମ ଦିଆଯାଇଛି।

## ପ୍ରତିରକ୍ଷା ପାଣ୍ଠିକୁ ମ୍ୟାଚ୍ ଫି’ ଦାନ କଲା ଟିମ୍ ଇଣ୍ଡିଆ





ସ୍ୱତନ୍ତ୍ର ମିଲିଟାରୀ କ୍ୟାପ ପରିଧାନ ସହ ଭାରତୀୟ ଦଳର ଖେଳାଳିମାନେ।

**ରାଞ୍ଚି,୮।୩**

ଭାରତୀୟ କ୍ରିକେଟ ଦଳ ଏଠାରେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିବା ବେଳେ ସେମାନଙ୍କ ଗୋଟିଏ ଦିନର ମ୍ୟାଚ୍ ଫି’କୁ ପ୍ରତିରକ୍ଷା ପଣ୍ଠିକୁ ଦାନ କରିଛି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ୩ୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ସ୍ୱତନ୍ତ୍ର ମିଲିଟାରୀ କ୍ୟାପ୍ ପରିଧାନ କରିଥିଲେ। ସ୍ଥଳ ସେନାର ଅବୈତନିକ ଲ୍ୟୁଟନାଣ୍ଟ କର୍ନେଲ ପଦରେ ଥିବା ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସାଥୀ ଖେଳାଳିଙ୍କୁ ଏହି କ୍ୟାପ ପଡ଼ିଆରେ ପ୍ରଦାନ କରିଥିଲେ। ଏଥିସହ ଦଳର ପ୍ରତ୍ୟେକ ସଦସ୍ୟଙ୍କ ସମ୍ପୂର୍ଣ୍ଣ ମ୍ୟାଚ୍ ଫି’କୁ ଜାତୀୟ ପ୍ରତିରକ୍ଷା ପାଣ୍ଠିକୁ ଦାନ କରାଯିବ ବୋଲି ଅଧିନାୟକ ବିରାଟ କୋହଲି ଘୋଷଣା କରିଥିଲେ। ଖେଳାଳିମାନେ ପରିଧାନ କରିଥିବା କ୍ୟାପରେ ବିସିସିଆଇର ଲୋଗ ମଧ୍ୟ ରହିଥିଲା। ଏହାକୁ ପରିଧାନ କରି ଶହୀଦଙ୍କ ଉଦ୍ଦେଶ୍ୟରେ ଆମେ ଶ୍ରଦ୍ଧାଞ୍ଜଳି ଦେବା ସହ ମ୍ୟାଚ୍ ଫି’କୁ ଜାତୀୟ ରକ୍ଷା ପାଣ୍ଠିକୁ ପ୍ରଦାନ କରୁଛୁ। ଶହୀଦ ସିଆର୍‌ପିଏଫ୍ ଯବାନଙ୍କ ପରିବାରର ସହାୟତା ଲାଗି ସଭିଙ୍କୁ ଆଗେଇ ଆସିବା ଦରକାର ବୋଲି କୋହଲି କହିଥିଲେ। ଦିନିକିଆ ମ୍ୟାଚ୍‌ରେ ଫି’ ବାବଦରେ ଦଳର ପ୍ରତ୍ୟେକ ଖେଳାଳି ୮ ଲକ୍ଷ ଟଙ୍କା ଲେଖାଏଁ ପାଇଥାନ୍ତି। ରିଜର୍ଭ ଖେଳାଳିଙ୍କୁ ଏହାର ଅଧା ମିଳିଥାଏ। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ସିଆର୍‌ପିଏଫ୍ ଯବାନ ପ୍ରାଣ ହରାଇଥିଲେ। ଫଳ ସ୍ୱରୂପ ବିସିସିଆଇ ଆଗାମୀ ଆଇପିଏଲର ଉଦ୍‌ଘାଟନୀ ଉତ୍ସବ ଆୟୋଜନ ନକରିବା ଲାଗି ନିଷ୍ପତ୍ତି ନେଇଥିଲା। ଏଥିଲାଗି ଧାର୍ଯ୍ୟ ବଜେଟକୁ ଶହୀଦ ଯବାନଙ୍କ ପରିବାରଙ୍କୁ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲା।

## ଧାୱନ୍ ଖସିଲେ, ‘ଏ’ ଗ୍ରେଡ୍‌ରେ ପନ୍ତ

**ନୂଆଦିଲ୍ଲୀ,୮।୩(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ପାଇଁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିଛି। ଯୁବ ଉଇକେଟକିପର ରିଷଭ ପନ୍ତ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନ କରି ଏ’ ଗ୍ରେଡ୍‌ରେ ସାମିଲ ହୋଇଛନ୍ତି। ଅନ୍ୟପଟେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ଏଲିଟ୍ ଏ ପ୍ଲସ୍ ଗ୍ରେଡ୍‌ରୁ ବାଦ୍ ଦିଆଯାଇଛି। ୨୫ ଜଣ କ୍ରିକେଟରଙ୍କୁ ୪ଟି ଗ୍ରୁପ୍‌ରେ ସାମିଲ କରାଯାଇଛି। ସେଗୁଡିକ ହେଲା ଏ ପ୍ଲସ୍ (୭ କୋଟି), ଏ ଗ୍ରେଡ (୫ କୋଟି), ବି ଗ୍ରେଡ (୩ କୋଟି) ଓ ସି ଗ୍ରେଡ (୧ କୋଟି ଟଙ୍କା)। ଗତବର୍ଷ ୨୬ଜଣ ଖେଳାଳିଙ୍କୁ ଚୁକ୍ତିରେ ସାମିଲ କରାଯାଇଥିଲା। କେବଳ ଧାୱନ ନୁହଁ, ଭୁବନେଶ୍ୱର କୁମାର ମଧ୍ୟ ଏ ପ୍ଲସ୍ ଗ୍ରେଡ୍‌ରୁ ବାଦ୍ ପଡିଛନ୍ତି। କେବଳ ଅଧିନାୟକ ବିରାଟ କୋହଲି, ରୋହିତ ଶର୍ମା ଓ ଯଶପ୍ରୀତ୍ ବୁମ୍‌ରା ଏ ପ୍ଲସ୍ ଗ୍ରେଡ୍‌ରେ ସାମିଲ ହୋଇଛନ୍ତି। ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଓ ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କୁ ନୂଆ କରି ସି ଗ୍ରେଡ୍‌ରେ ସାମିଲ କରାଯାଇଛି। ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ ଓ ଅଲରାଉଣ୍ଡର ବିଜୟ ଶଙ୍କର ଟେଷ୍ଟ ଓ ସୀମିତ ଓଭର କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଚୁକ୍ତିରେ ସାମିଲ ନାହାନ୍ତି। ଏମାନେ ୩ ଟେଷ୍ଟ କିମ୍ବା ୮ଟି ଦିନିକିଆ ଖେଳି ନ ଥିବାରୁ ସାମିଲ ହୋଇ ପାରିନାହାନ୍ତି। ମହିଳା ଚୁକ୍ତିରେ ଅଭିଜ୍ଞ ମିଥାଲି ରାଜ, ହରମନପ୍ରୀତ କୌର, ପୁନମ ଯାଦବ, ସ୍ମୃତି ମନ୍ଧାନା ଏ ଗ୍ରେଡ୍‌ରେ ସାମିଲ ହୋଇଛନ୍ତି।

**ଚୁକ୍ତିରେ ସାମିଲ ଖେଳାଳି**

**ଗ୍ରେଡ୍ ଏ ପ୍ଲସ:** ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମ୍‌ରା।

**ଗ୍ରେଡ୍ ଏ:** ମହେନ୍ଦ୍ର ସିଂ ଧୋନୀ, ଚେତେଶ୍ୱର ପୂଜାରା, ରିଷଭ ପନ୍ତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ମହମ୍ମଦ ସାମି, କୁଲଦୀପ ଯାଦବ, ଶିଖର ଧାୱନ୍, ଭୁବନେଶ୍ୱର କୁମାର, ଅଜିଙ୍କ୍ୟ ରାହାନେ।

**ଗ୍ରେଡ୍ ବି:** ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ଉମେଶ ଯାଦବ, ଯୁଜବେନ୍ଦ୍ର ଚହଲ।

**ଗ୍ରେଡ ସି:** କେଦାର ଯାଦବ, ଦୀନେଶ କାର୍ତ୍ତିକ, ଅମ୍ବାତି ରାୟୁଡୁ, ମନୀଷ ପାଣ୍ଡେ, ହନୁମା ବିହାରୀ, ଖଲିଲ ଅହମ୍ମଦ, ରିଦ୍ଧିମାନ ଶାହା।

**ଚୁକ୍ତିରେ ସାମିଲ ମହିଳା ଖେଳାଳି**

**ଗ୍ରେଡ ଏ’ (୫୦ ଲକ୍ଷ ଟଙ୍କା):** ମିଥାଲି ରାଜ, ହରମନପ୍ରୀତ କୌର, ପୁନମ ଯାଦବ, ସ୍ମୃତି ମନ୍ଧାନା।

**ଗ୍ରେଡ ବି’ (୩୦ ଲକ୍ଷ ଟଙ୍କା):** ଏକତା ବିଷ୍ଟ, ଝୁଲଣ ଗୋସ୍ୱାମୀ, ଶିଖା ପାଣ୍ଡେ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ୍।

**ଗ୍ରେଡ ସି’(୧୦ ଲକ୍ଷ ଟଙ୍କା):** ରାଧା ଯାଦବ, ଡି. ହେମଲତା, ଅନୁଜା ପାଟିଲ, ବେଦା କ୍ରିଷ୍ଣମୂର୍ତ୍ତି, ମାନସୀ ଯୋଶୀ, ପୁନମ ରାଉତ, ମୋନା ମେଶ୍ରାମ, ଅରୁନ୍ଧତି ରେଡ୍ଡୀ, ତାନିୟା ଭାଟିଆ, ରାଜେଶ୍ୱରୀ ଗାଏକ୍ୱାଡ, ପୂଜା ବସ୍ତ୍ରକାର।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡ଼ଙ୍ଗାସିଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଦେଇ ଏକ ପିକ୍‌ଅପ୍ ଭ୍ୟାନରେ ବିପଦସଙ୍କୁଳ ଅବସ୍ଥାରେ ଫେରୁଛନ୍ତି ।

# କଲଭର୍ଟ ତଳୁ ୨ ଟିଫିନ୍ ବୋମା ଉଦ୍ଧାର



ଉଦ୍ଧାର ହୋଇଥିବା ଟିଫିନ ବୋମାକୁ ଯବାନମାନେ ଦେଖାଉଛନ୍ତି ।

**ବିଷମକଟକ,୮।୩**

ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ଡଙ୍ଗରବାଙ୍କ ନିକଟ ମୁଖ୍ୟ ରାସ୍ତାରେ ଥିବା କଲଭର୍ଟ ତଳେ ଖଞ୍ଜାଯାଇଥିବା ୨ଟି ଟିଫିନ୍ ବୋମାକୁ ଶୁକ୍ରବାର ସିଆରପିଏଫ ଯବାନ ଉଦ୍ଧାର କରିଛନ୍ତି । ପରେ ତାହାକୁ ନିଷ୍କ୍ରିୟ କରିଛନ୍ତି । ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ କିଛି ସମୟ ଧରି ବନ୍ଦ ରଖାଯାଇଥିଲା । ଶୁକ୍ରବାର ବିଷମକଟକ ସିଆରପିଏଫ ଚତୁର୍ଥ ବାଟାଲିୟନ ଅତିରିକ୍ତ କମାଣ୍ଡାଣ୍ଟ ମିଠୁ ରାୟଙ୍କ ନେତୃତ୍ୱରେ ଏକ ଟିମ୍ ପେଟ୍ରୋଲିଂରେ ଯାଉଥିବା ବେଳେ ରାଜ୍ୟ ରାଜପଥର ଡଙ୍ଗରବାଙ୍କ ନିକଟ କଲଭର୍ଟ ତଳେ ଦୁଇଟି ଟିଫିନ୍ ବୋମା ଖଞ୍ଜାଯାଇଥିବା ଦେଖିବାକୁ ପାଇଥିଲେ । ଖବରପାଇ ରାୟଗଡା ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ବୋମା ରଖାଯାଇଥିବା ସ୍ଥାନରେ ଖାନ ତଲାସି କରାଯାଇଥିଲା । ବୋମା ନିଷ୍କ୍ରିୟକାରୀ ଦଳ ପ୍ରଥମେ ଗୋଟିଏ ବୋମାକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଥିଲେ । କିନ୍ତୁ ଅନ୍ୟଟିକୁ ଜିଲାଟିନ୍ ସାହାଯ୍ୟରେ ବିସ୍ଫୋରଣ କରିଥିଲେ । ବିଷମକଟକ ଥାନା ଅଧିକାରୀ ଯଶବନ୍ତ କୁମାର ହିଆଳଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ଉଭୟ ପକ୍ଷରୁ ଗାଡି ଚଳାଚଳ ବନ୍ଦ କରିଥିଲା ।

## ମାଟ୍ରିକ ଛାତ୍ରୀଛାତ୍ରଙ୍କ ସମାବର୍ତ୍ତନ ଉତ୍ସବ

**ରାୟଗଡା ଅଫିସ୍, ୮।୩**

ରାୟଗଡା ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କର ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନଗର କାର୍ଯ୍ୟବାହ ଚିତ୍ତରଞ୍ଜନ ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶିଶୁମାନଙ୍କୁ ନୈତିକ, ଆଧାତ୍ମିକ, ସଂସ୍କାର ଓ କର୍ତ୍ତବ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ । ଅନ୍ୟତମ ଅତିଥି ଭାବେ ରଜତ କୁମାର ମାଦଳା ଏବଂ ବିଦ୍ୟାଳୟର ସମ୍ପାଦକ ଡା. ସୁନୀଲ ପ୍ରସାଦ ମହାପାତ୍ର ଯୋଗ ଦେଇ ଶିଶୁମାନଙ୍କୁ କାହାଣୀ ମାଧ୍ୟମରେ ନୈତିକ ଓ ସଂସ୍କାରମୂଳକ ବିଷୟ ସମ୍ପର୍କରେ କହିଥିଲେ । ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲଚରଣ ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।













## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ନନ୍ଦପୁର,୮।୩(ଡି.ଏନ୍.ଏ.): କୋରାପୁଟ ଜିଲା ପାଡୁଆ ଥାନା ଅଧୀନ ଭେଜା ପଞ୍ଚାୟତ ଅନ୍ତର୍ଗତ ବଦଲିଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଗାଁ ନିକଟରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଲବ ତାଙ୍ଗୁଳ (୨୫)। ଗୁରୁବାର ରାତିରେ ସେ ଖାଇବା ପରେ ଦୁଇ ଜଣ ଲୋକ ତାଙ୍କୁ ଘରୁ ଡାକି ନେଇଥିଲେ। ଏହାପରେ ସେ ଆଉ ଘରକୁ ଫେରି ନ ଥିଲେ। କିନ୍ତୁ ଶୁକ୍ରବାର ସକାଳେ ଲବଙ୍କ ମୃତଦେହ ଗାଁ ନିକଟ ବିଲରେ ପଡ଼ିଥିବା ପରିବାର ଲୋକେ ଦେଖି ପାଡୁଆ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଲବ ଆନ୍ଧ୍ର ପ୍ରଦେଶରେ ଦାଦନ ଭାବେ କାମ କରୁଥିବା ବେଳେ ସେଠାରୁ ଶୁକ୍ରବାର ଘରକୁ ଫେରିଥିବା ପରିବାର ଲୋକେ କହିଛନ୍ତି। ତେବେ ବର୍ତ୍ତମାନ ତାଙ୍କର ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଆଇନଜୀବୀ ସଂଘ ବୈଠକ

ଜୟପୁର,୮।୩(ଡି.ଏନ୍.ଏ.): ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘର ଏକ ଜରୁରୀ ସାଧାରଣ ପରିଷଦ ବୈଠକ ଗୁରୁବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଂଘ ସଂପାଦକ ରବୀନ୍ଦ୍ର ପାତ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୦ ତାରିଖ ରାଜ୍ୟ ଆଇନଜୀବୀ ସଂଘ ସମେତ ସମସ୍ତ ଜିଲା ଓ ଅନ୍ୟାନ୍ୟ ସଂଘର ଏକକାଳୀନ ନିର୍ବାଚନ ପାଇଁ ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶକୁ ନେଇ ଆଲୋଚନା ହୋଇଥିଲା । ୧୮ ତାରିଖ ସୁଦ୍ଧା ସଂଘର ସମସ୍ତ ସଦସ୍ୟଙ୍କ ସୂଚୀ ରାଜ୍ୟ ବାରକୁ ପ୍ରଦାନ କରାଯିବ । ଜିଲା ସଂଘର ବରିଷ୍ଠ ସଦସ୍ୟ ଶଶାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏହାକୁ ପ୍ରସ୍ତୁତ କରାଯିବା ପାଇଁ ଦାୟିତ୍ୱ ଦିଆଯାଇଛି। ଜିଲା ସଂଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ଶରତ ମାଝି, ସହସଂପାଦକ ଗିରିଧର ଖରା, କୋଷାଧ୍ୟକ୍ଷ ହରିଶ ମୁଦୁଲି, ପ୍ରଶାନ୍ତ ତ୍ରିପାଠୀ, ଶିଶିର ମିଶ୍ର, ଦିନେଶ ନନ୍ଦ, ଉମାକାନ୍ତ ସାହୁ, ସୁଧୀର ପାଢ଼ୀ, ପି.ଇ. ରାଓ, ରଜତ ବିଶ୍ୱାସୀ, ସନ୍ତୋଷ ସାହୁ, ଆର.କେ. ସାନ୍ତ୍ରା ଉପସ୍ଥିତ ଥିଲେ ।

# ୯ ବ୍ଲକ୍‌ବାସୀଙ୍କ ସ୍ୱପ୍ନରେ ଅଟକିଛି ଷ୍ଟାଡିୟମ

**ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ କୋରାପୁଟ ଜିଲାର ୧୮ଟି ସ୍ଥାନରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରସ୍ତାବ ମଞ୍ଜୁର କରିଥିଲେ। ଏହାପରେ ଆଦିବାସୀ ଅଧ୍ୟୁଷିତ ଏହି ଜିଲାର କ୍ରୀଡ଼ା ଓ ଏହାକୁ ନେଇ ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ ଆଖିରେ ଯେଉଁ ସ୍ୱପ୍ନ ଉଙ୍କି ମାରିଥିଲା, ତାହା କିନ୍ତୁ ଧୀରେଧୀରେ ମଉଳିଯାଇଛି।**

ଅମିତାଭ ବେହେରା
କୋରାପୁଟ,୮।୩

କୋରାପୁଟ ଜିଲାରେ ୧୮ଟି ମିନି ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରସ୍ତାବ ରଖାଯାଇଥିଲା । କିନ୍ତୁ ବର୍ତ୍ତମାନ କେବଳ ୯ଟି ସ୍ଥାନରେ ଷ୍ଟାଡିୟମ ନିର୍ମାଣ ସରିଛି। ୩ଟି ସ୍ଥାନରେ ଅଧପନ୍ତରିଆ ଓ ୬ଟି ସ୍ଥାନରେ ଆଦୌ ଆରମ୍ଭ ହୋଇନାହିଁ। ଏଭଳି ପରିସ୍ଥିତିରେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର କ୍ରୀଡ଼ା ଓ ଏହାକୁ ନେଇ ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ ଆଖିରେ ଯେଉଁ ସ୍ୱପ୍ନ ରହିଥିଲା, ତାହା ମଉଳିଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ଯୁବ ଓ କ୍ରୀଡ଼ା ବିଭାଗ ୨୦୧୪-୧୫ରେ କୋରାପୁଟ ଜିଲାର ୧୪ଟି ବ୍ଲକ ଓ ୪ଟି ପୌରାଞ୍ଚଳରେ ମିନି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରାୟ ୩ କୋଟି ୬୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଥିଲା। ଏଯାବତ୍ ନାରାୟଣପାଟଣା ବ୍ଲକର ଉଚ୍ଚ ବିଦ୍ୟାଳୟ, ନନ୍ଦପୁର ବ୍ଲକ ଥୁବା ଉଚ୍ଚ ବିଦ୍ୟାଳୟ, ଲମତାପୁଟ ବ୍ଲକ ଉଚ୍ଚ ବିଦ୍ୟାଳୟ, ବୋରିଗୁମ୍ମା ବ୍ଲକ ଉଚ୍ଚ ବିଦ୍ୟାଳୟ, କୋଟପାଡ଼ ବ୍ଲକର ଭୈରବ ପଡ଼ିଆ, କୋଟପାଡ଼ ମ୍ୟୁନିସିପାଲଟି, ଜୟପୁର ପୌରସଂସ୍ଥାର ବିକ୍ରମଦେବ କଲେଜ ପଡ଼ିଆ, ସୁନାବେଡ଼ା ପୌରସଂସ୍ଥାର ସେମିଲିଗୁଡ଼ା, କୋରାପୁଟ ମ୍ୟୁନିସିପାଲିଟି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଆଦି ୯ଟି ସ୍ଥାନରେ ମିନି ଷ୍ଟାଡିୟମ ନିର୍ମାଣ ସରିଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ମିନି ଷ୍ଟାଡିୟମ ପାଇଁ ସଂପୃକ୍ତ ତହସିଲ ୫ ଏକର ଜାଗା ଚିହ୍ନଟ କରିଥିବା ବେଳେ ରାଜନୈତିକ କାରଣ ଯୋଗୁଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ବନ୍ଧୁଗାଁ ବ୍ଲକ ଉଚ୍ଚ ବିଦ୍ୟାଳୟ, ଲକ୍ଷ୍ମୀପୁର ବ୍ଲକ ସାଙ୍ଗନ୍ନା ଉଚ୍ଚ ବିଦ୍ୟାଳୟ, ସେମିଲିଗୁଡ଼ା ବ୍ଲକ କୁନ୍ଦୁଲି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ବୈପାରିଗୁଡ଼ା ବ୍ଲକ ଉଚ୍ଚ ବିଦ୍ୟାଳୟ, କୋରାପୁଟ ବ୍ଲକ ଦାମନଯୋଡ଼ିସ୍ଥିତ ମାଲୁ ସାଉନ୍ତା ଉଚ୍ଚ ବିଦ୍ୟାଳୟରେ ଷ୍ଟାଡିୟମ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲିଛି।

ପ୍ରତି ମିନି ଷ୍ଟାଡିୟମ ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବାବେଳେ ଏଥିରୁ ରାଜ୍ୟ କ୍ରୀଡ଼ା ବିଭାଗ ୨୦ ଲକ୍ଷ ଓ ସ୍ଥାନୀୟ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିୟମ ରହିଥିଲା । ଦୀର୍ଘ ୫ ବର୍ଷ ବିତିଯାଇଥିଲେ ମଧ୍ୟ କେଉଁଠି ବ୍ଲକ ପ୍ରଶାସନର ଅବହେଳା ତ ଅନ୍ୟ କେଉଁଠି ରାଜନୈତିକ କାରଣ ଯୋଗୁଁ ଏହି ଷ୍ଟାଡିୟମ ନିମାଣ କାର୍ଯ୍ୟରେ ବିଳମ୍ବ ହୋଇଛି। ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ଶେଷ ସୁଦ୍ଧା ଆରମ୍ଭ କରିବାକୁ କ୍ରୀଡ଼ା ବିଭାଗ ନିର୍ଦ୍ଦେଶ ଦେଇଛି। ଏହି ସମୟ ମଧ୍ୟରେ କାର୍ଯ୍ୟ ଆରମ୍ଭ ନହେଲେ କ୍ରୀଡ଼ା ବିଭାଗ ଅନୁଦାନ ଫେରାଇନେବ ବୋଲି କୁହାଯାଇଛି। ତେଣୁ ତୁରନ୍ତ ଷ୍ଟାଡ଼ିୟମର ବକେୟା ଆରମ୍ଭ କରିବାକୁ ଭବାନି ଶଙ୍କର ମିଶ୍ର, ବାପୁଜୀ ରାଓଙ୍କ ସମେତ କୋରାପୁଟ ଜିଲାର ବହୁ କ୍ରୀଡ଼ାବିତ ଦାବି କରିଛନ୍ତି। ଏନେଇ କୋରାପୁଟ ଜିଲା କ୍ରୀଡ଼ା ଅଧିକାରୀ ରାଜ କିଶୋର ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାରେ ବର୍ତ୍ତମାନ ୯ଟି ମିନି ଷ୍ଟାଡିୟମ କାମ ଶେଷ ହୋଇଛି। ଏବେ ୩ଟିର କାର୍ଯ୍ୟ ଚାଲିଥିବା ବେଳେ ଅନ୍ୟ ୬ଟିର କାମ ତୁରନ୍ତ ଆରମ୍ଭ ହେବ।



- **କୋରାପୁଟ ଜିଲା ପାଇଁ ମଞ୍ଜୁର ହୋଇଥିଲା ୧୮ ମିନି ଷ୍ଟାଡ଼ିୟମ**
- **୩ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ**
- **୯ ସରିଛି, ୩ ଅଧାରେ, ୬ ସ୍ଥାନରେ କାମ ଆରମ୍ଭ ହୋଇନାହିଁ**

## ଆଇନ ସହାୟତା ସମିତି ପକ୍ଷରୁ ମହିଳା ଦିବସ

ଚାନ୍ଦିଲି (କୋଟପାଡ଼)୮।୩(ଡି.ଏନ୍.ଏ.)

କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ପୂର୍ବାହ୍ନରେ ସମିତି ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ଡ. ନିଶାକର ସାହୁଙ୍କ ପୌରୋହିତ୍ୟରେ ଶତାଧିକ ମହିଳାଙ୍କୁ ନେଇ ଏକ ଶୋଭାଯାତ୍ରା କୋଟପାଡ଼ କୋର୍ଟରୁ ବାହାରି ସହର ପରିକ୍ରମା କରିଥିଲା। ସେହିପରି ରାଜୀବ ଗାନ୍ଧୀ ସଦ୍‌ଭାବନା ଗୃହରେ ମହିଳାଙ୍କ ମଧ୍ୟରେ ଝୋଟି ଓ ସଂଗୀତ ପ୍ରତିଯୋଗିତା ହୋଇଥିଲା । ପରେ ଜେଏମ୍‌ଏଫ୍‌ସି ଡ. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଡିଓ ଅଂଶୁମାନ ମହାପାତ୍ର, ଆଇନଜୀବୀ ପଙ୍କଜ ପାତ୍ର, କିଶୋର ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ବିଶୋଇ, ବିଦ୍ୟୁତଲତା ବକ୍ସି, ନିମେଶ୍ୱରୀ ନାୟକ, ବାବୁଲି ନାୟକ, ଗୁପ୍ତ ବେହେରା, ପ୍ରଦୀପ ବକ୍ସି, ଡ. ସତ୍ୟନାରାୟଣ ବ୍ରହ୍ମା, ଡ. ସୁଜାତା ପାଲ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। କୋର୍ଟ କର୍ମଚାରୀ ସରୋଜ ଖରା, କାହ୍ନୁ ଚରଣ ନାୟକ, ଆଶିଷ ବାରିକ, ତାରା ପାଣିଗ୍ରାହୀ, କମଳାକାନ୍ତ ବେହେରା, ଦେବ ନାୟକ, ବନବାସୀ ଭତରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସେତୁ ପାଇଁ ଭିତ୍ତି ପକାଇଲେ ବିଧାୟକ



ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବିଧାୟକ ପାଙ୍ଗୀଙ୍କ ସହ ଅନ୍ୟମାନେ ।

ପଟ୍ଟାଙ୍ଗି,୮।୩(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତ ତଥା ସଦର ଗ୍ରାମକୁ ଯାତାୟତ ପାଇଁ ଆବଶ୍ୟକ ପଡୁଥିବା ବକ୍ସ ସେଲ ସେତୁ ନିର୍ମାଣ ପାଇଁ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦୀର୍ଘ ବର୍ଷ ଧରି ଉକ୍ତ ଗ୍ରାମବାସୀ ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡ଼କଠାରୁ ଯାଇଥିବା ମାଟି ରାସ୍ତା ଉପରେ ଏକ ବ୍ରିଜ ପାଇଁ ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପ୍ରକଳ୍ପ ପ୍ରସ୍ତୁତ କରି ଫେବୃଆରୀ ୨୭ରେ ଟେଣ୍ଡର ଡାକି ବିଜୁ କେବିକେ ଯୋଜନା ମାଧ୍ୟମରେ ଉକ୍ତ ସେତୁ ତିଆରି ପାଇଁ ସମସ୍ତ ପ୍ରସ୍ତୁତି ସାରିଥିଲା। ଏହି ପ୍ରକଳ୍ପର ଅଟକଳ ମୂଲ୍ୟ ୬୦ ଲକ୍ଷ ଟଙ୍କା ରହିଛି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସରପଞ୍ଚ ଲାକି ଗେମେଲ, ସମିତି ସଭ୍ୟ ଜି. ଉମା ମହେଶ୍ୱର ରାଓ, ଗାଙ୍ଗରାଜପୁର ସରପଞ୍ଚ ପାନ୍ଦି ବଲ୍ଲୁ, ବିଜେଡିର ପ୍ରତମ ପାଡି, ଠିକାଦାର ଦାମୋଦର ଗୁଣ୍ଟା, କୃଷ୍ଣ ରୁଡି ଓ ପ୍ରତାପ ନାୟକ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ଉନ୍ନତମାନର ତାଲିମ

ପଟ୍ଟାଙ୍ଗି,୮।୩(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ଶିଶାଗୁଡା ନିକଟସ୍ଥ ଉଚ୍ଚ ପଡନ ଗବେଷଣା କେନ୍ଦ୍ର ଓ କେରଳର କୋଝିକୋଡ଼େ ସ୍ଥିତ ଜାତୀୟ ଉଦ୍ୟାନ କୃଷି ମିଶନ ଗୁଆ ଓ ମସଲା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଜିଲାସ୍ତରୀୟ ଗୋଷ୍ଠୀ ଅଧ୍ୟୟନ ତଥା ଆଧୁନିକ ପ୍ରଣାଳୀରେ ମସଲା ଉତ୍ପାଦନ ଓ ପ୍ରକ୍ରିୟାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଡ. ପର୍ଶୁରାମ ଶିଅଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ଏକ ମସଲା ବଗିଚା କ୍ଷେତ୍ରକୁ ମଧ୍ୟ ଶୁଭାରମ୍ଭ କରିଥିଲେ ବିଧାୟକ ପ୍ରଫୁଲ୍ଲ ପାଙ୍ଗି। ସେ କହିଥିଲେ ଯେ, ମସଲା ଉତ୍ପାଦନ ତଥା ଗୋଲମରିଚ ଚାଷକରି ଲାଭବାନ ହେବା ପାଇଁ ସରକାର ସବୁବେଳେ ଚାଷୀଙ୍କୁ ସମସ୍ତ ସୁବିଧା ସହଯୋଗ ଯୋଗାଇ ଆସୁଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋଜିକୋଡ଼େ ଭାରତୀୟ ମସଲା ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଆଙ୍କେ ଗୌଡ଼, ଡ. ଟି. ରାଜୀବ, ଡ. କ୍ରିଷ୍ଣମୂର୍ତ୍ତି, ଡ.କେଦାରେଶ୍ୱର ପ୍ରଧାନ, ଡ. ଶଙ୍କର୍ଷଣ ରାଉତ, ଆତ୍ମା ପ୍ରକଳ୍ପ ଉପ ନିର୍ଦ୍ଦେଶକ ବୀରେନ୍ଦ୍ରନାଥ ବରିଆ, ବିଡିଓ କରୁଣାକର ପ୍ରଧାନ, ମିହିର ରଞ୍ଜନ ମହାନ୍ତି, ଏଲ୍.ପି. ଦେଓ, ବ୍ଲକ ସହକାରୀ କୃଷି ଅଧିକାରୀ ଅଭିମନ୍ୟୁ ସ୍ୱାଇଁ ଯୋଗ ଦେଇଥିଲେ। ଗବେଷଣା କେନ୍ଦ୍ରର ଡ. ସୁନୀତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ସଂକ୍ଷେପରେ



### ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର

ଟିକିରି,୮।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ଡ. ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରକ୍ତଚାପ, ମଧୁମେହ, କର୍କଟ ଭଳି ଅଣ ସଂକ୍ରାମକ ରୋଗର ଚିହ୍ନଟ ଓ ନିରାକରଣ ନେଇ ଆଲୋଚନା ହୋଇଥିଲା । ଆୟୋଜିତ ଶିବିରରେ ସ୍ଥାନୀୟ କେତେ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା । ଏହା ପ୍ରଶାନ୍ତି କୋରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ପରିଚାଳନା କରିଥିଲେ ।

### ଗୁଣାତ୍ମକ ଶିକ୍ଷା ନେଇ ଶିକ୍ଷକଙ୍କୁ ତାଲିମ

ଟିକିରି,୮।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି, ଡଙ୍ଗାସିଲଠାରେ ଉଜ୍ୱଳା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ନେଇ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରତି କେନ୍ଦ୍ରରେ ବିଜୟଗତି, ଗୋପାଳ ପାଟିକା, ପୁରନ୍ଦର ପ୍ରିୟବ୍ରତ ସାହୁ ପ୍ରଶିକ୍ଷଣ ଦେଉଥିବା ଟିକିରି ସିଆରସିସି ପ୍ରବୀଣ ସାହୁ କହିଛନ୍ତି ।

### ମହିଳାଙ୍କ ଭୂମିକା ନେଇ ଗୁରୁତ୍ୱାରୋପ

ଗୁଣପୁର, ୮।୩(ଡି. ଏନ. ଏ): ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ମହିଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଜିଆଇଇଟିଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ କୁଳପତି ଡ. ସେଷ୍ଟିଲି କୁମାର ଯୋଗ ଦେଇ ମହିଳା ମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଅଧାପିକା ପ୍ରତିଭା କର, ସାଗରିକା ଶତପଥୀ ମହିଳା ସଶକ୍ତୀକରଣ ଉପରେ କହିଥିଲେ । ଅଧାପକ ସୁମନ ମିଶ୍ର ମହିଳା ଦିବସର ଆଭିମୁଖ୍ୟ ଉପରେ କହିଥିଲେ । ପ୍ରଫେସର ମୈତ୍ରୀ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବନ୍ଦିତା ସାହୁ ଧନ୍ୟବାଦ ଦେଇଥିଲେ । ସେହିପରି ସିଏଫଜିଟି ସଂଗଠନ ପକ୍ଷରୁ ଜଲତାର ପଞ୍ଚାୟତ କାର୍ଯ୍ୟାଳୟଠାରେ ମଧ ମହିଳା ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ଶବର, ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗ ଦେଇ ମହିଳାମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ଏହାକୁ ସଂଗଠନର ଦେବେନ୍ଦ୍ର ଗଉଡ ପରିଚାଳନା କରିଥିଲେ । ସେହି ଗୁଣପୁର କୋର୍ଟ ପରିସରରେ ଥିବା ଭିଡିଓ କନଫରେନ୍ସ ହଲଠାରେ ମଧ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏଡ଼ିଜେ ନିଶିଥ ନିଶଙ୍କ, ସବ୍‌ଜଜ୍ ବିଭୁଦତ୍ତ ନାୟକ, ଏସଡ଼ିଜେଏମ ଅରୁନ୍ଧତୀ ଆଚାର୍ଯ୍ୟ, ସହକାରୀ ଜିଲାପାଳ ରୀନା ପ୍ରଧାନ ଉପସ୍ଥିତ ଥିଲେ । ଅତିଥିମାନେ ମହିଳାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ କହିଥିଲେ ।

# ଶୀତଳଭଣ୍ଡାରରେ ରହୁଛି ଚୋରାକାଠ

ରାୟଗଡା ଅଫିସ୍, ୮।୩

**ରାୟଗଡ଼ା ଜିଲା**

- ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ
- ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ଖାଦ୍ୟ, ଶସ୍ୟ ରଖିବା ଚାଷୀଙ୍କ ପାଇଁ ସ୍ୱପ୍ନ




ସରକାର ଚାଷୀଙ୍କ ପାଇଁ ଯୋଜନା ପରେ ଯୋଜନା କରି ଚାଲିଛନ୍ତି । ହେଲେ ସୁଫଳ ପାଉ ନାହାନ୍ତି ଚାଷୀ । ଆମ ରାଜ୍ୟର ଚାଷୀମାନେ ସେମାନଙ୍କର ପନିପରିବା ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ନ ଥିବାରୁ ବାଧହୋଇ କମ୍ ଦାମରେ ବିକ୍ରି କରୁଛନ୍ତି । ନଚେତ୍ ରାସ୍ତାରେ ଫିଙ୍ଗି ପ୍ରତିବାଦ କରୁଛନ୍ତି । ସେହିପରି କ୍ଷୀର ବ୍ୟବସାୟୀମାନେ କ୍ଷତି ସହି ନ ପାରି ରାସ୍ତାରେ କ୍ଷୀର ଢ଼ାଳି ପ୍ରତିବାଦ କରୁଛନ୍ତି । ଏମାନଙ୍କ ପାଇଁ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଉପଯୁକ୍ତ ଶୀତଳ ଭଣ୍ଡାର ଖୋଲିପାରିନାହାଁନ୍ତି । ଯେଉଁଠି ବି ଖୋଲାଯାଇଛି ତାହା ବର୍ଷ ବର୍ଷ ଧରି କାର୍ଯ୍ୟକ୍ଷମ ନ ହୋଇ ଭୂତ କୋଠି ପାଲଟିଛି । ଏମିତି କି ଏହା ଚୋରା କାଠ ବେପାରୀଙ୍କ ଗୋଦାମ ଘର ସାଜିଛି । ଏପରି ଦେଖିବାକୁ ମିଳିଛି ରାୟଗଡା ସଦର ମହକୁମାରେ ।

ଓଡ଼ିଶା ଷ୍ଟେଟ କୋର୍ପୋରେଟିଭ ମାର୍କେଟିଂ ଫେଡେରେସନ ଦ୍ୱାରା ନିର୍ମିତ ଶୀତଳ ଭଣ୍ଡାରକୁ ୨୦୧୩ ଫେବୃୟାରୀ ୪ ତାରିଖରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ପାଇଁ ଲୋକାର୍ପଣ କରିଥିଲେ । ଏହାକୁ ନେଇ ଚାଷୀ ଖୁସି ହୋଇଥିଲେ । ଭାବିଥିଲେ ସେମାନଙ୍କ ଦୁଃଖ ଦୂର ହୋଇଛି । ହେଲେ ଖାଦ୍ୟ ଶସ୍ୟ ଶୀତଳ ଭଣ୍ଡାରରେ ରଖିବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଗଲା । ରକ୍ଷଣାବେକ୍ଷଣ ଅଭାବରୁ ଏହା ବର୍ତ୍ତମାନ ଜରାଜିର୍ଣ୍ଣ ଅବସ୍ଥାରେ ରହିବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । କୋଠରିଗୁଡିକରେ ବ୍ୟବସାୟୀମାନେ ଚୋରା କାଠ ରଖିଥିବା ଦେଖିବାକୁ ମିଳିଛି । ଦୁଃଖର ବିଷୟ କୋଟି କୋଟି ଟଙ୍କାରେ ନିର୍ମିତ ଏହି ଶୀତଳ ଭଣ୍ଡାର ବିଷୟରେ ରାୟଗଡା ଜିଲାବାସୀ ଜାଣନ୍ତି ନାହିଁ । ଏମିତି କି ଜିଲା ପ୍ରଶାସନ ପାଖରେ ଏ ସମ୍ବନ୍ଧରେ କୌଣସି ତଥ୍ୟ ମଧ୍ୟ ନାହିଁ । ଏଠାରେ ଥିବା ମାର୍କଫେଡ୍ କାର୍ଯ୍ୟାଳୟର ଜେନେରାଲ ମ୍ୟାନେଜର ଗତବର୍ଷ ଅବସର ନେଇଯାଇଛନ୍ତି । ବର୍ତ୍ତମାନ କାର୍ଯ୍ୟାଳୟର କନିଷ୍ଠ କିରାଣୀ ସୁରେନ୍ଦ୍ର କୁମାର ପଟ୍ଟନାୟକ ଏହାର ଦାୟିତ୍ୱରେ ରହିଛନ୍ତି । ହେଲେ ଏହି ଶୀତଳ ଭଣ୍ଡାର ସମ୍ପର୍କରେ ସେ କିଛି ଜାଣିନାହାଁନ୍ତି ବୋଲି କହିଛନ୍ତି । ଏ ସମ୍ପର୍କରେ ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ, ମୁଁ ଅଳ୍ପ ଦିନ ହେବ ଏଠାରେ ଦାୟିତ୍ୱ ନେଇଛି । ଏପରି ଏକ ଶୀତଳ ଭଣ୍ଡାର ଦୀର୍ଘବର୍ଷ ହେଲା ପଡି ରହିଥିବା ମୋ ଦୃଷ୍ଟିକୁ ଆସିନାହିଁ । ଉପଜିଲାପାଳଙ୍କୁ ଏହାର ତଦନ୍ତ ରିପୋର୍ଟ କରିବା ପରେ ପଦକ୍ଷେପ ନେବେ ବୋଲି କହିଛନ୍ତି ।

# ବାସନ୍ତୀଙ୍କ ଚିକିତ୍ସାରେ ଅର୍ଥ ବାଧକ

ରାୟଗଡ଼ା ଅଫିସ, ୮।୩



ରାୟଗଡା ଜିଲା ସଦରମହକୁମା କସ୍ତୁରୀ ନଗର ପ୍ରଥମ ସାହିରେ ମା'ଙ୍କ ସହ ରୁହନ୍ତି ଦିବ୍ୟାଙ୍ଗ ବାସନ୍ତୀ । ପିଲାଟି ଦିନରୁ ବାପା ଆଉ ପାରିରେ । ଜନ୍ମରୁ ଦିବ୍ୟାଙ୍ଗ ବାସନ୍ତୀଙ୍କ ଏକମାତ୍ର ସାହାରା ହେଉଛନ୍ତି ମା' କମଳା ପାଡୀ । ବାପା ବୃନ୍ଦାବନଙ୍କର ୨୦ବର୍ଷ ତଳେ ମୃତ୍ୟୁ ହୋଇଯାଇଛି । ଲୋକଙ୍କ ଘରେ ରୋଶେୟା କାମ କରି କମଳା ନିଜର ଆଉ ବାସନ୍ତୀଙ୍କ ଭରଣପୋଷଣ କରୁଛନ୍ତି । ବାସନ୍ତୀଙ୍କୁ ମିଳୁଛି ମାସିକ ୭ଶହ ଟଙ୍କା ଭତ୍ତା । ବାସନ୍ତୀଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ଏବେ ମା' କମଳା । ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଥିବା କମଳା କହିଛନ୍ତି ।

ପାରାଲିସିସ୍ ରୋଗରେ ବାସନ୍ତୀ ପୀଡ଼ିତ । ୨୨ବର୍ଷୀୟା ବାସନ୍ତୀଙ୍କ ବୟସ ବଢ଼ିବା ସହ ସମସ୍ୟା ମଧ୍ୟ ବଢ଼ି ଚାଲିଛି । ଅନ୍ୟମାନଙ୍କ ଘରେ ରୋଶେୟା କାମ କରି କମଳା ମାସିକ ୪ହଜାର ଟଙ୍କା ରୋଜଗାର କରୁଛନ୍ତି । ଏଥିରେ ଦୁଇପ୍ରାଣୀ କୁଟୁମ୍ବ ଚଳିବା କଷ୍ଟକର ବୋଲି ସେ କହିଛନ୍ତି । ଏଣେ ଅସ୍ତ୍ରୋପଚାର କଲେ ହିଁ ବାସନ୍ତୀ ଚାଲିବୁଲି ପାରିବେ ବୋଲି କଟକର ଜଣେ ଅସ୍ଥିଶଲ୍ୟ ଡାକ୍ତର କହିଛନ୍ତି । କିନ୍ତୁ ସ୍ୱଳ୍ପ ରୋଜଗାରରେ ପରିବାର ପ୍ରତିପୋଷଣ କଷ୍ଟକର ହେଉଥିବାବେଳେ ବାସନ୍ତୀଙ୍କ ଅସ୍ତ୍ରୋପଚାର କରାଇବା ସମ୍ଭବ ନୁହେଁ ବୋଲି କହିଛନ୍ତି କମଳା । ଘରେ ଦିନ ତମାମ ବାସନ୍ତୀ ଏକା ରହୁଥିବାବେଳେ ନା ସେ ନିଜେ ଚାଲି ପାରୁଛନ୍ତି ନା ହାତରେ ଖାଇ ପାରୁଛନ୍ତି ବୋଲି ପଡୋଶୀମାନେ କହିଛନ୍ତି । ଜିଲା ପ୍ରଶାସନ ସହାୟତା ଯୋଗାଇ ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି । ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଆଦିପତି କହଁରଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ବାସନ୍ତୀଙ୍କୁ ୭ଶହ ଟଙ୍କା ଦିଆଯାଉଛି । ଯଦି ଚାଲିବାରେ ବିଶେଷ ଅସୁବିଧା ହେଉଛି ତାଙ୍କୁ ହ୍ୱିଲ୍ ଚେୟାର ଯୋଗାଇ ଦିଆଯିବ । ବାସନ୍ତୀଙ୍କ ଉଚ୍ଚ ଚିକିତ୍ସା ନିମନ୍ତେ କମଳା ସିଡିଏମ୍‌ଓ କିମ୍ବା ଜିଲାପାଳଙ୍କୁ ଜଣାଇଲେ ସହାୟତା ମିଳି ପାରିବ ବୋଲି ସେ କହିଛନ୍ତି ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ ।

ରାୟଗଡା ଅଫିସ/ଜେକେପୁର, ୮।୩

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଦିବସରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ଥିବା ଅସାମନତା ଦୂର କରି ସେମାନଙ୍କୁ ସମ୍ପୂର୍ଣ୍ଣ ଅଧିକାର ପ୍ରଦାନ କରାଯିବା ଆବଶ୍ୟକ ବୋଲି କହିଥିଲେ । ଏଥିରେ ପ୍ରଫେସର ନରେନ୍ଦ୍ର ମିଶ୍ର ମୁଖ୍ୟବକ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ସହକାରୀ ଜିଲାପାଳ ପୁଷ୍ପାଞ୍ଜଳି ଚୌଧୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶତାଧିକ ମହିଳା ଓ ଅଙ୍ଗନୱାଡ଼ି କର୍ମୀ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ବ୍ଲକ୍‌ର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସେହିପରି ସ୍ଥାନୀୟ ମହିଳା ଅନୁଷ୍ଠାନ ସଂସ୍କୃତି ପକ୍ଷରୁ ମଧ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ପରେ ଅନୁଷ୍ଠାନର ମହିଳାମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଏନ୍.କେ କୁଣ୍ଡୁ, ପ୍ରେମ କୁମାର, ଅମୂଲ୍ୟ ସାହୁ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାନେତ୍ରୀ ରୁବିରାଣୀ କୁଣ୍ଡୁ, ଅନୁସୟା ମାଝି, ପଦ୍ମାଳୟା ମିଶ୍ର, ସରସ୍ୱତୀ ସାହୁ, ରୀତାରାଣୀ ମିଶ୍ର, ଅରୁଣା ବେହେରା ଏହାକୁ ପରିଚାଳନା କରିଥିଲେ । ସେହିପରି ସେଞ୍ଚୁରିଆନ ୟୁନିଭରସିଟି ଓ ସେଞ୍ଚୁରିଆନ ପବ୍ଲିକ ସ୍କୁଲ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଏଥିରେ ୟୁନିଭରସିଟିର ନିର୍ଦ୍ଦେଶକ ରଜେଶ ପାଢ଼ୀ, ଲିଲିପୁଟ ବିଦ୍ୟାଳୟର ନିର୍ଦ୍ଦେଶିକା ସସ୍ମିତା ମହାନ୍ତି, ମହାବିଦ୍ୟାଳୟ ଅଧ୍ୟକ୍ଷା ଚନ୍ଦନା ଅଧିକାରୀ, ବସୁନ୍ଧରା କର୍ମାକର, ପ୍ରଭାତ କୁମାର ସାହୁ, ଦିନେଶ କୁମାର, ଅନୁସୟା ମାଝି ଉପସ୍ଥିତ ଥିଲେ । ରାୟଗଡା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଥିବା ସମ୍ମିଳନୀ କକ୍ଷରେ ଜିଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ହୃଷିକେଶ ସାହୁଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଏଥିରେ ଜିଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଦୌରାଜଜ୍ ସୋମଶେଖର ଜେନା ସଭାପତିତ୍ୱ କରିଥିଲେ । ପରିବାର ଅଦାଲତର ଜଜ୍ ସୌଭାଗିନୀ ମଲ୍ଲିକ, ଅତିରିକ୍ତ ଜିଲା ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଜ୍ଞାନେନ୍ଦ୍ର କୁମାର ବାରିକ, ରେଜିଷ୍ଟ୍ରର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ରୁଦ୍ରପ୍ରସାଦ ମହାପାତ୍ର, ଅନୁବିଭାଗୀୟ ଦଣ୍ଡାଧିକାରୀ ସୁଚରିତା ମହାନ୍ତି, ନ୍ୟାୟାଧିକାରୀ ଗ୍ରାମ୍ୟ ନ୍ୟାୟାଳୟ ବୈଶାଳି ନାୟକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ମହମ୍ମଦ ହବିବୁର ରେହେମାନ ସିଦ୍ଦିକି ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜେକେପୁରସ୍ଥିତ ବଡଖିଲାପଦର ପଞ୍ଚାୟତ ପିଣ୍ଡାପଦରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ଜ୍ଞାନ ବିଜ୍ଞାନ ସମିତିର ରାୟଗଡା ଜିଲା ସଂଯୋଜକ ବିପିନ ବାରିକ ମୁଖ୍ୟ ଅତିଥି, ଏସ୍‌ଏମ୍‌ସି ଅଧକ୍ଷ ମାଧବ ଲିମା ଓ ୱାର୍ଡସଭ୍ୟ ଶଙ୍କର ଗାଣ୍ଟା ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାରୁବ୍ରହ୍ମ ବେହେରା ସଭାପତିତ୍ୱ କରିଥିବା ବେଳେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

ଜେକେପୁର, ୮।୩(ଡି.ଏନ୍.ଏ)

ରାୟଗଡା ଜିଲା କୋତାପେଟା ପଞ୍ଚାୟତ ସିଲଟିଗୁଡାଠାରେ ଭାଜପାର ବୁଥ୍‌ସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ କିଷାନ ମୋର୍ଚ୍ଚାର ରାଜ୍ୟ ଉପସଭାପତି ରଜତ ମାଦଳା, ମଣ୍ଡଳ ଉପସଭାପତି ମନ୍ମଥ ରାଓ, ପଞ୍ଚାୟତ ସଭାପତି ଗୌରୀ ଚୌଧୁରୀ, ସାଧାରଣ ସମ୍ପାଦକ ସୁରେଶ ଲିମା, ତାଉଡୁ ହିମିରିକା, ବିକ୍ରମ ମିଣିଆକା, ଦମୟନ୍ତୀ ହିମିରିକା, ସୋମନାଥ ହିମିରିକାଙ୍କ ସମେତ ୮ଟି ବୁଥ୍‌ର ୨୦୦ରୁ ଅଧିକ କର୍ମୀ ଯୋଗ ଦେଇଥିଲେ । ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାରେ ରାଜ୍ୟ ସରକାରଙ୍କ ଉଦାସୀନତା, ପାନୀୟ ଜଳ, ଗ୍ରାମ ସମସ୍ୟା ଉପରେ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ କାଳୀରାମ ମାଝି ଉଦ୍‌ବୋଧନ ଦେଇଥିଲେ । କୃଷ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମୋବାଇଲ ଦୋକାନରୁ ଚୋରି

ଜେକେପୁର,୮।୩(ଡି.ଏନ୍.ଏ)

ରାୟଗଡା ଜିଲା ଚାନ୍ଦିଲି ପଞ୍ଚାୟତ ଜେକେପୁରଠାରେ ଏକ ମୋବାଇଲ ଦୋକାନରୁ ଚୋରି ହୋଇଛି । ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଜେକେପୁର ବିସିରୋଡ୍ ଅଞ୍ଚଳର ପ୍ରିମିୟର ମୋବାଇଲ ଦୋକାନର ସଟର ତାଲା ଭାଙ୍ଗି ପ୍ରାୟ ୨୦ହଜାର ଟଙ୍କାର ମୋବାଇଲ ଫୋନ୍ ଚୋରି କରି ନେଇଥିବା ଦୋକାନ ମାଲିକ ଥାନାରେ ଅଭିଯୋଗ କରିଛନ୍ତି । ଚାନ୍ଦିଲି ପୋଲିସ ଏକ ମାମଲା( ନମ୍ବର ୪୧/୧୯) ରୁଜୁ କରି ତଦନ୍ତ ଚଳାଇଛି ।

# ୧୨୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ବିଜୁ ଯୁବ ବାହିନୀ ତରଫରୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଉଛି ।

ରାୟଗଡା ଅଫିସ,୮।୩

ରାୟଗଡା ପୌର ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗୁରୁବାର ସହରାଞ୍ଚଳରେ ପକ୍କା ଘର ନ ଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ହିତାଧିକାରୀମାନଙ୍କ ଗୃହ ନିର୍ମାଣ ନିମନ୍ତେ ୧୨୫ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ଲାଲବିହାରୀ ହିମିରିକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ଏହା ବଣ୍ଟନ କରିଥିଲେ । କାର୍ଯ୍ୟାଦେଶର ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କଲେ ୨୦ ହଜାର ଟଙ୍କା ଏବଂ ୬ମାସ ରେ ଶେଷ କଲେ ୧୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ପୌର ପରିଷଦର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ପ୍ରକାଶ କରିଛନ୍ତି । ପରେ ବିଜୁ ଯୁବ ବାହିନୀ ତରଫରୁ ପୌର ପରିଷଦର ୧୨ଟି ୱାର୍ଡର ୬ଟି କ୍ଲବକୁ ବିଭିନ୍ନ କ୍ରୀଡା ଉପକରଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ, ବିଜୁ ଯୁବ ବାହିନୀର ପୌର ସଂସ୍ଥା ସଂଯୋଜକ ଚିତ୍ତରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



ସମାବେଶରେ ଯୋଗ ଦେଇଥିବା ମହିଳାମାନେ ।

# ସମାଜକୁ ହିଂସାମୁକ୍ତ କରିବ ନାରୀଶକ୍ତି

ମୁନିଗୁଡ଼ା,୮।୩(ଡ଼ି.ଏନ.ଏ)

ବିଶ୍ୱ ମହିଳା ଦିବସ ପାଳନ ଅବସରରେ ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟସ୍ଥ ଭାଲିଆପଦର ଏବଂ ହୁକୁମତୋଳାଠାରେ ବ୍ଲକସ୍ତରୀୟ ମହିଳା ସମାବେଶ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ସଂଗଠିତ ନାରୀଶକ୍ତି ହିଁ ସମାଜକୁ ହିଂସାମୁକ୍ତ କରିବାରେ ସମର୍ଥ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ନ୍ୟାସନାଲ ଆଲିଆନ୍ସ ଅଫ ଓମେନ ଓଡ଼ିଶା ଅଧ୍ୟାୟ ଏବଂ ଫର ମୁନିଗୁଡ଼ା ପ୍ରକଳ୍ପର ମିଳିତ ସଂଯୋଜନାରେ ଭାଲିଆପଦରଠାରେ ହେମନ୍ତୀ କୁଲେସିକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ । ପୁରନ୍ଦର ବନ୍ଥ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପରେ ଲୋକନାଥ ପ୍ରଧାନ ବିଶ୍ୱ ମହିଳା ଦିବସ ପାଳନର ଐତିହ୍ୟ ଏବଂ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀଧର କରଡ଼ା, ସାମାଜିକ କର୍ମୀ ବିଜୟ କୁମାର ବାବୁ, ଗୌରାଙ୍ଗଚରଣ ରାଉତ, ପ୍ରମିଳା ସ୍ୱାଇଁ, ଦୁଷ୍ମନ୍ତ ସାହୁ, ଗୀତାରାଣୀ ସ୍ୱାଇଁ, ଉଷାରାଣୀ ଖଟୁଆ, ଦୋଳଗୋବିନ୍ଦ ନାୟକ ଯୋଗ ଦେଇ ମହିଳା ସଶକ୍ତୀକରଣ, ମହିଳାମାନଙ୍କ ଅଧିକାର ଏବଂ ଲିଙ୍ଗଗତ ସମାନତା, ମଦମୁକ୍ତ ଓଡ଼ିଶା, ଶିକ୍ଷା,ସ୍ୱାସ୍ଥ୍ୟ, କୃଷି ବିକାଶରେ ମହିଳମାନଙ୍କ ଭୂମିକା ସମ୍ପର୍କରେ କହିଥିଲେ । ସେହିପରି ହୁକୁମତୋଳାଠାରେ ସ୍ୱୟଂ ସହାୟିକା ଝୁମ୍ପା କୁଶୁଲ୍ୟାଙ୍କ ଅଧ୍ୟକ୍ଷତାରେ ନିସାଦ୍ରୀ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନନ୍ତ ସାମନ୍ତ, ଅଭିଷେକ ମହାନ୍ତି, ନିହାରିକା କୁଣ୍ଡୁ, ଚନ୍ଦନ ସିଂହ, ରୋହିତ କୁମାର ସାହୁ, ପୁଲକ ମହାନ୍ତି, ପ୍ରମୋଦ ସାହୁକାର, ଲକ୍ଷ୍ମୀନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ଗୁଣପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ପୁଣି କ୍ୟାବିନେଟ ମଞ୍ଜୁରୀ

**ଅଞ୍ଚଳବାସୀଙ୍କ ମଧ୍ୟରେ ଆଶା ସଞ୍ଚାର**

ଗୁଣପୁର,୮।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ୨୦୧୩ରୁ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଅନୁଧ୍ୟାନ କରାଯାଉଥିଲା । ଏହି ସମୟ ମଧ୍ୟରେ ଅନେକ ଥର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅଧିକାରୀମାନେ ଆସି ଅନୁଧ୍ୟାନ କରି ଯାଇଛନ୍ତି । ଦୀର୍ଘବର୍ଷ ହେବ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ତାହା ହୋଇପାରି ନ ଥିବାରୁ ଗୁଣପୁରର କେନ୍ଦ୍ରୀୟ ବିଦ୍ୟାଳୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିଲା । ହେଲେ ଗୁରୁବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଘୋଷଣା ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି । କେନ୍ଦ୍ର ମାନବ ସମ୍ବଳ ବିକାଶମନ୍ତ୍ରୀ ପ୍ରକାଶ ଜାଭଡେକର ଗୁଣପୁର ସହ ଦେଶର ଅନ୍ୟାନ୍ୟ ସ୍ଥାନରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ସୂଚନା ଦେବା ପରେ ଲୋକଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର ହୋଇଛି ।

୨୦୧୭ ମାର୍ଚ୍ଚ ୧୭ ତାରିଖରେ ଗୁଣପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ କ୍ୟାବିନେଟ ମଞ୍ଜୁରୀ ମିଳିଥିଲା । ୨୦୧୭ ଜୁନ ୩୦ ସୁଦ୍ଧା ସମସ୍ତ ଆନୁଷାଙ୍ଗିକ ସୁବିଧା ଯୋଗାଇ ଦେବାକୁ ରାୟଗଡା ଜିଲାପାଳଙ୍କୁ କୁହାଯାଇଥିଲା । ଏହିକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଏକ ପ୍ରତିନିଧି ଦଳ ଏପ୍ରିଲ ୮ ତାରିଖରେ ଗୁଣପୁର ଆସି ଭିତ୍ତିଭୂମି ଅନୁଧ୍ୟାନ କରିବା ସହ ରାୟଗଡା ଯାଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ସମସ୍ତ ଦାବି ମୁତାବକ ଜିଲା ପ୍ରଶାସନ ଆନୁଷଙ୍ଗିକ ସୁବିଧାସୁଯୋଗ ଦେଇଥିଲେ । ପ୍ରତିନିଧି ଦଳରେ ପାରଳାଖେମୁଣ୍ଡି କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲ ଏ.ଜୋନଲଡ, ଶିକ୍ଷା ବୈଷୟିକ ବିଶେଷଜ୍ଞ ପ୍ରମୋଦ କୁମାର ପାଢୀ ଆସି ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ । ଶେଷରେ ୨୦୧୭ ମେ ୩୧ ତାରିଖରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆଞ୍ଚଳିକ ଶାଖା ଭୁବନେଶ୍ୱରର ଡେପୁଟି କମିଶନର ଜି.ଭି.ଏଲ. ଜଗନ୍ନାଥ ଗୁଣପୁର ଆସି ସମସ୍ତ ସ୍ଥିତି ଅନୁଧ୍ୟାନ କରିଥିଲେ । ଉକ୍ତ ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଗୁଣପୁର ଗସ୍ତ କରି କେନ୍ଦ୍ରୀୟ ବିଦ୍ୟାଳୟ ଓଡିଶା ଶାଖା ମୁଖ୍ୟ ଜଗନ୍ନାଥଙ୍କ ସହ ଆଲୋଚନା କରିଥିଲେ । ପରେ ତୁରନ୍ତ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଏପରି ଅନିଶ୍ଚିତତା ଲାଗି ରହିଥିବାବେଳେ ୨୦୧୮ ଏପ୍ରିଲ ୨୦ ତାରିଖରେ ଜିଲାପାଳଙ୍କ ନିକଟକୁ ପୁଣି ଏକ ପତ୍ର କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ନୂଆଦିଲ୍ଲୀ ପକ୍ଷରୁ ଆସିଥିଲା । ଯେଉଁଥିରେ ନୂତନ ମଞ୍ଜୁରି ମିଳିଲେ ଗୁଣପୁରଠାରେ ଏହା ଖୋଲିବ ବୋଲି ଉଲ୍ଲେଖ ରହିଥିଲା । ୨୦୧୩ ମାର୍ଚ୍ଚ ୬ ତାରିଖରେ ପ୍ରଥମେ ଗୁଣପୁରଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଏକ ପ୍ରତିନିଧି ଦଳ ଗସ୍ତ କରି ଅନୁଧ୍ୟାନ କରି ଫେରିଥିଲେ । ଏହାପରଠାରୁ ଅନେକ ଥର ପ୍ରତିନିଧି ଦଳ ଆସି ଅନୁଧ୍ୟାନ କରି ଯାଇଛନ୍ତି । ଶେଷରେ ୨୦୧୭ରେ ଗୁଣପୁରଠାରେ ଏହି ବିଦ୍ୟାଳୟ ଖୋଲିବା ନେଇ ସବୁଜ ସଙ୍କେତ ମିଳିଥିଲା । ଏଥିନିମନ୍ତେ ତହସିଲ ଅଫିସ ନିକଟରେ ୧୦ ଏକର ଜମି ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଛି । ଏଥିସହ କର୍ମଚାରୀ ରହିବା ନିମନ୍ତେ ଗୃହ, ବେଲ ହଷ୍ଟେଲ ପରିସରରେ ଅସ୍ଥାୟୀଭାବେ ୨୮ ଶ୍ରେଣୀ ଗୃହ, ୧୬ଟି ପାଇଖାନା, ଗାଧୁଆ ଗୃହ, ଗୋଟିଏ ପ୍ରାର୍ଥନାଗୃହ, ସ୍ଥାୟୀ ଅସ୍ଥାୟୀ ସ୍ଥାନ ଏବଂ ଗୃହ ଆଦି ଯୋଗାଇ ଦିଆଯାଇଥିଲା । ଏତେ ସବୁ ଅଗ୍ରଗତି ସତ୍ତ୍ୱେ ଗୁଣପୁରରେ ଉକ୍ତ ବିଦ୍ୟାଳୟ ହୋଇପାରି ନ ଥିଲା । ବର୍ତ୍ତମାନ ପୁଣି ଥରେ ଗୁଣପୁରରେ କେନ୍ଦ୍ରୀୟବିଦ୍ୟାଳୟଖୋଲିବା ନେଇ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରି ମିଳିଛି ।

## ସଂକ୍ଷେପରେ

### ପ୍ରଶିକ୍ଷାର୍ଥୀଙ୍କୁ ମିଳିଲା ପ୍ରମାଣପତ୍ର

ପାରଳାଖେମୁଣ୍ଡି, ୮।୩(ସ୍ୱ.ପ୍ର.)- ଗଜପତି ଜିଲା ଶିଳ୍ପ ପ୍ରତିଷ୍ଠାନ ତରଫରୁ ପାରଳାଖେମୁଣ୍ଡି ସହରସ୍ଥ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ପରିସରରେ ଗତ ୧୨ଦିନ ଧରି ଚାଲିଥିବା ଔଦ୍ୟୋଗିକ ଏବଂ କ୍ଷୁଦ୍ରଶିଳ୍ପ ବିକାଶ ସଂକ୍ରାନ୍ତ ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଜିଲା ଶିଳ୍ପ ପ୍ରତିଷ୍ଠାନର ସାଧାରଣ ପରିଚାଳକ ବାବୁଲାଲ ଗନ୍ତାୟତ, ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ଜିଲା ନାବାର୍ଡ ଅଧିକାରୀ ସୁଦ୍ୟୁମ୍ନ ପାଲ ଯୋଗଦେଇ ସମସ୍ତ ୩୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରର ପାଠ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିବାବେଳେ କେନ୍ଦ୍ର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।

### ଉଖୁରା ଗ୍ରାମରେ ବିଜେଡିର ମିଶ୍ରଣ ପର୍ବ

ପାରଳାଖେମୁଣ୍ଡି, ୮।୩ (ସ୍ୱ.ପ୍ର.)- ଗଜପତି ଜିଲା ଗୁମ୍ମା ବ୍ଲକ ଉଖୁରା ଗ୍ରାମରେ ଗୁରୁବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଏବଂ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଉଖୁରା ଗ୍ରାମର ୨୫ରୁ ଉର୍ଦ୍ଧ୍ୱ କଂଗ୍ରେସ ନେତା ଓ କର୍ମୀ ବିଜେଡିରେ ଯୋଗଦାନ କରିଛନ୍ତି । ସେମାନେ କହିଛନ୍ତି ଯେ, ବିଜେଡିର ୧୮ବର୍ଷ ଶାସନ କାଳରେ ଆମ ଅଞ୍ଚଳର ବହୁ ଉନ୍ନତି ଘଟିଛି । ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଲୋକାଭିମୁଖୀ ଯୋଜନାରେ ଆକର୍ଷିତ ହୋଇ ଏଭଳି ନିଷ୍ପତ୍ତି ନେଇଛୁ। ଏହି କାର୍ଯ୍ୟକ୍ରମରେ କାଶୀନଗର ବ୍ଲକ ଅଧକ୍ଷ ସି.ଏଚ୍.ସିମାଦ୍ରୀ, ବରିଷ୍ଠ ବିଜେଡି ନେତା ନୃସିଂହ ଚରଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ।

■ ଏସ୍‌ଏଚ୍‌ଜି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

# ରାଜ୍ୟସ୍ତରରେ ଗଜପତି ଜିଲା ଦ୍ୱିତୀୟ

■ ପୁରସ୍କୃତ କଲେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

■ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ

**ପାରଳାଖେମୁଣ୍ଡି, ୮।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆର୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସ୍ୱାଧା ଦେବ ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ଯଶବନ୍ତୀ ବେହେରା, ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଶାନ୍ତନୁ କୁମାର ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ସୌମ୍ୟା ଗୌଡ, ଡିପିଏମ୍ ଅଜୟ ନାୟକ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ଅଧିକାରୀ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ମନସ୍ତତ୍ତ୍ୱବିତ୍ ଜ୍ୟୋତିର୍ମୟୀ ପାଢୀ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ । ମହିଳା ସ୍ୱୟଂସହାୟିକା ଗୋଷ୍ଠୀସମୂହଙ୍କ ଉଚିତଶ୍ରମ ବିନିଯୋଗ ଓ କାର୍ଯ୍ୟ ପରିଚାଳନା ଯୋଗୁ ରାଜ୍ୟସ୍ତରରେ ଗଜପତି ଜିଲା ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଶୁକ୍ରବାର ଭୁବନେଶ୍ୱରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ ସାମଲଙ୍କଠାରୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଏକ ଶିଲ୍ଡ ସମେତ ୪୫ହଜାର ଟଙ୍କା ପୁରସ୍କାର ଗ୍ରହଣ କରିଥିବା ଅତିରିକ୍ତ ଜିଲାପାଳ କହିଥିଲେ। ଜିଲାସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ୩ଟି ଗୋଷ୍ଠୀଙ୍କୁ ପୁରସ୍କାର ବାବଦ ୧୫ହଜାର ଟଙ୍କା ଲେଖାଏ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲାର ୧୦ହଜାର ୯୪୨ଟି ଏସ୍‌ଏଚ୍‌ଜି ମଧ୍ୟରୁ ଗୁମ୍ମା ବ୍ଲକର ମେର୍, ଆର.ଉଦୟଗିରିର ମା’ଫୁଲକେଶରୀ, ଗୋଷାଣୀ ବ୍ଲକର ଓମ୍‌ସାଇ ଏସ୍‌ଏଚଜିକୁ ପୁରସ୍କାର ଦିଆଯାଇଥିଲା। ଶେଷରେ ଜିଲା ପ୍ରୋଗ୍ରାମ କୋର୍ଡିନେଟର ଯଶୋକାନ୍ତି ବେହେରା ଧନ୍ୟବାଦ ଦେଇଥିଲେ।



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ଗାଁ ପରିକ୍ରମା କରୁଛି ଶୋଭାଯାତ୍ରା।

## ନାରୀଙ୍କ ସମ୍ମାନ, ସୁରକ୍ଷା ଉପରେ ଗୁରୁତ୍ୱ

**କାଶୀନଗର, ୮।୩(ଡି.ଏନ.ଏ.)**

ଗଜପତି ଜିଲା କାଶୀନଗର ବ୍ଲକର ବୁଡିଗୁଡାଠାରେ ଶୁକ୍ରବାର ପ୍ରଗତିଶୀଳ ମହିଳା ସଙ୍ଗଠନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମାବେଶ ଓ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ନାରୀନେତ୍ରୀ ଗୀତାଞ୍ଜଳି ମେଦିଙ୍କ ନେତୃତ୍ୱରେ ଅସ୍ତିନ ମଣ୍ଡଳ, ପୂର୍ଣ୍ଣିମା ଶବର, ଲୁଦି ମଣ୍ଡଳ, ସୁଜାତା ଶବର, ବାସନ୍ତୀ ମେଦି ଓ ମାଳେଶ୍ୱରୀ ଶବର ପ୍ରମୁଖ ଯୋଗଦେଇଥିଲେ। ମହିଳାମାନଙ୍କ ସମ୍ମାନ ଓ ସୁରକ୍ଷା ଉପରେ ନାରୀନେତ୍ରୀ ଗୀତାଞ୍ଜଳି ମେଦି ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନ ସମାଜରେ ପୁରୁଷଙ୍କ ସହ ମହିଳାମାନେ ସମକକ୍ଷ ହୋଇପାରିଛନ୍ତି ବୋଲି ସେ କହିଥିଲେ।

## ‘ସମାଜ ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ପାରଳାଖେମୁଣ୍ଡି, ୮।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହିସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଶୁକ୍ରବାର ଆକାଂକ୍ଷା ସଙ୍ଗଠନ ପକ୍ଷରୁ ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ସଙ୍ଗଠନର ସଭାନେତ୍ରୀ ମିନାକ୍ଷୀ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମାବତୀ ଉପାଧ୍ୟାୟ ଯୋଗଦେଇ ମହିଳାମାନେ କୌଣସି ଗୁଣରେ ପୁରୁଷଙ୍କଠାରୁ କମ୍ ନୁହଁନ୍ତି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଭାଗ୍ୟଲକ୍ଷ୍ମୀ ନାୟକ ଯୋଗଦେଇ ମହିଳାଙ୍କ ଅଧିକାର ଉପରେ ଆଲୋକପାତ କରିବା ସହ ସମାଜ ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ସମ୍ପାଦିକା ପ୍ରଭା ପାଠୀ, ବିଚିତ୍ରାନନ୍ଦ ବେବର୍ତ୍ତା, ବନମାଳୀ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

**ପାରଳାଖେମୁଣ୍ଡି, ୮।୩(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜଳ ବିଭାଜିକା ସମ୍ମିଳନୀ କକ୍ଷରେ କୃଷକମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ନାବାର୍ଡ ଅଧିକାରୀ ସୁଦ୍ୟୁମ୍ନ ପାଲ୍ ଯୋଗଦେଇ କୃଷକମାନେ କିପରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇପାରିବେ ଓ ନିଜ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିପାରିବେ ସେନେଇ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ବିଭିନ୍ନ ଚାଷ ପାଇଁ କି’ କି’ ଋଣ ଦିଆଯାଉଛି ଓ ଏହା କିପରି ଭାବେ ପୈଠ କରାଯାଇପାରିବ ସେ ବିଷୟରେ ବୁଝାଇ ଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ବିଭାଗର ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପରିଚାଳକ ଚିନ୍ତାମଣି ଭୂୟାଁଙ୍କ ସମେତ ପାରଳାଖେମୁଣ୍ଡି ସହରସ୍ଥ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ଲୋକପ୍ରତିନିଧି, ଚାଷୀମାନେ ଉପସ୍ଥିତ ଥିଲେ।

# ପୋଡୁଚାଷ ବନ୍ଦ ପାଇଁ ସଚେତନତା

**କାଶୀନଗର, ୮।୩ (ଡି.ଏନ.ଏ.)**

ଜଙ୍ଗଲ ସୁରକ୍ଷା ଓ ପୋଡୁଚାଷ ବନ୍ଦ ପାଇଁ ଗଜପତି ଜିଲା ବନାଞ୍ଚଳ ତରଫରୁ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। ଶୁକ୍ରବାର କାଶୀନଗର ରେଞ୍ଜ କାର୍ଯ୍ୟାଳୟଠାରେ ରେଞ୍ଜର କାଳି ଚରଣ ବେହେରା ଏହାର ଶୁଭାରମ୍ଭ କରିଛନ୍ତି। ଏଥିରେ ଫରେଷ୍ଟର ଧର୍ମାରାଜୁ ମିଶାଲ, ଫରେଷ୍ଟର ବିଜୟ କୁମାର ମହାରଣା ଓ କର୍ମଚାରୀମାନେ ସାମିଲ ହୋଇ କାଶୀନଗର ଏବଂ ଆଖପାଖ ଗ୍ରାମ ବୁଲି ସଚେତନତା ସୃଷ୍ଟି କରିଥିଲେ। ପୋଡୁ ଚାଷ ଦ୍ୱାରା ଜଙ୍ଗଲ କ୍ଷୟ ହେଉଥିବା, ଜଙ୍ଗଲରେ ଗଛପତ୍ର ନ ପୋଡ଼ିବା, ଜଙ୍ଗଲରେ ନିଆଁ ଲାଗିଲେ ଲିଭାଇବା, ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବା ଆଦି ସଂକ୍ରାନ୍ତରେ ଜନସାଧାରଣଙ୍କୁ ବୁଝାଇଥିଲେ।


ସଚେତନତା ପାଇଁ ବାହାରିଥିବା ଶୋଭାଯାତ୍ରା ।

